R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୮
ତିଥି : ପଞ୍ଚମୀ
୧୪ ଅଗଷ୍ଟ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 308
14 Aug 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ‘ସମୟ’ ଓ ‘ସମୟ ଲାଇଭ’ ପକ୍ଷରୁ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୩।୮ (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସମ୍ବାଦ ପତ୍ର ‘ସମୟ’ ଓ ‘ସମୟ ଲାଇଭ୍’ ପକ୍ଷରୁ ପ୍ରାକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ସ୍ଥାନୀୟ ଓଡ଼େଶା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ‘ଭାରତର ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ସମ୍ପର୍କରେ ବିଭିନ୍ନ ବକ୍ତାମାନେ ନିଜର ମତ ରଖିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ବିଶେଷକରି ଛାପା ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ବୋଲି ସେମାନେ କହିଥିଲେ । ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଗଣମାଧ୍ୟମ ସକରାତ୍ମକ ସମ୍ବାଦ ପରିବେଷଣ ସହ ବ୍ୟବସ୍ଥାର ତ୍ରୁଟି ବିଚ୍ୟୁତିକୁ ସାମ୍ନାକୁ ଆଣିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମୟ ଖବର କାଗଜ ଓ ୱେବ୍ ଚ୍ୟାନେଲ ସମୟ ଲାଇଭ ର ସମ୍ପାଦକ ପପୁ ମହାନ୍ତି ସଭାପତିତ୍ୱ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ସ୍ୱାଗତ ଅଭିଭାଷଣରେ ସ୍ୱାଧୀନତା ପୂର୍ବ ଓ ପରର ଗଣମାଧ୍ୟମର




ଭୂମିକା, ସ୍ଥିତି ଓ ପରିସ୍ଥିତି ଉପରେ ସୂଚନା ଦେଇଥିଲେ । ଏହା ସହିତ ପ୍ରାକ ସ୍ୱାଧୀନତାରେ କଷ୍ଟଲବ୍ଧ ସ୍ୱାଧୀନତା ଓ ମହାମନିଷୀଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋଚନା କରିଥିଲେ । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଉପରେ ଆଲୋଚନା କରିବା ସହ ବିଭିନ୍ନ ସମୟରେ ସରକାର କିପରି ଗଣତନ୍ତ୍ରକୁ କଣ୍ଠରୋଧ କରିଥିଲା ତାର ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ଅଭିଭାଷଣରେ ବର୍ତ୍ତମାନ କିପରି ନିର୍ଦ୍ଦିଷ୍ଟ ଖବର କାଗଜ ଉଦ୍ଦେଶ୍ୟମୂଳକ ଭାବେ ଖବର ପ୍ରକାଶନ କରୁଛନ୍ତି ସେ ସମ୍ପର୍କରେ ମତ ରଖିଥିଲେ । ଖବର କାଗଜ ସମାଜର ଜାଗ୍ରତ ପ୍ରହରି ଓ ଖବର ପ୍ରକାଶନ କରି ସମାଜକୁ ସୁଧାରିପାରିବ ସେ ଦିଗରେ ମତ ରଖିଥିଲେ । ଏହା ସହିତ ସମୟ ଖବର କାଗଜର ନିରପେକ୍ଷତା ଖବରର ପ୍ରଶଂସା କରିଥିଲେ । ନିଜ ବିଭାଗର ସଫଳତା ଉପରେ ମଧ୍ୟ ମନ୍ତ୍ରୀ ଶ୍ରୀ ପାତ୍ର ଅନେକ ସୂଚନା ଦେଇଥିଲେ । ସେହିପରି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସ୍ୱାଧୀନତା ସମୟରେ କଳିଙ୍ଗର ବିଜୟ ଗାଥା, ତ୍ୟାଗ, ଧର୍ମପଦଙ୍କ ଭୂମିକା, ବକ୍ସି ଜଗବନ୍ଧୁଙ୍କ ଲଢୁଆ ମନୋବୃତ୍ତି, ପାଇକ ବିଦ୍ରୋହର ସ୍ମରଣୀୟ ମୁହୂର୍ତ୍ତର ଅବଲୋକନ କରିଥିଲେ। ଏହା ସହିତ ଆଦି କବି ସାରଳା ଦାସ ଓ ଓଡ଼ିଶାର ମହାମନିଷୀମାନେ କିପରି ପ୍ରାକ ସ୍ୱାଧୀନତା ସମୟରେ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେ ସମ୍ପର୍କରେ କହିଥିଲେ । ମନ୍ତ୍ରୀ

### ଭାରତର ସ୍ୱାଧୀନତା ଆନ୍ଦୋଳନରେ ଗଣମାଧ୍ୟମର ଭୂମିକା ଆଲୋଚନା ଚକ୍ର

ସମାଜର ମୁଖ୍ୟସ୍ରୋତରୁ ବିଚ୍ୟୁତ ବା ପଥଭ୍ରଷ୍ଟ ହେଉଥିବା ସବୁ ବର୍ଗର ଲୋକଙ୍କ ପାଇଁ କିପରି ସକାରାତ୍ମକ ଶ୍ରୀ ସ୍ୱାଇଁ କହିଥିଲେ ଯେ ଗଣତନ୍ତ୍ର ହେଉଛି ଲୋକତନ୍ତ୍ରର ଅନନ୍ୟ ପ୍ରତିଫଳନ । (୯ ପୃଷ୍ଠାରେ)

## ତେଲେଙ୍ଗାନାରେ ୩ ଓଡ଼ିଆ ଶ୍ରମିକ ମୃତ

### ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ତେଲେଙ୍ଗାନାରେ ଏକ ସଡକ ଦୁର୍ଘଟଣାରେ ନବରଙ୍ଗପୁର ଜିଲ୍ଲାରେ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଗତ ୧୧ ତାରିଖ ଦିନ ଦାଦନ ଖଟିବାକୁ ଯାଇଥିବା ଝରିଗାଁ ବ୍ଲକ୍ ଉମରକୋଟ ଥାନା ଅର୍ନ୍ତଗତ ପକୋଡାବେଡା ଗ୍ରାମର ଚେତମାନ ଭତ୍ରା, ନାରାୟଣ ଭତ୍ରା, ଜୟରାମ ଭତ୍ରା ରାସ୍ତା ପାର୍ଶ୍ୱରେ ଗଛ ଲଗାଉଥିବାବେଳେ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଏଥିରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ଶବ ତେଲେଙ୍ଗାନାରୁ ଆସି ତାଙ୍କ ଗ୍ରାମରେ ପହଞ୍ଚିବାବେଳେ ସେଠାରେ ଉତ୍ତେଜନା ( ୯ ପୃଷ୍ଠାରେ)

## ଏଲ୍‌ଓସିରେ ଯବାନ ସହିଦ

ନୂଆଦିଲ୍ଲୀ, ୧୩।୮ (ସବ୍ୟୁ) : ଜମ୍ମୁ-କାଶ୍ମୀରର ଉରୀ କ୍ଷେତ୍ରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ପାକିସ୍ତାନ ସେନା ପକ୍ଷରୁ କରାଯାଉଥିବା ଏକ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବାକୁ ଯାଇ ଜଣେ ଯବାନ ସହିଦ ହୋଇଛନ୍ତି । ଅନୁପ୍ରବେଶକାରୀଙ୍କୁ ଅଟକାଇବା ପାଇଁ ଗୁଳି ବିନିମୟରେ ସେନାର ଜଣେ ଯବାନଙ୍କର ଦେହାନ୍ତ ହୋଇଛି । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ପକ୍ଷରୁ ପୁଣି ଏଭଳି ଏକ ଉଦ୍ୟମ କରାଯାଇଥିବା ସୂଚନା ମିଳିଛି । ସେନାର ତଥ୍ୟ ଅନୁଯାୟୀ ଗତ ୧୨ ତାରିଖ ବିଳମ୍ବିତ ରାତ୍ରିରେ ଅନୁପ୍ରବେଶ ଲାଗି ଉଦ୍ୟମ କରାଯାଇଥିଲା । ମାତ୍ର ଯେଉଁ ଧାରରେ ଅନୁପ୍ରବେଶ ଉଦ୍ୟମ ହୋଇଥିଲା ଏହା ତାହାଠୁ ଭିନ୍ନ ଥିଲା । ପାକିସ୍ତାନ ସେନା ପକ୍ଷରୁ ( ୯ ପୃଷ୍ଠାରେ)

## ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ

ଭୁବନେଶ୍ୱର, ୧୩।୮ (ସବ୍ୟୁ): ୩ ଦିନ ହେଲା ଅମଲା ସଂଘ ସମୂହ ଛୁଟି ନେଇ ବିଭିନ୍ନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ପ୍ରସଙ୍ଗରେ ଅମଲା ସଂଘକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପୁଜାରୀ କହିଛନ୍ତି, ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ । ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକୀୟ ପଦକ୍ଷେପ ନେବେ ସରକାର । ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ । କାମ ନ କଲେ ଦରମା ବନ୍ଦ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ୟାଡର (୯ ପୃଷ୍ଠାରେ)

## ପଞ୍ଚାୟତ ପୁନର୍ଗଠନ ହେବ : ମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ପଞ୍ଚାୟତ ଓ ବ୍ଲକର ପୁନର୍ଗଠନ କରିବେ ରାଜ୍ୟ ସରକାର । ୨୦୨୭ ମସିହା ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ । ୨୦୨୯ ପୂର୍ବରୁ ବ୍ଲକ୍ ପୁନର୍ଗଠନ ହେବ । ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ସେ କହିଛନ୍ତି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ । ଏନେଇ ଏକ କମିଟି ମଧ୍ୟ ଗଠନ କରାଯିବ । ଏହାସହ ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ ପୁନର୍ଗଠନ ହେବ । ମଙ୍ଗଳବାର ରାଜ୍ୟପାଳ ଏ ବିଷୟରେ ଆଲୋଚନା କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି । ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସଙ୍ଗରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକ ପ୍ରତିକ୍ରିୟା ରଖି କହିଛନ୍ତି, ଲୋକଙ୍କ ସୁବିଧା ଲାଗି ସରକାର ଏହା କରିଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ ସଂଶୋଧନ କରାଯାଇଥାଏ । ଲୋକଙ୍କ ହିତ ଏବଂ ରାଜ୍ୟର ବିକାଶ ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି । ଏହା କାହା ପ୍ରତି କୁଠାରଘାତ ନୁହେଁ । ଜଣେ ପ୍ରତିନିଧି ଲୋକ ଏବଂ ଅଞ୍ଚଳ ପାଇଁ ନିର୍ବାଚିତ ହୋଇଥାଏ, ଯେତେବେଳେ ଲୋକଙ୍କର କିମ୍ବା ଅଞ୍ଚଳର ( ୯ ପୃଷ୍ଠାରେ)

## ରାଜନଗର ଗଣଦୁଷ୍କର୍ମ ମାମଲାରେ ଆଉ ୪ ଗିରଫ

ରାଜନଗର, ୧୩।୮ (ସବ୍ୟୁ) : ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ବର୍ବର ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ପୋଲିସ ଏକା ସାଙ୍ଗରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି କେବଳ ପିଉଶାଙ୍କୁ କୋର୍ଟ ଚାଲାଣ କରିଥିଲା । ଅନ୍ୟ ୪ ଅଭିଯୁକ୍ତଙ୍କୁ ଛାଡିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ସ୍ତରରେ ଚାପ ପଡିଥିଲା। ୪ ଅଭିଯୁକ୍ତଙ୍କ ନାଁରେ ପୀଡ଼ିତା ନିଜେ ଲିଖିତ ଅଭିଯୋଗ କରିଥିଲା। ଏହି ଘଟଣାକୁ ନେଇ ପ୍ରତିକ୍ରିୟା ବଢିବାରେ ଲାଗିଥିଲା । ଶେଷରେ ଆଜି ପୋଲିସ ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁନ୍ଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ (୨୦ ବର୍ଷ ), ଦୀପକ କୁମାର ଦାଶ ( ୨୦ ବର୍ଷ ), ସୌରଭ ଦାଶ (୨୫ ବର୍ଷ) ଓ ଆଲୋକ ସାହୁ ( ୧୯ ବର୍ଷ ) ଙ୍କୁ ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫ ରେ ମାମଲା କରିବା ସହ ଆଜି ( ୯ ପୃଷ୍ଠାରେ)

# ୩୮ ମଡେଲ ମଣ୍ଡି ଲାଗି ୩୦୦ କୋଟି

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ଆଗାମୀ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ବିକଶିତ କରାଯିବ। ଏଥିମଧ୍ୟରୁ ୧୪ଟି ବୃହତ, ୧୭ ମଧ୍ୟମ ଓ ୭ କ୍ଷୁଦ୍ର ମଣ୍ଡି ଅନ୍ତର୍ଭୁକ୍ତ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୬୨ ମଣ୍ଡିକୁ ଏଥିନିମନ୍ତେ ଚୟନ କରାଯିବ । ୩୮ ମଡେଲ ମଣ୍ଡି ପାଇଁ ସମବାୟ ବିଭାଗ ପ୍ରାରମ୍ଭିକ ଭାବେ ୩୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥି ମଧ୍ୟରୁ ନିୟନ୍ତ୍ରିତ ବଜାର କମିଟି ନିଜସ୍ୱ ଅର୍ଥରୁ ୧୫୦ କୋଟି ଓ ରାଜ୍ୟ ସରକାର ୧୫୦ କୋଟି ବ୍ୟବସ୍ଥା କରିବେ । ୨୦୨୫ ଆର୍ଥିକ ବର୍ଷରେ ସମବାୟ ବିଭାଗ ବଜେଟରେ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟରେ ୬



ବିଭାଗର ୭ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେ କହିଥିଲେ ଯେ କ୍ୟାବିନେଟ୍‌ରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ସମବାୟ ବିଭାଗ, ଅର୍ଥ ବିଭାଗ, ବାଣିଜ୍ୟ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଓ ନରଗ ଉନ୍ନୟନ ବିଭାଗର ଦୁଇଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କ୍ୟାବିନେଟ୍ ଅନୁମୋଦନ ଅନୁଯାୟୀ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫ପ୍ରସ୍ତୁତ ହୋଇଛି । ଏଥିରେ କନିଷ୍ଠ ସହାୟକ କ୍ୟାଡର, ବରିଷ୍ଠ ସହାୟକ, ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ, ପ୍ରତିଷ୍ଠାନ ଅଧିକାରୀ ( ୯ ପୃଷ୍ଠାରେ)

- କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ମଞ୍ଜୁର
- ୨ ବର୍ଷରେ କାର୍ଯ୍ୟ ଶେଷ ହେବ
- ଭୁବନେଶ୍ୱର ବିମାନବନ୍ଦରରେ ଏମ୍‌ଆର୍‌ଓକୁ ମଞ୍ଜୁର
- ସମ୍ବଲପୁରରେ ପାନୀୟ ଜଳ ଯୋଗାଣ ଲାଗି ୩୮୨ କୋଟିର ପ୍ରକଳ୍ପ
- ଏଲ୍‌ଇଡି ରାସ୍ତା ଆଲୋକୀକରଣ ଲାଗି ୩୫୦ କୋଟି
- ଓଡ଼ିଶା ମିନିଷ୍ଟରିଆଲ ସର୍ଭିସେସ୍ ରୁଲ୍‌କୁ ଅନୁମୋଦନ
- ଓଡ଼ିଶା ନର୍ସିଂ ଏଜୁକେଶନ ସର୍ଭିସ୍ ରୁଲ୍ ଅନୁମୋଦିତ
- ଓଡ଼ିଶା ମ୍ୟୁଜିୟମ୍ କ୍ୟୁରୋଟୋରିଆଲ ସର୍ଭିସେସ୍ ରୁଲ୍ ମଞ୍ଜୁର

### ପୁନେ କୋର୍ଟରେ ଆବେଦନ

# ରାହୁଲଙ୍କ ଜୀବନ ପ୍ରତି ବିପଦ !

ନୂଆଦିଲ୍ଲୀ, ୧୩ ।୮ : ରାହୁଲ ଗାନ୍ଧିଙ୍କ ଜୀବନ ପ୍ରତି ବିପଦ ରହିଛି । ସବରକର ମାନହାନି ମାମଲାର ଅଭିଯୋଗକାରୀ ଓ ନାଥୁରାମ ଗଡ୍‌ସେଙ୍କ ପରିବାର ସହ ସମ୍ପର୍କ ଥିବାରୁ ତାଙ୍କ ଜୀବନ ପ୍ରତି ଏଭଳି ବିପଦର ଆଶଙ୍କା କରାଯାଉଛି ବୋଲି ରାହୁଲଙ୍କ ଓକିଲ ପୁନେ କୋର୍ଟରେ କହିଛନ୍ତି । ପୁନେ କୋର୍ଟରେ ତାଙ୍କ ଓକିଲ ଦର୍ଶାଇଛନ୍ତି ଯେ ରାହୁଲଙ୍କ ବିରୋଧରେ ମାନହାନି ଅଭିଯୋଗ ଆଣିଥିବା ବ୍ୟକ୍ତି ଜଣକ ଚେତାବନୀ ଦେଇ କହିଛନ୍ତି ଯେ ମହାତ୍ମା ଗାନ୍ଧି ହତ୍ୟା ଇତିହାସର ଆଉଥରେ ପୁନରାବୃତ୍ତି ନହେଉ ।

ରାହୁଲଙ୍କ ପକ୍ଷରୁ ତାଙ୍କ ଓକିଲ ମିଲଣ୍ଡ ପାୱାର କୋର୍ଟରେ ଦର୍ଶାଇଛନ୍ତି ଯେ ଅଭିଯୋଗକାରୀ



ସିଧାସଳଖ ନାଥୁରାମ ଗଡ୍‌ସେ ପରିବାରଙ୍କ ସହ ସମ୍ପର୍କରେ ଅଛନ୍ତି । ହିଂସାର ଇତିହାସ ଓ ଅଣସାମ୍ବିଧାନିକ ବ୍ୟବସ୍ଥା ସହ ସେମାନଙ୍କର ସମ୍ପର୍କ ରହିଛି । ଏହା ସହ ଅନ୍ୟ କିଛି ତଥ୍ୟ ମଧ୍ୟ ସେ ପ୍ରଦାନ କରିଛନ୍ତି । ଯାଚିକାରେ ଉଲ୍ଲେଖ କରାଯାଇଛି ଯେ ରାହୁଲ ଗାନ୍ଧିଙ୍କ ପକ୍ଷରୁ ସୁରକ୍ଷା ଲାଗି ଆଗୁଆ ସତର୍କତା ପାଇଁ ଏହି ଯାଚିକା ଦାଖଲ କରାଯାଉଛି । ବର୍ତ୍ତମାନ ରାଜନୈତିକ ପାଣିପାଗ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ । ରାହୁଲଙ୍କ ଓକିଲ ଦର୍ଶାଇଛନ୍ତି ଯେ ସାତ୍ୟକୀ ସବରକର ରାହୁଲଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନର ରାଜନୈତିକ ବାତାବରଣରେ ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ପ୍ରଭାବିତ କରିବା ପାଇଁ ଓ ଚାପ ପକାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ସାତ୍ୟକୀ ସ୍ୱୀକାର କରିଛନ୍ତି ଯେ ନାଥୁରାମ ଗଡ୍‌ସେ ଓ ଗୋପାଳ ଗଡ୍‌ସେଙ୍କ ପରିବାର ସହ ତାଙ୍କର ସମ୍ପର୍କ ରହିଛି । ଯେଉଁମାନେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ହତ୍ୟା ଅଭିଯୋଗ ସହ ସମ୍ପୃକ୍ତ । ୨୦୨୨ ନଭେମ୍ବର ୧୭ରେ ସବରକରଙ୍କ ଉପରେ ରାହୁଲ ଭାରତ ଯୋଡ୍ ଯାତ୍ରା ସମୟରେ ମହାରାଷ୍ଟ୍ରର ଆକୋଲା ଜିଲ୍ଲାରେ ଦେଇଥିବା ମନ୍ତବ୍ୟକୁ ନେଇ ମାନହାନି ମାମଲା ଦାଏର କରାଯାଇଛି । ରାହୁଲ ଉଲ୍ଲେଖ କରିଥିଲେ ଯେ ବ୍ରିଟିଶ ସରକାରଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରି ଉପନିବେଶବାଦ ସରକାରରୁ ପେନସନ ପାଉଥିଲେ । ତେଣୁ ଏହା ସତ୍ୟ ଯେ ଏବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି । ଯେଉଁ ହିଂସାର ଇତିହାସ ସୃଷ୍ଟି ହୋଇଥିଲା ତାହା ସହିତ ଆବେଦନକାରୀଙ୍କ ସମ୍ପର୍କ ରହିଛି । ଇତିହାସକୁ ପୁଣିଥରେ ପୁନରାବୃତ୍ତି ନହେଉ । ରାହୁଲ ପୁଣି ଦର୍ଶାଇଛନ୍ତି ଯେ ଭୋଟ ଚୋରି ଅଭିଯୋଗରେ ଏବେ ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ଉତ୍‌କ୍ଷିପ୍ତ ଅଛନ୍ତି । (୯ ପୃଷ୍ଠାରେ)

## ବିହାର ଏସ୍‌ଆଇଆର ଭୋଟର ଅନୁକୂଳ

ନୂଆଦିଲ୍ଲୀ, ୧୩ ।୮ : ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ଭୋଟର ଅନୁକୁଳ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଆଧାର ବାଦ୍ ପଡିଲେ ବି ପରିଚୟ ପ୍ରମାଣପତ୍ର ଲାଗି ଅନ୍ୟ ବ୍ୟବସ୍ଥା ରହିଛି । ଆଧାର ବାଦ୍ ପଡିବା ନେଇ ଯେଉଁ ଚିନ୍ତାବ୍ୟକ୍ତ କରାଯାଉଛି, ତାହାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି ।



ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ପରିଚୟ ପାଇଁ ଅଧିକ ତଥ୍ୟ ଲୋଡାଯାଇଛି । ଆମେ ବୁଝିବା ଦରକାର ଯେ ଆଧାର ବ୍ୟତୀତ ଅନ୍ୟ ତଥ୍ୟକୁ ମଧ୍ୟ ଗ୍ରହଣ କରାଯାଉଛି । ଏସ୍‌ଆଇଆର୍ ହେଉଛି ଭୋଟର ଅନୁକୁଳ ବୋଲି ଖଣ୍ଡପୀଠ ଅନୁଭବ କରୁଛନ୍ତି । ଫର୍ମ ୭ରେ ଏବେ ୧୧ ତଥ୍ୟ ମଗାଯାଉଛି । ନାମ ଦାଖଲ ପାଇଁ ଏହାକୁ ପରୀକ୍ଷାନିରୀକ୍ଷା କରାଯାଉଛି । ତାଲିକାରେ ନାମ ଯୋଡିବା ପାଇଁ ଏକ ବୈଧାନିକ ଫର୍ମରେ ରହିବା ଆବଶ୍ୟକ । ତେବେ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଆବେଦନକାରୀଙ୍କ ପକ୍ଷରୁ ତଥ୍ୟ ରଖି କହିଥିଲେ ଯେ ନିର୍ବାଚନ କମିଶନ ନାଗରିକତ୍ୱର ପ୍ରମାଣ ମାଗୁଛନ୍ତି । ନିର୍ବାଚନ କମିଶନ ନାଗରିକ ପ୍ରମାଣପତ୍ର ମାଗିପାରିବେ କି ? ଜଣେ ବ୍ୟକ୍ତି ଅଭିଯୋଗ କଲେ ତାହାକୁ ଦର୍ଶାଯାଉନାହିଁ । ଇଆର୍‌ଓ ନୋଟିସ୍ ଦେଉଛନ୍ତି ଏବଂ ସେମାନଙ୍କୁ ଏହାର ଜବାବ ଦେବାପାଇଁ ସମୟ ଦେବା ଦରକାର । ଦୁଇ ମାସ ମଧ୍ୟରେ ଏଭଳି କାର୍ଯ୍ୟ କିଭଳି ହୋଇପାରିବ । ଏସ୍‌ଆଇଆର୍ ଫର୍ମ ଡିସେମ୍ବର ପରେ ହେଉ ଓ ବର୍ଷତମାମ୍ ଚାଲିଲେ ଏହା ବିରୋଧରେ କେହି ରହିବେ ନାହିଁ । ଫର୍ମ ୬ରେ (୯ ପୃଷ୍ଠାରେ)

## ଟ୍ରାଫିକ ଜଗୁଛି ରୋବଟ

ଚୀନ ସବୁବେଳେ ତାର ଉନ୍ନତ ଜ୍ଞାନକୌଶଳ ପାଇଁ ଖୁବ ଭାଇରାଲ ହୋଇଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଦେଖିବାକୁ ମିଳୁଛି ଗୋଟିଏ ରୋବଟ ସେଠିକାର ଟ୍ରାଫିକ ଜଗୁଛି । ରୋବଟଟି ପୋଲିସ ପୋଷାକରେ ଏହି କାର୍ଯ୍ୟ କରୁଛି । ଅବିକଳ ଟ୍ରାଫିକ୍ ପୋଲିସଙ୍କ ଭଳି ହାତ ଦେଖାଇ ଗାଡି ଗୁଡିକୁ ସେ ସଙ୍କେତ ଦେଉଥିବାର ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଏହି ରୋବଟଟି ତାର ଟ୍ରାଏଲ ଫେଜରେ ଥିବା ଜଣା ପଡିଛି । ଭିଡିଓଟି ଏକ୍ସରେ ପୋଷ୍ଟ ହେବା ପରେ ଖୁବ ଭାଇରାଲ ହେଉଛି । ଲୋକମାନେ ଚୀନର ଜ୍ଞାନକୌଶଳ ବ୍ୟବହାରର ଦକ୍ଷତାକୁ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଚୀନ ବର୍ତ୍ତମାନ ୨୦୫୦ ମସିହାରେ ବଞ୍ଚିବା ଆରମ୍ଭ କରିଥିବା କିଛି ୟୁଜର୍ସ ମତ ଦେଉଛନ୍ତି ।



## ସୋସିଆଲ କୋଟ୍ସ



" ମୋତେ ମଧ୍ୟ ଯୋଜନା କରାଯାଇ ସମସ୍ୟାରେ ପକାଯାଇଛି । କୌଣସି କାରଣ ନଥାଇ ଏକଦା ମୋ ଉପରେ ଖରାପ ଡ୍ରାଇଭିଂର ଅଭିଯୋଗ ଲଗାଯାଇଛି ।

ରବିନା ଟଣ୍ଡନ୍, ଅଭିନେତ୍ରୀ



" ମୋତେ ବେଳେବେଳେ ସୁଶାନ୍ତଙ୍କ ଉପସ୍ଥିତି ଅନୁଭୂତ ହୋଇଥାଏ । ହେଲେ ଲୋକ ମୋତେ ସବୁବେଳେ କିଛି ଭୟ ଲାଗୁଥିବା ଘଟଣା ଘଟିଛି କି ବୋଲି ପଚାରନ୍ତି । ହେଲେ ସେଭଳି କୌଣସି ଘଟଣା କେବେ ବି ହୋଇ ନାହିଁ ।

ଅଦା ଶର୍ମା, ଅଭିନେତ୍ରୀ



" ଗୀତକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମୋତେ ପେଟରେ ରୁଟି ସେକିବାକୁ କୁହା ଯାଇଥିଲା । ହେଲେ ଏହା ମୋତେ ଅଜବ ଲାଗିଥିଲା, ତେଣୁ ମୁ ମନା କରିଦେଇଥିଲି ।

ମଲ୍ଲିକା ଶେରାବତ, ଅଭିନେତ୍ରୀ



## ବ୍ରେକଅପ୍ ହୋଇଥିଲେ ମିଳିବ ଚାକିରି

ବିଭିନ୍ନ କମ୍ପାନୀ ଗୁଡିକ ଚାକିରି ଆଶାୟୀଙ୍କ ପାଇଁ ବିଭିନ୍ନ ପ୍ରକାରର ନିୟମ ରଖିଥାଆନ୍ତି । ସେମାନଙ୍କୁ ଚାକିରିରେ ରଖିବା ପୂର୍ବରୁ ବିଭିନ୍ନ ପ୍ରକାରର ପ୍ରମାଣ ପତ୍ର ମଗାଯାଇଥାଏ ଯାହା ସେମାନଙ୍କର ଯୋଗତ୍ୟାକୁ ଦର୍ଶାଇଥାଏ । ତେବେ ବର୍ତ୍ତମାନ ଗୋଟିଏ କମ୍ପାନୀର ଚାକିରି ପ୍ରଦାନ କରିବାର ପ୍ରକ୍ରିୟା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ମୁତାବକ ଏହି କମ୍ପାନୀରେ ଚିଫ୍ ଡେଟିଂ ଅଫିସରର ପଦବୀ ପାଇଁ ବିଜ୍ଞାପନ ବାହାରିଛି । ଏହି ପୋଷ୍ଟର କାମ ଲୋକଙ୍କୁ ଡେଟିଂକୁ ନେଇ ପରାମର୍ଶ ଦେବା । ତେବେ ଏଥିପାଇଁ ପ୍ରାର୍ଥୀଙ୍କର ଜୀବନରେ ବ୍ରେକ୍ଅପ ହୋଇଥିବାର ଆବଶ୍ୟକତା ରହିଛି । ସେମାନଙ୍କ ପାଖରେ ବ୍ରେକଅପର ଅନୁଭୂତି ଥିଲେ ସେ ଏହି ପଦବୀରେ ସଠିକ୍ ଢଙ୍ଗରେ କାର୍ଯ୍ୟ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ମତ ଦିଆଯାଇଛି ।




## କେତେ ଖର୍ଚ୍ଚ କରନ୍ତି ଫାଷ୍ଟ ଫୁଡ଼ରେ

ଆଜିକାଲି ଫାଷ୍ଟ ଫୁଡ ଖାଇବା ଧୀରେଧୀରେ ବଢି ଚାଲିଛି । ସମସ୍ତେ ପ୍ରତି ସପ୍ତାହକୁ ଦୁଇ ତିନି ଦିନ ଏହାକୁ ଖାଇବା ସହିତ ଏଥିରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ତେବେ ନିକଟରେ ବିଶ୍ୱସ୍ତରରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ କେଉଁ ଦେଶର ଲୋକ ଫାଷ୍ଟଫୁଡରେ କେତେ ଖର୍ଚ୍ଚ କରନ୍ତି ସେ ନେଇ ସୂଚନା ରହିଥିଲା । ଏହି ତାଲିକାରେ ଭାରତର ସ୍ଥାନ ୧୩ତମ ସ୍ଥାନରେ ରହିଛି । ସର୍ଭେ ଅନୁସାରେ ଭାରତରେ ବାର୍ଷିକ ୭,୧୪୫.୮୪ କୋଟିର ରେଭିନ୍ୟୁ ମିଳିଥାଏ । ଯାହା ଭାରତର ଫୁଡ୍ ମାର୍କେଟର ଗ୍ରୋଥକୁ ଦର୍ଶାଉଛି । ସେହିଭଳି ଏହି ତାଲିକାରେ ଆମେରିକା, ଚୀନ, ସ୍ୱିଡେନ୍, ମେକ୍ସିକୋ, ସାଉଥ କୋରିଆ ଭଳି ରାଷ୍ଟ୍ର ସାମିଲ ଅଛନ୍ତି । ଭାରତରେ ବର୍ତ୍ତମାନ ଫୁଡ୍ ମାର୍କେଟ୍ ଖୁବ କ୍ଷୀପ୍ରଭାବେ ଗ୍ରୋଥ କରୁଥିବା ଦେଖିବାକୁ ମିଳୁଛି । ଭାରତୀୟଙ୍କ ଆଗ୍ରହ ଫାଷ୍ଟଫୁଡ ପାଇଁ ବଢୁଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି ।



## ଏ.ଆଇ ସହ ପ୍ରେମ



ଆଜିକାଲି ଏ.ଆଇର ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ଖୁବ ଅଧିକ ବଢିଛି । ଘରେ ଖାଦ୍ୟ ରାନ୍ଧିବା ଠାରୁ ଅଫିସ୍‌ରେ କାମ କରିବା ସମୟରେ ଆମେ ଏଆଇ ଠାରୁ ସାହାଯ୍ୟ ନେଉଛେ । ତେବେ ନିକଟରେ ଏକ ଘଟଣା ଖୁବ ଭାଇରାଲ ହେଉଛି, ଯେଉଁଥିରେ ଜଣେ ଯୁବତୀ ଏଆଇ ସହିତ ନିର୍ବନ୍ଧ କରିଛନ୍ତି । କିଛି ମାସର ଡେଟିଂ ପରେ ସେ ଏହି ନିଷ୍ପତ୍ତି ନେଇଥିବା ଜଣା ପଡିଛି । ନିଜର ସୋସିଆଲ ମିଡିଆରେ ସେ ଏନେଇ ସୂଚନା ଦେଇଛନ୍ତି । ତାଙ୍କ ପୋଷ୍ଟଟି ଖୁବ ଭାଇରାଲ ହେବାରେ ଲାଗିଛି, ଲୋକମାନେ ଏଭଳି ନିଷ୍ପତ୍ତି ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ମଣିଷଙ୍କ ଜୀବନରେ ଚାଟ୍ ଜିପିଟିର ଏଭଳି ଦଖଲ କିଛିଜଣଙ୍କୁ ଚିନ୍ତାରେ ମଧ୍ୟ ପକାଇଛି ।

## ଇତିହାସ

୧୭୬୨– ବମ୍ବେ ହାଇକୋର୍ଟର ସ୍ଥାପନା ।
୧୯୧୭– ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଚୀନ୍‌ର ଯୁଦ୍ଧ ଘୋଷଣା ।
୧୯୨୪– ପ୍ରସିଦ୍ଧ ଲେଖକ ଏବଂ ପତ୍ରକାର କୁଲଦୀପ ନାୟରଙ୍କ ଜନ୍ମ ।
୧୯୩୫– ସାମାଜିକ ସୁରକ୍ଷା ଅଧିନିୟମ ଉପରେ ଆମେରିକୀୟ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ବେଲ୍ଟଙ୍କ ସ୍ୱାକ୍ଷର ।
୧୯୩୮– ବିବିସିର ପ୍ରଥମ ଫିଚର ଫିଲ୍ମ ଷ୍ଟୁଡେଣ୍ଟ୍ ଅଫ୍ ପ୍ରାଗ୍ ଟେଲିଭିଜନ୍‌ରେ ପ୍ରସାରିତ ।
୧୯୪୫– ମହମ୍ମଦ ଅଲ୍ଲୀ ଜିନ୍ନା ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ହେଲେ ।
୧୯୪୭– ଭାରତ-ପାକିସ୍ତାନ ବିଭାଜନ ।
୧୯୬୮– ମୋରାରଜୀ ଦେଶାଇଙ୍କୁ ପାକିସ୍ତାନର ସର୍ବୋଚ୍ଚ ନାଗରିକ ସମ୍ମାନ ନିଶାନ-ଏ-ପାକିସ୍ତାନରେ ସମ୍ମାନିତ କରାଗଲା ।
୧୯୭୧– ୧୧୦ ବର୍ଷ ପରେ ବାହରିନ୍‌କୁ ବ୍ରିଟିଶ ଶାସନରୁ ସ୍ୱାଧୀନତା ମିଳିଲା ।
୨୦୧୦– କାବୁଲରେ ସହିଦ ହୋଇଥିବା ଭାରତୀୟ ସେନା ଚିକିତ୍ସା କୋର୍‌ର ମେଜର ଏଲ୍ ଜ୍ୟୋତିନ ସିଂହଙ୍କୁ ଅଶୋକ ଚକ୍ର ଏବଂ ବିନୋଦ ଚୋବେ ଓ ମେଜର ଦବିନ୍ଦ୍ର ସିଂହ ଜସଙ୍କୁ କୀର୍ତ୍ତି ଚକ୍ର ପ୍ରଦାନ ପାଇଁ ଘୋଷଣା ।
୨୦୧୨– ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖଙ୍କ ଦେହାନ୍ତ ।

## ଅସରପା କ୍ଷୀର ପୁଷ୍ଟିକର !

ଅସରପାକୁ ଘରେ ଦେଖିଲେ ସମସ୍ତେ ଘୃଣା କରିବା ସହିତ ଏହାକୁ ମାରିବାକୁ ଚେଷ୍ଟା କରନ୍ତି । ଏହାକୁ ରୋଗର ଗନ୍ତାଘର ବୋଲି ତୁଳନା କରାଯାଇଥାଏ । ହେଲେ ଅସରପାର ଖୀର ବେଶ ପୁଷ୍ଟିକର ବୋଲି ନିକଟରେ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହା ଗାଈ ଖୀରଠାରୁ ମଧ୍ୟ ପୁଷ୍ଟିକର ବୋଲି ବୈଜ୍ଞାନିକ ଦାବି କରିଛନ୍ତି । ଅସରପାର ଡିପ୍ଲୋପେଟରା ପୁଂକଣ୍ଟାଟା ପ୍ରଜାତିର ଅସରପାଙ୍କ ପାଖରୁ ମିଳୁଥିବା ଖୀରରେ ଅଧିକ ପୋଷକ ତତ୍ତ୍ୱ ରହୁଥିବା ନେଇ ଦାବି ହେଉଛି । ଏହି ଖୀରରେ ପ୍ରୋଟିନ୍, ଫ୍ୟାଟ୍ ଓ ସୁଗାର ଭରପୁର ମାତ୍ରାରେ ରହିଥାଏ । ହେଲେ ଏହାକୁ ମଣିଷଙ୍କ ଖାଦ୍ୟ ଭାବେ ବ୍ୟବହାରର କରିବା ନେଇ କୌଣସି ତଥ୍ୟ ନାହିଁ ।



ସେହିଭଳି ଏହାକୁ ମଣିଷଙ୍କ ଖାଦ୍ୟ ଭାବେ ବ୍ୟବହାର ପାଇଁ ପରାମର୍ଶ ମଧ୍ୟ ନାହିଁ । ସେହିଭଳି ଏହାର ସେଭଳି ବଡଧରଣର ଟେଷ୍ଟିଂ ମଧ୍ୟ ହୋଇନାହିଁ ତେଣୁ ଏହା ଏକ ତଥ୍ୟ ହୋଇ ରହିଯାଇଛି । ଏହା ମଣିଷଙ୍କ ପାଇଁ ସୁରକ୍ଷିତ କି ନାହିଁ ସେ ନେଇ ମଧ୍ୟ ପ୍ରମାଣ ମିଳି ପାରି ନାହିଁ ।

## ବଢୁଛି ବାଣୀଙ୍କ ଅଡୁଆ

ଫିଲ୍ମ ଗୁଲାଲକୁ ନେଇ ଦୀର୍ଘ ଦିନରୁ ବିବାଦ ଜାରି ରହିଛି । ଏଥିରେ ପାକିସ୍ତାନ ଅଭିନେତା ଫବାଦ ଖାନ୍‌ଙ୍କ ସହିତ ବଲିଉଡ ଅଭିନେତ୍ରୀ ବାଣୀ କପୁର ଅଭିନୟ କରିଛନ୍ତି । ହେଲେ ପହଲଗାମ୍ ଆକ୍ରମଣ ପରେ ଫିଲ୍ମଟିକୁ ଭାରତରେ ରିଲିଜ୍ କରିବାକୁ ମନା କରିଦିଆଯାଇଛି, ଯାହାପରେ ବିବାଦ ଲାଗି ରହିଛି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଏହି ଫିଲ୍ମଟିକୁ ବିଶ୍ୱସ୍ତରୀୟ ରିଲିଜ୍ କରାଯିବ । ୨୯ ଅଗଷ୍ଟରେ ଏହି ରିଲିଜ୍ ହେବା ନେଇ ସୂଚନା ରହିଛି । ଭାରତରେ ବ୍ୟାନ ଲାଗିଥିବାରୁ ଭାରତ ଛଡା ଅନ୍ୟ ସବୁଠାରେ ଏହା ରିଲିଜ୍ ହେବ । ହେଲେ ଏହି ଖବର ଜଣା ପଡିବା ପରେ ଏଆଇଡବ୍ଲ୍ୟୁସିଏ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ପାଖୁ ଚିଠି ଲେଖି ଏହାର ବିରୋଧ କରିଛି ସଂସ୍ଥା, ଏଥିସହିତ ବାଣୀ କପୁର, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ନାଗରିକତା ରଦ୍ଦ ପାଇଁ ମଧ୍ୟ ଏହି ଚିଠିରେ ଦାବି କରାଯାଇଛି । ପୂର୍ବରୁ ମଧ୍ୟ ବାଣୀ କପୁରଙ୍କୁ ଏହି ଫିଲ୍ମ ପାଇଁ ବିରୋଧ ସହିବାକୁ ପଡିଛି ।

## ଗାର୍ଲିକ ଚିକେନ୍

**ସାମଗ୍ରୀ–** ଚିକେନ୍ ବ୍ରେଷ୍ଟ, ଶୁଖିଲା ଲଙ୍କା, ରସୁଣ ଗୋଟିଏ ବୁଦା ଚୋପା ଛଡା, ବଟର, ସୋୟା ସସ୍, ଚିକେନ୍ ମସଲା, ୱାଇନ୍, କଟା ପିଆଜ, ଲାଲ କ୍ୟାପସିକମ୍, ଅଣ୍ଡା, କର୍ଣ୍ଣଫ୍ଲୋର୍, ସୋୟା, ଧଳା ମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚିକେନ୍ ବ୍ରେଷ୍ଟକୁ ଅଣ୍ଡା,ଲୁଣ ଓ କର୍ଣ୍ଣଫ୍ଲୋର ଦେଇ ଗୋଳାଇ ରଖିଦିଅନ୍ତୁ । ଏହାପରେ ଏହି ଖଣ୍ଡ ଗୁଡିକୁ ତେଲରେ ଛାଣି ନିଅନ୍ତୁ । ଆଉ ଏକ ପ୍ୟାନରେ ତେଲରେ ଶୁଖିଲା ଲଙ୍କା ଓ ରସୁଣ ପକାନ୍ତୁ । ଏହାକୁ ଅଳ୍ପ ସମୟ ପାଇଁ ଭାଜନ୍ତୁ । ତାପରେ ଏଥିରେ ବଟର, ସୋୟାସସ୍, ଚିକେନ୍ ଗୁଣ୍ଡ, ୱାଇନ୍ ପକାନ୍ତୁ । ଅଳ୍ପ ସମୟରେ ପରେ ଏଥିରେ ଚିକେନ୍, ପିଆଜ, କ୍ୟାପସିକମ୍, ପିଆଜ ସଣ୍ଢା ପକାଇ ଅଳ୍ପ ସମୟ ଭାଜି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଗାର୍ଲିକ୍ ଚିକେନ୍ ।



# ସମୟ ଲାଇଭ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଝଲକ


ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ଅତିଥି ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ


ଉଦ୍‌ବୋଧନ ଦେଉଛନ୍ତି ସମ୍ମାନୀତ ଅତିଥି ତଥା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର


ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ସମ୍ପାଦକ ପପୁ ମହାନ୍ତି


ବକ୍ତବ୍ୟ ପ୍ରଦାନ କରୁଛନ୍ତି ମୁଖ୍ୟ ଅତିଥି ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର


ସମ୍ମାନୀତ ଅତିଥି ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ଜେନେରାଲ ମ୍ୟାନେଜର ପ୍ରଦୀପ୍ତ ଲେଙ୍କା


ଶିଳ୍ପମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ


କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିଗଣ

## ରାସ୍ତା କଡ଼ ଶୁଖିଲା ଆମ୍ବ ଗଛ କାଟିବାକୁ ଦାବି

ଆଠଗଡ,(ସବ୍ୟୁ): ଆଠଗଡ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଛେନାଖିଆନୂଆଗାଁ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା କଡରେ ଦୀର୍ଘ ଦିନ ଧରୀ ଏକ ବିରାଟ କାୟ ଶୁଖିଲା ଆମ୍ବ ଗଛ ବିପଦ ସଂକୁଳ ଅବସ୍ଥାରେ ଅଛି, ଆଉ ଏହି ବିପଦ ସଂକୁଳ ରାସ୍ତା ଦେଇ ଦୈନଦିନ ହଜାର ହଜାର ଯାତ୍ରୀ, ସ୍କୁଲ କଲେଜର ଛାତ୍ର ଛାତ୍ରୀ ମାନେ ସାଇକେଲ ମଟର ସାଇକେଲ ଯାତାୟାତ କରିବା ସହିତ ମୋବସ ଓ ଲକ୍ଷ୍ମୀ ବସ ମଧ୍ୟ ଯାତାୟାତ କରିଥାନ୍ତି, ଆଉ ଏହି ବିରାଟ କାୟ ଖୋତାର ଆମ୍ବ ଗଛଟି କେତେବେଳ ଯେ କାହା ଉପରେ ଭାଙ୍ଗି ପଡି ବିପଦ ସୃଷ୍ଟି କରିବ ତାହା କେହି କହି ପାରିବେ ନାହିଁ ।


**LIC HFL** LIC HOUSING FINANCE LTD

**LIC Housing Finance Ltd.**
Back Office, 6th Floor, Annex Building, IPICOL, Rupali Square, Janpath, Bhubaneswar-751022,
Mob.: 9440215656, E-mail: n.chandrasekhar@lichousing.com

**PREMISES REQUIRED ON RENT**

Sealed Offers are invited from the owners of commercial space at prominent locations on Main Road **preferably on Ground Floor / First Floor** having independent access, good frontage and ready for occupation/to be ready within short period of time with required independent power load along with space for four wheeler car parking at the below mentioned place / centre / location.

| Sl.No. | NAME OF AREA OFFICE | CARPET AREA |
|---|---|---|
| 1. | ANGUL | 500-650 sqft. (approx.) |

Last date to submit the application in all respect is **21.08.2025 upto 03:00 PM.** LIC HFL reserves the right to accept or reject any or all of the offers without assigning any reasons thereof.

Place: Bhubaneswar, Date: 14.08.2025 Sd/- Manager Operations, Back Office, Bhubaneswar






## ଏମ୍‌ଏଲ୍‌ଏ ଲ୍ୟାଡ ୱେବ୍ ପୋର୍ଟାଲ’ର ଶୁଭାରମ୍ଭ

# ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ, ସମୟ ଉପଯୋଗୀ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ‘ଏମଏଲଏ ଲ୍ୟାଡ଼’ ଓ ‘ସିଏମ୍-ଏସ୍‌ଏ’ ର ସରଳୀକୃତ ଗାଇଡଲାଇନ ଉନ୍ମୋଚିତ କରିବା ସହିତ ଏମଏଲଏ ଲ୍ୟାଡ ୱେବ୍ ପୋର୍ଟାଲର (https://mlalads.odisha.gov.in) ମଧ୍ୟ ଶୁଭାରମ୍ଭ କରିଛନ୍ତି। ଆଜି କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀ ମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମି ଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ ।

ଏହି ନୂଆ ଗାଇଡଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ, ଅନାବଶ୍ୟକ ପ୍ରକଳ୍ପଗୁଡିକୁ ବାଦ୍ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହା ସହିତ ପ୍ରକଳ୍ପର ସୁପାରିଶଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି । ସେହିପରି ସିଏମ-ଏସ.ଏ ଗାଇଡଲାଇନର ମଧ୍ୟ ସରଳୀକରଣ କରାଯାଇଛି । ଏହାଦ୍ୱାରା ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଥିଲେ ।

ଏହି ନୂତନ ‘ଏମ.ଏଲ.ଏ ଲ୍ୟାଡ଼ ୱେବପୋର୍ଟାଲ’ରେ ବିଧାୟକ ମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିଶ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ ।

ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନ ମଣ୍ଡଳୀରେ ସୁପାରିଶ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ । ଏହା ସହିତ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରକଳ୍ପଗୁଡିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ । ସୂଚନା ଯୋଗ୍ୟ ଯେ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତ୍ୟାନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଗଠନ କରିବାରେ ଏକ ମଜବୁତ ମାଧ୍ୟମ ହୋଇପାରିଛି । ପର୍ଯ୍ୟାୟକ୍ରମେ, ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଅଛି । ଏହି ନୂତନ ଗାଇଡଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି, ପଡୋଶୀ ରାଜ୍ୟ ଗୁଡିକର ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ’ର ଅଧ୍ୟୟନ କରାଯାଇଛି ଏବଂ କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

ଏହି ପ୍ରକ୍ରିୟାରେ ସଂଶ୍ଲିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ ।

## ବିଶ୍ୱ ଅଙ୍ଗଦାନ ଦିବସ:୨୦୨୫

# ୨୪ ଜଣ ଅଙ୍ଗଦାତାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ସୂରଜ ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ଅଙ୍ଗଦାନ ମାଧ୍ୟମରେ ନିଜର ମୃତ୍ୟୁ ପରେ ଅନ୍ୟକୁ ଜୀବନ ଦାନ କରିବା ଏକ ଉଚ୍ଚତର ମହାନ କାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି । ବୁଧବାର ଲୋକସେବା ଭବନ ପରିସରରେ ଆୟୋଜିତ ବିଶ୍ୱ ଅଙ୍ଗଦାନ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ମହାଲିଙ୍ଗ ଏହା କହିଛନ୍ତି । ଅଙ୍ଗଦାତା ଏବଂ ସେମାନଙ୍କ ପରିବାରଙ୍କୁ ସମ୍ମାନ ପ୍ରଦର୍ଶନ କରି ସେ କହିଥିଲେ ଯେ ଆପଣଙ୍କ ମହତ ଦାନ ଯୋଗୁ ଅନ୍ୟ ଲୋକମାନେ ଜୀବନ ଦାନ ପାଇବା ସହ ଓଡ଼ିଶାକୁ ମଧ୍ୟ ଜାତୀୟସ୍ତରରେ ଅଙ୍ଗଦାନ କ୍ଷେତ୍ରରେ ଉଦୀୟମାନ ରାଜ୍ୟ ଭାବେ ମାନ୍ୟତା ମିଳିଛି । ଅଙ୍ଗଦାତା ପରିବାର ସ୍ୱଜନମାନଙ୍କୁ ସ୍ୱାଗତ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ କହିଥିଲେ ଯେ ଆପଣମାନଙ୍କ ମାନବୀୟ ତ୍ୟାଗ ଓ ସାହସକୁ କେବଳ କିଛି ଶବ୍ଦରେ ପ୍ରକାଶ କରିହେବ ନାହିଁ । ଅଙ୍ଗଦାନ କରି ଆପଣ ମହାନ ମାନବିକତାକୁ ପ୍ରୋତ୍ସାହିତ କରିଛନ୍ତି । ଜଣେ ଅଙ୍ଗଦାତା ଜୀବନ ଯୁଦ୍ଧ ସହ ଲଢୁଥିବା ଆଠ ଜଣଙ୍କୁ ଜୀବନ ଦେଇଥାଏ । ଏ ପରିକି ଜଣେ ଟିସୁ ଦାନ କରି ୫୦ ଜଣଙ୍କ ଜୀବନ ରକ୍ଷା କରିପାରେ । ଆପଣମାନଙ୍କ ମହତ ଦାନ ପାଇଁ ମୁଁ ଓଡ଼ିଶାବାସୀଙ୍କ ତରଫରୁ ଆପଣମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଏହି ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ତରଫରୁ ଡଃ ମୁକେଶ ମହାଲିଙ୍ଗ ୨୪ ଜଣ ଅଙ୍ଗଦାତାଙ୍କ ପରିବାର ସ୍ୱଜନକୁ ସୁରଜ ପୁରସ୍କାରରେ ସମ୍ମାନିତ କରିଥିଲେ । ପ୍ରତି ପରିବାରଙ୍କୁ ସମ୍ମାନ ସ୍ମାରକୀ ସହ ୫ ଲକ୍ଷ ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଝାରସୁଗୁଡା ଜିଲ୍ଲାର ସ୍ୱର୍ଗତ ରଶ୍ମୀ ପ୍ରଭା ପଟେଲ, ନୟାଗଡଜିଲ୍ଲାର ସିବୁନ ସିଦ୍ଧାର୍ଥ ସାହୁ, ଖୋର୍ଦ୍ଧାର ସ୍ୱର୍ଗତ ବିକାଶ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱର୍ଗତ ମନୋଜ କୁମାର ସାହୁ, ବାଲେଶ୍ୱର ସ୍ୱର୍ଗତ ଅଲେଖ ପ୍ରସାଦ ପରିଡା, କଟକର ସ୍ୱର୍ଗତ ପ୍ରହ୍ଲାଦ ରାଉତ, କେନ୍ଦୁଝରର ସ୍ୱର୍ଗତ ଲତା ମହାନ୍ତ, ସୁନ୍ଦରଗଡର ସ୍ୱର୍ଗତ ଜନ୍ମେଷ ଲେଙ୍କା, ଖୋର୍ଦ୍ଧାର ସ୍ୱର୍ଗତ ପ୍ରଦୀପ କୁମାର ଜେନା ମୟୂରଭଞ୍ଜର ସ୍ୱର୍ଗତ ସୁଶ୍ରୀଆୟାନ ପାତ୍ର, ଅନୁଗୁଳ ଜିଲ୍ଲାର ସ୍ୱର୍ଗତ ବିଶ୍ୱଜିତ ଦାସ, ଖୋର୍ଦ୍ଧାର ସ୍ୱର୍ଗତ ଜୟନ୍ତ କୁମାର ଖମାରୀ, କେନ୍ଦ୍ରାପଡ଼ାର ସ୍ୱର୍ଗତ ଅଜୟ କୁମାର ଗିରି, କୋରାପୁଟର ସ୍ୱର୍ଗତ ଆସିଶ ଛୁଆଲସିଂ, ରାୟଗଡାର ସ୍ୱର୍ଗତ ଚନ୍ଦ୍ରଶେଖର ନାୟକ ଗଜପତିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ଗଜପତିର ସ୍ୱର୍ଗତ ପଣ୍ଡାଇ ଶବର, କେନ୍ଦ୍ରାପଡ଼ାର ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳ, ରାୟଗଡାର ସ୍ୱର୍ଗତ ପିଲାନ୍ତ ଶବର, ଗଜପତିର ସ୍ୱର୍ଗତ କେ ନରେଶ ପଟ୍ଟନାୟକ, ଗଜପତିର ସ୍ୱର୍ଗତ ଅରୁଣ ଭୂୟାଁ, ଖୋର୍ଦ୍ଧାର ସ୍ୱର୍ଗତ ସୌମ୍ୟ ରଞ୍ଜନ ବେହେରା, ଭଦ୍ରକର ସ୍ୱର୍ଗତ ଶିବ ପ୍ରସାଦ ଜେନା, ଏବଂ ଖୋର୍ଦ୍ଧା ଜିଲ୍ଲାର ସ୍ୱର୍ଗତ ରୀନା ପୃଷ୍ଟିଙ୍କ ପରିବାରକୁ ସୂରଜ ପୁରସ୍କାରରେ ସମ୍ମାନିତ କରାଯିବା ସହ ପ୍ରତ୍ୟେକ ପରିବାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନିତ ରାଶି ପ୍ରଦାନ କରାଯାଇଥିଲା । ଉଲ୍ଲେଖ ଯୋଗ୍ୟ ଯେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗଦାନ କରିଥିଲେ ଏବଂ ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିଥିଲେ । ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ୨୦୨୦ ମସିହା ଠାରୁ ସୂରଜ ପୁରସ୍କାର ପ୍ରଦାନ କରା ଯାଉଛି । ମହତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ସ୍ୱାଇଁ, ରାଜ୍ୟ ଅର୍ଗାନ ଏବଂ ଟିସୁ ପ୍ରତିରୋପଣ ସଂସ୍ଥା ନୋଡାଲ ଅଫିସର ପ୍ରଫେସର ଉମାକାନ୍ତ ଶତପଥୀ, ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପ-ଶାସନ ସଚିବ ଅରୁଣା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା କର୍ମଶାଳା



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ସରକାରଙ୍କର ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା (ପିଏମ୍ - ଭିବିଆରୱାଇ)ର ଏକ କର୍ମଶାଳା ଏମ୍ପ୍ଲୋଇମେଣ୍ଟ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେସନ୍ ପକ୍ଷରୁ ଭୁବନେଶ୍ୱର ପାଳିତ ହୋଇଯାଇଛି । ଆଞ୍ଚଳିକ ପିଏଫ୍ କମିଶନର - ଟୁ ମୌସୁମୀ ଲତା ପାଢୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସେହିଭଳି ଏନଫୋର୍ସମେଣ୍ଟ ଅଫ୍ ଅଫିସର ଅଲେଖ ଚନ୍ଦ୍ର ସାହୁ ଏହି ଯୋଜନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହ କର୍ମଚାରୀମାନେ ଏହାର ସମ୍ପୂର୍ଣ୍ଣ ସୁବିଧା ନେବାକୁ କହିଥଲଲେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ମିଶନରେ ଏହା ଏକ ପ୍ରମୁଖ ସ୍ତମ୍ଭ ହେବ ବୋଲି ସେ ଉଲ୍ଲେଖ କରିଥିଲେ । ଶ୍ରୀ ସାହୁ କହିଥିଲେ ଯେ, ଅଗଷ୍ଟ ପହିଲାରୁ ଏହି ଯୋଜନା ଆରମ୍ଭ ହୋଇଛି ଓ ଏହା ୨୦୨୭ ଜୁଲାଇ ୩୧ ଯାଏ ଚାଲିବ । ପ୍ରଥମ ଥର ପାଇଁ ଇପିଏଫ୍‌ଓ ଏକ ଲକ୍ଷ ଟଙ୍କା ମାସକୁ ରୋଜଗାର କରୁଥିବା କର୍ମଚାରୀଙ୍କୁ ଡିବିଟି ମାଧ୍ୟରେ ୧୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରୋତ୍ସାହନ ରାଶି ଦେବ ଓ ଆଧାର ବିଟ୍ ପେମେଣ୍ଟ ସିଷ୍ଟମରେ କର୍ମଚାରୀ ମାସକୁ ୩ ହଜାର ଟଙ୍କା ସେମାନଙ୍କ ପ୍ୟାନକୁ ଆକାଉଣ୍ଟରେ ଲିଙ୍କ କଲେ ପାଇପାରିବେ । ଉତ୍ପାଦନ କ୍ଷେତ୍ରରେ ଏହାକୁ ଅତିରିକ୍ତ ଦୁଇ ବର୍ଷ ପାଇଁ ପରିବର୍ଦ୍ଧିତ କରାଯିବ । ୟୁନିଭର୍ସାଲ ଆକାଉଣ୍ଟ ନମ୍ବରକୁ ଉମଙ୍ଗ ମୋବାଇଲ ଆପ୍ ଦ୍ୱାରା ଅଗଷ୍ଟ ୧ ରୁ ବାଧ୍ୟତା ମୂଳକ କରାଯାଇଛି । ଇପିଏଫ୍‌ଓ ପକ୍ଷରୁ ଏହି ନୂଆ ସେବା ୨୦୨୫ ଅଗଷ୍ଟ ୧୫ ଯାଏ ରହିଛି । ଏହି କର୍ମଶାଳାରେ ସ୍ଥାନୀୟ ଶିଳ୍ପର ପ୍ରତିନିଧଳ ଏଚ୍‌ଆର ବୃତ୍ତି ଧାରୀ ମାନେ ଯୋଗ ଦେଇ ବିଭିନ୍ନ ବିଷୟରେ ଜାଣିବାକୁ ଚାହିଁଥିଲେ।

# ବ୍ଳକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସ୍ତାବ ଗ୍ରହଣୀୟ ନୁହେଁ: ବିଜେଡି

## ଏହା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି



ଭୁବନେଶ୍ୱର,(ସବ୍ୟୁ): ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତାକୁ ସଂକୁଚିତ କରିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଯାଉଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଚର୍ଚ୍ଚା ଆରମ୍ଭ ହୋଇଥିଲା ବେଳେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କହିଛି । ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନିର୍ଦ୍ଦେଶନାମାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇଲରେ କେବଳ ବିଡ଼ିଓଙ୍କ ଦସ୍ତଖତ ରହିବ । ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା ଓ ଏହି ପ୍ରକଳ୍ପ ଗୁଡିକ ୧୦ ରୁ ୧୫ ଲକ୍ଷ ପର୍ଯ୍ୟନ୍ତ ରହୁଥିଲା । ତେଣୁ, ୨୦ ଲକ୍ଷ ପର୍ଯ୍ୟନ୍ତ କେବଳ ବିଡ଼ିଓଙ୍କ ଦସ୍ତଖତ ରହିବା ନିୟମ ହେଲେ, ବ୍ଲକ ଅଧ୍ୟକ୍ଷ ମାନଙ୍କ କ୍ଷମତା କେବଳ ସଂକୁଚିତ ନୁହେଁ ବରଂ ସଂପୂର୍ଣ୍ଣ ଶୂନରେ ପରିଣତ ହେବ । ଏହି ପରିପ୍ରେକ୍ଷୀରେ, ନିର୍ଦ୍ଦେଶନାମା ଜାରି କରିବା ପଛରେ ରାଜ୍ୟ ସରକାରଙ୍କର କି ଆଭିମୁଖ୍ୟ ରହିଛି ତାହା ସ୍ପଷ୍ଟ ହେବା ଦରକାର । ଶ୍ରୀ ଅମାତ କହିଛନ୍ତି, ଏହି ପ୍ରସ୍ତାବିତ ନିର୍ଦ୍ଦୋଶନାମା କାର୍ଯ୍ୟକାରୀ ହେଲେ, ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଉପରେ କୁଠାରଘାତ ହେବ । ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ, ତୃଣମୂଳସ୍ତରକୁ କ୍ଷମତା ପ୍ରଦାନ କରାଯିବା କଥା କିନ୍ତୁ ଏହି ନିର୍ଦ୍ଦୋଶନାମା ମାଧ୍ୟମରେ ତୃଣମୂଳସ୍ତରରୁ, ବିଶେଷକରି ନିର୍ବାଚିତ ପ୍ରତିନିଧିମାନଙ୍କ ଠାରୁ କ୍ଷମତା କାଢି ନେବା ପାଇଁ ପ୍ରୟାସ କରାଯାଉଛି । ତେଣୁ, ଏହି ନିର୍ଦ୍ଦୋଶନାମା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ତେଣୁ, ଏହି ପ୍ରସ୍ତାବିତ ନିର୍ଦ୍ଦୋଶନାମାକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ଅମାତ ଦାବି କରିଛନ୍ତି ।

# ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ହର ଘର ତିରଙ୍ଗା ଯାତ୍ରା



ଭୁବନେଶ୍ୱର,(ସବ୍ୟୁ):ଆଉ ଦିନ କେଇଟା ପରେ ସାରା ଦେଶ ପାଳିବ ୭୯ ତମ ସ୍ୱାଧୀନତା ଦିବସ । ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଫରଫର ହୋଇବ ତ୍ରିରଙ୍ଗା । ବ୍ରିଟିଶ କବଳରୁ ଦେଶରୁ ରକ୍ଷା କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇବ ଦେଶ । ତେବେ ଏହି ଅବସରରେ ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗରାଜ ମଣ୍ଡଳ, ଧଉଳୀ ମଣ୍ଡଳ, ରାଜାରାଣୀ ମଣ୍ଡଳର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା ରେ ଯୋଗଦେଲେ ବିଧାୟକ ବାବୁ ସିଂ । ସ୍ୱାଧୀନତାର ୭୬ ବର୍ଷ ପରେ ରାଷ୍ଟ୍ର ଭକ୍ତି ଜାତୀୟତାବାଦ, ଦେଶଭକ୍ତି ଓ ଦେଶରେ ଏକତା ଅଖଣ୍ଡତା ରକ୍ଷା କରିବା ପାଇଁ ଏବଂ ଦେଶକୁ ଶକ୍ତିଶାଳୀ କରିବା ଦେଶର ୧୪୦କୋଟି ଲୋକଙ୍କୁ ଦଳ, ମତ, ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ୍ କରିବା ନିହାତି ଆବଶ୍ୟକ । ସମସ୍ତଙ୍କୁ ଦେଶ ମାତୃକାର ସେବା କରିବା ଓ ଭାରମାତାର ପୂଜନ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ପ୍ରକ୍ରିୟା ଆରମ୍ଭ ହୋଇଛି । ସମାଜର ୭୨ ଭାଗ ହେଉଛି ଯୁବ ସମାଜ ଏବଂ ବିଶେଷ କରି ଏହି ଯୁବ ସମାଜ ଏଥିରେ ଅନୁପ୍ରାଣିତ ହୋଇଛନ୍ତି । ଗତ କିଛିବର୍ଷ ଧରି ପାର୍ଟିର କାର୍ଯ୍ୟକର୍ତ୍ତାମାନେ ସମସ୍ତ ଦେଶବାସୀଙ୍କ ସହ ମିଶି ସାରା ଦେଶରେ ହର୍ଷୋଲ୍ଲାସ ସହିତ ଦେଶର ଏକତା ତଥା ଅଖଣ୍ଡତା ଉଦ୍ଦେଶ୍ୟରେ ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ‘ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା । ୧୫ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଓ ଅନୁଷ୍ଠାନରେ ‘ହର ଘର ତ୍ରିରଙ୍ଗା’ ଉତୋଳନ କରାଯିବା ସହିତ ମହାପୁରୁଷ ଏବଂ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ଉପରେ ପୁଷ୍ପାଞ୍ଜଳୀ ଅର୍ପଣ କରାଯିବ । ଏକାମ୍ର ର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା କରାଯିବ । ସାଧାରଣ ଜନତା ମଧ୍ୟ ଏ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିଧାୟକ ଶ୍ରୀ ସିଂ ଏକାମ୍ର ବାସୀଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର,ମଣ୍ଡଳ ସଭାପତି ସୁରୀୟକକାନ୍ତ ସାହୁ, ସଂଗ୍ରାମ ମାର୍ଥା,ଦୁର୍ଗାପ୍ରସାଦ ମହାପାତ୍ର ଓ ସମସ୍ତ ଦଳୀୟ ପଦାଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।

# କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ସ୍ମାରକ ପତ୍ର ପ୍ରଦାନ

କଟକ,(ସବ୍ୟୁ): କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ମହାନଗର ନିଗମ ଆୟୁକ୍ତଙ୍କ ଭେଟି କଟକ ମହାନଗର ନିଗମରେ ହୋଇଥିବା ଅନିୟମିତତା ଓ ମହାଦୁର୍ନୀତି ବିରୋଧରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଅନିଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ଅନିତା ନାୟକ ଓ ସେକ ସମିମ୍, କଂଗ୍ରେସ ନେତା ପ୍ରତାପ ପରିଡ଼ା, ମୋନାଲିସା ମହାରଣା, ସୁରଜିତ ସାହୁ, ମହେଶ ରାୟ, ଅବଦୁଲ ନସିମ, ହସିନା ପର୍ବିନ ପ୍ରମୁଖ ଉପସ୍ଥିତ ଥିଲେ ।



# ପୁରୀରୁ ରାଜସ୍ଥାନକୁ ଗଡିଲା ଲାଲଗଡ ଏକ୍ସପ୍ରେସ ସ୍ୱତନ୍ତ୍ର ଟ୍ରେନ୍



ପୁରୀ,(ସବ୍ୟୁ): ଭାରତୀୟ ରେଳ ବିଭାଗ ପକ୍ଷରୁ ବୁଧବାର ଅପରାହ୍ନରେ ପୁରୀରୁ ରାଜସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ୍ ଲାଲଗଡ ଏକ୍ସପ୍ରେସର ଚଳା ଚଳର ଶୁଭାରମ୍ଭ ହୋଇଛି । ପୁରୀ ଲୋକ ସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ରେଳ ଷ୍ଟେସନରେ ସବୁଜ ରଙ୍ଗର ପତାକା ହଲାଇ ଏହି ନୂତନ ଲାଲଗଡ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଯାହା ଫଳରେ ଶ୍ରୀକ୍ଷେତ୍ର ମହୋଦଧି ସହ ଯୋଡ଼ି ହେବ ରାଜସ୍ଥାନ ମରୁଭୂମି । ଏହି ଟ୍ରେନ ଚଳା ଚଳ ଦ୍ୱାରା ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡିହେବ । ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ ବିଭାଗ । ଓଡିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ, ପର୍ଯ୍ୟଟନ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ ଲାଲଗଡ ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି । ରେଳ ବିଭାଗ ପକ୍ଷରୁ ଆଜି ସମ୍ପ୍ରସାରିତ ଟ୍ରେନକୁ ସବୁଜପତାକା ଦେଖାଇ ଶୁଭାରମ୍ଭ ହୋଇଛି । ସାପ୍ତାହିକ ଏହି ଟ୍ରେନଟି ପ୍ରତି ବୁଧବାର ସକାଳ ୬ ଟା ୩୫ ରେ ପୁରୀ ରେଳଷ୍ଟେସନ ଛାଡି ତାପର ଦିନ ରାତି ୮ ଟା ୩୫ ମିନିଟ ରେ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ଷ୍ଟେସନରେ ପହଞ୍ଚିବ । ପୁରୀ ଏବଂ ଶ୍ରୀ ଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ ଟି ଷ୍ଟପେଜରେ ରହିବ । ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ । ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର ସୂଚନା ଦେଇ କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀବିଶ୍ୱସ୍ତରୀୟ ରେଳଷ୍ଟେସନର ନବୀକରଣ କରାଯିବ । ରାଜ୍ୟସଭା ସାଂସଦ ତଥା ରେଲୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକେଟ୍ କାଉଣ୍ଟର୍ କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି । ସଂପ୍ରସାରିତ ଏହି ଟ୍ରେନର ଶୁଭାରମ୍ଭ ଉତ୍ସବରେ ପୁରୀ ବିଧାୟକ ସୁନିଲ ମହାନ୍ତି, ରେଳବାଇ ଡିଆରଏମ୍ ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବେ । ଏହି ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବୁଢୀମା ମନ୍ଦିର କାନ୍ଥରେ ଧମକ ପୂର୍ଣ୍ଣ ଲେଖା: ଜଣେ ଗିରଫ

ଭୁବନେଶ୍ୱର,(ସବ୍ୟୁ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ବୁଢୀ ମାଆ ମନ୍ଦିର କାନ୍ଥରେ ଧମକପୂର୍ଣ୍ଣ ବାର୍ତ୍ତା ଲେଖିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ହୋଇ ଥିବା ବ୍ୟକ୍ତି ଜଣକ ଜଣେ ମାନସିକ ବିକାର ଗ୍ରସ୍ତ ବୋଲି ଜଣା ପଡ଼ିଛି । ଖବରରୁ ପ୍ରକାଶ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସିଂହଦ୍ୱାର ନିକଟରେ ବୁଢ଼ୀ ମା ମନ୍ଦିର ରହିଛି । ଉକ୍ତ ମନ୍ଦିର କାନ୍ଥରେ ଜଣେ ବ୍ୟକ୍ତି କେତେକ ଧମକ ପୂର୍ଣ୍ଣ ବାର୍ତ୍ତା ଲେଖି ଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୋଲିସ ଜଣକୁ ଚିହ୍ନଟ କରିଥିଲା । ତାକୁ ସିଂହଦ୍ୱାର ଥାନାରେ ଆଣି ତାକୁ ଜେରା କରାଯାଉଛି । ଧରି ଆଣିବା ସମୟରେ ପୋଲିସ ସହ ହୋ ହଲା କରିଛି ସେହି ବ୍ୟକ୍ତି । ବ୍ୟକ୍ତି ଜଣକ ପ୍ରାୟ ୬୫ ବର୍ଷ ବୟସ୍କ ବୋଲି ଅନୁମାନ କରାଯାଉଛି । ଥାନାରେ ରିକ୍ରିଏସନ୍ କରାଯାଇଛି । ସିଂହଦ୍ୱାର ଥାନା କାନ୍ଥରେ ଚକ୍ ଖଡ଼ିରେ ଅଭିଯୁକ୍ତ ଜଣଙ୍କୁ କିଭଳି ଲେଖିଥିଲା ଅବିକଳ ରି କ୍ରିଏସନ କରିଛି । ତେବେ ଏ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କହିଛନ୍ତି ପୁରୀ ଏସପି ପିନାକ ମିଶ୍ର ।

# କଟକରେ ଜୟଆଲୁକ୍କାସ ସ୍ୱର୍ଣ୍ଣ ଅଳଙ୍କାର ସୋ’ରୁମ୍ ଉଦ୍‌ଘାଟିତ

କଟକ,(ସବ୍ୟୁ): ଦେଶର ଅଗ୍ରଣୀ ପ୍ରତିଷ୍ଠାନ ଜୟଆଲୁକ୍କାସର ନୂତନ ସ୍ୱର୍ଣ୍ଣ ଅଳଙ୍କାର ସୋ’ ରୁମ୍ ବୁଧବାର ସନ୍ଧ୍ୟାରେ କଟକ ସ୍ଥିତ କ୍ୟାଣ୍ଟନମେଣ୍ଟ ରୋଡରେ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋଷ , କଟକ ମେୟର ସୁବାସ ସିଂ, ୨୫ ନମ୍ବର ୱାର୍ଡ କର୍ପୋରେଟର ସତ୍ୟରାମ ସାହୁ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଜଣାଶୁଣା ମଡେଲ ମାଳଭିକା ଶର୍ମା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏତଦ ବ୍ୟତୀତ ଜୟଆଲୁକାସ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥମାସ ମାଥ୍ୟୁ ଭାଇଚାରା ଓ ପରମ୍ପରାର ଏକହଜାର ବର୍ଷର ସହରରେ ଜୟଆଲୁକାସ ଉପସ୍ଥିତିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ନୂତନ ଅଳଙ୍କାର ସୋ’ ରୁମ୍ ଖୋଲିବା ଅବସରରେ ଜୟଆଲୁକ୍କାସ୍ ପକ୍ଷରୁ ହୀରା ଓ ଅନକଟ ହୀରା ଅଳଙ୍କାର ଉପରେ ୨୫ ପ୍ରତିଶତ ରିହାତି ଏବଂ ୧ ଲକ୍ଷ ଟଙ୍କା ଓ ତା’ ଠାରୁ ଅଧିକ ମୂଲ୍ୟର ସୁନା ଓ ମୂଲ୍ୟବାନ ଷ୍ଟୋନ୍ ଅଳଙ୍କାର ଉପରେ ଗ୍ରାହକଙ୍କ ପାଇଁ ୫ ଗ୍ରାମର ରୂପାବାର ପ୍ରଦାନ ବ୍ୟବସ୍ଥା ରହିଛି । ପ୍ରତ୍ୟେକ ଗ୍ରାହକ କିଣାକିଣି ଉପରେ ନିଶ୍ଚିତ ମାଗଣା ଉପହାର ପାଇବେ । ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯାଇଥିବା ଜୟଆଲୁକାସ ନୂତନ ସୋ’ରୁମ୍ ଏକ ବି ବିଶ୍ୱସ୍ତରୀୟ ତଥା ବିଳାସପୂର୍ଣ୍ଣ ସପିଂ ଅନୁଭୂତି ପ୍ରଦାନ କରିବ । ଗ୍ରାହକମାନେ ଏକ ଚମତ୍କାର ପରିବେଶରେ ପାରମ୍ପାରିକ ସୁନା, ବିବାହ ଅଳଙ୍କାର, ହୀରା, ମୂଲ୍ୟବାନ ଷ୍ଟୋନ୍ ଆଦି କିଣି ପାରିବେ ।



## କେବେ ବଦଳିବ ଦାଦନ ଶ୍ରମିକଙ୍କ ଭାଗ୍ୟ ?
# ଦାଦନ ଶ୍ରମିକଙ୍କ ଠିକଣା ଗୁଜରାଟ

ବାରିପଦା, (ସବ୍ୟୁ) : କେବେ ବଦଳିବ ଦାଦନ ଶ୍ରମିକଙ୍କ ଭାଗ୍ୟ...? ସରକାର ବଦଳିଲା' ହେଲେ ବଦଳିଲାନି ଦାଦନ ଶ୍ରମିକଙ୍କ ଭାଗ୍ୟ । କାଲି ବି ଦାଦନ ଖଟୁଥିଲେ ଆଉ ଆଜି ବି' ଦାଦନ ଖଟୁଛନ୍ତି । ସରୁନି ଦାଦନ ଦୁଃଖ, ଓଡ଼ିଶାରେ ମିଳୁନି କାମ, ତେଣୁ ଘର ସଂସାର ଛାଡି ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି ଶହ ଶହ ଶ୍ରମିକ । ଯାହାର ଏକ ବଡ଼ ଉଦାହରଣ ଦେଖିବାକୁ ମିଳିଛି ବାରିପଦା ସହର ଉପକଣ୍ଠରେ ।

ଘଟଣା ମୁତାବକ ଆଜି ମଧ୍ୟାହ୍ନରେ ବାରିପଦା ସହର ନିକଟସ୍ଥ ସଦରଥାନା ଅଧିନ ମଞ୍ଚାବନ୍ଧା ଠାରେ ସନ୍ଦେହ ଜନକ ଭାବେ ରାଧା ମାଧବ ନାମକ ଏକ ଘରୋଇ ବସ୍ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲା ଏବଂ କିଛି ଯୁବକ ବସ୍‌ର ଆଖପାଖରେ ଜଗି ରହିଥିବା ବେଳେ କିଛି ଲୋକ ଆସି ବସରେ ଚଢୁଥିଲେ । ଯାହାକୁ ବାରିପଦା ସହରର କିଛି ଯୁବନେତା ସତର୍କତା ର ସହ ନଜର ରଖିଥିଲେ ଏବଂ ଖବର ପାଇ ବାରିପଦା ପୌରପରିଷଦର ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବସ୍‌ରେ ଥିବା ଲୋକଙ୍କୁ ପଚାରି ବୁଝିଥିଲେ ଏବଂ ଜାଣିବାକୁ ପାଇଥିଲେ କି' ବସ୍‌ଟି ସେମାଙ୍କୁ ନେଇ ଗୁଜୁରାଟ ଯିବାର ଅଛି । କିଏ କହୁଛି ଆମେ ବୁଲିବା ପାଇଁ ଯାଉଛେ ତ' ଆଉ କିଏ କହୁଛି ଆମେ କାମ କରିବା ପାଇଁ ଯାଉଛେ । ତେଣୁ ସମସ୍ତଙ୍କ କଥାରେ ତାଳମେଳ ନରହିବାରୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ସେ ଏନେଇ ସ୍ଥାନୀୟ ପୋଲିସ ଷ୍ଟେସନ୍ ଏବଂ ଲେବର ଅଫିସରଙ୍କୁ ଖବର ଦେଇଥିଲେ । ଖବରପାଇ ସ୍ଥାନୀୟ ପୋଲିସ ଏବଂ ଲେବୋର ଅଫିସର ଘଟଣା ସ୍ଥଳରେ ପହଞ୍ଚ ତଦନ୍ତ ଆରମ୍ଭ କରିଥିଲେ । ବସ୍‌ରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୪୦ରୁ ଅଧିକ ଶ୍ରମିକ ରହିଥିବାବେଳେ କିଛି ଦଲାଲ ସେମାନଙ୍କୁ ଗୁଜୁରାଟ ନେଇଯାଉଥିବା ଜଣାଯାଇଥିଲା ।

ତେବେ ବସ୍‌ରେ ଥିବା କୌଣସି ଲୋକଙ୍କର ଲେବୋର କାର୍ଡ ନଥିବା କାରଣରୁ ଶ୍ରମ ଅଧିକାରୀ ସମସ୍ତଙ୍କୁ ନିଜ ନିଜ ଘରକୁ ପଠେଇ ଦେଇଥିବା ବେଳେ ବେଆଇନ ଭାବେ ଏତେ ଲୋକଙ୍କୁ ନେଇ ବାହାର ରାଜ୍ୟକୁ ଯାଉଥିବା ବସ୍‌ଟିକୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବାରିପଦା ସଦରଥାନା ପୋଲିସ । ଅନ୍ୟପଟେ ବସ୍‌ରେ ଥିବା ଶ୍ରମିକ ମାନେ ଓଡ଼ିଶାରେ କାମ ନମିଳିବା କାରଣରୁ ଗୁଜୁରାଟ ଯାଇ ସେଠାରେ ଟାଇଲ୍ସ, ମାର୍ବଲ ଓ କାର୍ଟୁନ୍ କାରଖାନାର କାମ କରି ଅଧିକ ଟଙ୍କା ରୋଜଗାର କରିବାର ଆଶାନେଇ ଯାଉଥିଲେ ବୋଲି କହିଛନ୍ତି ।

## ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ ପାଇଁ
# ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, (ସବ୍ୟୁ) : ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ବର୍ଷର ମହିଳା ଓ ୫୦ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ




ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟ ସାଜିଛି। ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବୀ ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି ।

ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଆଜିର ସମାବେଶରେ ସାମିଲ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା, ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଂଚ ହଜାର କରିବା। ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ। ଏହି ଯୋଜନାରେ କଳାକାରଙ୍କ ଭଳି ୪୦ବର୍ଷରୁ ଉର୍ଦ୍ଧ ମହିଳା ଓ ୫୦ବର୍ଷରୁ ଉର୍ଦ୍ଧ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଶହ ଶହ କାରିଗର ସାମିଲ ହୋଇଥିବାବେଳେ ମଧୁବନ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ଜିଲ୍ଲା ସଭାପତି କନକ ଲତା ମହାନ୍ତ, ସଂପାଦିକା ଦେବଯାନୀ ସେଠୀ, କଳ୍ପନା ଜେନା ଓ ସରୋଜିନୀ ମହାନ୍ତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୟୁବି ହାଇସ୍କୁଲରେ ହର୍ ଘର୍ ତ୍ରିରଙ୍ଗା

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ଭଞ୍ଜନଗରରେ ଏନ୍‌ସିସି (ଆର୍ମୀ ଉଇଙ୍ଗ୍) ସେକେଣ୍ଡ ଅଫିସର ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସମସ୍ତ ଏନ୍‌ସିସି କ୍ୟାଡେଟ୍ ଅଗ୍ରଗାମୀ ବାର୍ତ୍ତାବହ ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନମୋହନ ରଥ (ଓଇଏସ୍-୨) ଓ ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମଭାଗରେ ତ୍ରିରଙ୍ଗା ପତାକାର ମହତ୍ତ୍ୱ ଓ ଭାରତୀୟତା ସଂପର୍କିତ ଆଲୋଚନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ନାରଙ୍ଗୀ, ଶୁଭ୍ର ଏବଂ ସବୁଜ ରଙ୍ଗର ପୋଷାକ ପରିଧାନ କରି ଏକ ଭାରତ ମାନଚିତ୍ର ଭଳି ଠିଆ ହୋଇଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ବିଳାସିନୀ ଜେନା, ସ୍ୱପ୍ନେଶ୍ୱରୀ ଦିଗାଲ୍, ସନ୍ତୋଷ ବେହେରା, ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ଜ୍ୟୋତ୍ସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ ସନ୍ତୋଷ ବେହେରା, ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ସୁନିଲ୍ ବେହେରା, କାଜଲ ବେହେରା, ଶୁଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ, ଜ୍ୟୋତ୍ସ୍ନା ରାଣୀ ନାୟକ, ଶଙ୍କର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ମେମ୍ବରଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌କେସି ହାଇସ୍କୁଲରେ 'ସ୍ମୃତି ସନନ୍ଦ' ପରିଚୟ ପୁସ୍ତିକା ବିତରଣ ଉତ୍ସବ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ସଂଗଠନ ସୌଜନ୍ୟରେ ପ୍ରକାଶିତ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇ ଥିବା ଜିଲ୍ଲାର ଜାତୀୟ ଓ ରାଜ୍ୟ ସ୍ତରରେ ୯୦ଜଣ କୃତୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମ୍ପୂର୍ଣ୍ଣ ତାଲିକା ତଥା ଉପଲବ୍ଧ ହୋଇ ପାରିଥିବା ୬୬ଜଣଙ୍କ ପରିଚୟ ସମ୍ପର୍କିତ ପୁସ୍ତିକା ସ୍ମୃତି ସନନ୍ଦ' ସଂଗଠନ ତରଫରୁ ଏମ୍‌କେସି ହାଇସ୍କୁଲର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କୁ ପ୍ରଦାନ କରାଯାଇଅଛି ।

ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ତଥା ପୁସ୍ତିକାର ସଙ୍କଳକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି ଓ ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ତଥା କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ଉମେଶ ଦାସ, ଶାନ୍ତନୁ ପାଢ଼ୀ, ସର୍ବୋତୋଷ ଦାଶ ପ୍ରମୁଖ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ । ଗର୍ବ ଓ ଗୌରବର କଥା ଯେ, ଏହି ବିଦ୍ୟାଳୟର ପ୍ରାକ୍ତନ ୧୩ଜଣ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା କୃତୀ ଶିକ୍ଷକ ମାନେ ଏହି ପୁସ୍ତିକାରେ ଅଳଙ୍କୃତ ହୋଇଛନ୍ତି । ଏଭଳି ମହନୀୟ କାର୍ଯ୍ୟ ପାଇଁ ପୁସ୍ତିକା ସଙ୍କଳନ ର ମାର୍ଗଦର୍ଶକ ତଥା ସଂଗଠନର ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ର ସଂସଦ କୃତଜ୍ଞତା ଜ୍ଞାପନ କରିବା ସହ ଏହା ଆଗାମୀ ଦିନରେ ଶିକ୍ଷକ ସମାଜକୁ ପ୍ରେରଣା ପ୍ରଦାନ କରିବ ବୋଲି ମତ ରଖିଛନ୍ତି ।

## ସାପ କାମୁଡ଼ା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରୋହିତ୍ୟରେ ସାପ କାମୁଡ଼ା ପ୍ରତି ସାବଧାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ସେକ୍ଟରରୁ ୫ ଜଣ ଲେଖାଏଁ ହିସାବରେ ବୁଗୁଡା ଅଞ୍ଚଳର ୧୦ଟି ସେକ୍ଟରରୁ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାପ କାମୁଡ଼ା ପ୍ରତି କିପରି ସତର୍କତା ଅବଲମ୍ବନ କରାଯାଇପାରିବ ଏବଂ ସାପ କାମୁଡ଼ାର ଶିକାର ହେଲେ କଣ କରାଯିବା ଉଚିତ ଓ ଅନୁଚିତ ସେନେଇ ଅଙ୍ଗନୱାଡି କର୍ମୀଗଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକାମାନେ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଗୋଲିଆ ଗ୍ରାମରେ ମଧ୍ୟ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦିତାମୂଳକ ପରିସ୍ଥିତିକୁ ସମ୍ମୁଖୀନ ନେଇ ପ୍ରସ୍ତୁତ କରିବା ଯୁଗପଯୋଗୀ ଶିକ୍ଷାଦାନର ଢାଞ୍ଚା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପଂହଁଚିବାକୁ ଉପଦେଶ ଦେଇଥିଲେ। କୁଳପତି କହିଛନ୍ତି ଯେ ବିଭିନ୍ନ ବିଭାଗର ଛାତ୍ରଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଶ୍ୱବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ନିଜ ଭବିଷ୍ୟତ ଗଠନ ଉପରେ ଉପଦେଶ ଦିଆଯିବ। ଏକାଡ଼େମିକ ଡିନ କହିଥିଲେ ଯେ ଆମେ ଶିକ୍ଷାଗତ ବିକାଶ ଉପରେ ଧ୍ୟାନ ଦେବୁ । ଡ. ଆକଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ର. ସ୍ୱାଧୀନ ମିଶ୍ର । ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଡିନ୍ କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ଶୌନକ ବିଶ୍ୱାସ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରିସଙ୍ଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ। ଆଡମିଶନ୍ ଡିନ୍ ଆଶିଷ ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟର୍ନସିପ, ସେମିନାରରେ ସମୟ ଅତିବାହିତ କରି ଇଣ୍ଡଷ୍ଟ୍ରି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ। ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶୃଙ୍ଖଳା ଏକ ମୁଖ୍ୟ ମୂଲ୍ୟବୋଧ ଏବଂ ଛାତ୍ର ଛାତ୍ରୀ ମାନେ ଯାତ୍ରା ସମୟରେ ଏହାକୁ ବଜାୟ ରଖନ୍ତୁ ବୋଲି କହିଥିଲେ । ଏମବିଏ ଛାତ୍ରୀ ଗରିମା ପାଣିଗ୍ରାହୀ, ଏମସିଏ ଛାତ୍ରୀ ଏ. ଦୀପିକା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷା ସମ୍ପର୍କରେ ଜଣାଇଥିଲେ। କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଡିଜିଟାଲ ଶ୍ରେଣୀ ଗୃହର ଶୁଭାରମ୍ଭ

ଛତ୍ରପୁର, (ସବ୍ୟୁ) : ଛାତ୍ର ଛାତ୍ରୀମାନଙ୍କ ଶୈଖିକ ସହ ବୌଦ୍ଧିକ ଶିକ୍ଷାର ବିକାଶ କରିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆଜି ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଶ୍ରୀରାଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ଆଗ୍ରା ଆରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତ୍ୟାଧୁନିକ ଡିଜିଟାଲ ଶ୍ରେଣୀଗୃହର ଶୁଭାରମ୍ଭ କରାଯାଇଛି । ୭୫ ଇଞ୍ଚ ବିଶିଷ୍ଟ ବ୍ୟବୃହତ ଏଲ୍‌ଇଡି ସ୍କ୍ରିନ୍ ବିଦ୍ୟାଳୟର ଶ୍ରେଣୀଗୃହରେ ଅବସ୍ଥାପନ କରାଯାଇଛ ।




ଯେଉଁ ସ୍କ୍ରିନ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ଅତ୍ୟାଧୁନିକ ଶୈଳୀରେ ପାଠ ପଢିବା ସହ ଡିଜିଟାଲ ଦୁନିଆଁ ବିଷୟରେ ଅବଗତ ହୋଇପାରିବେ । ଏହା ସହ ଛାତ୍ର ଛାତ୍ରୀମାନଙ୍କୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲାଛ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଭକ୍ତ ବନ୍ଧୁ ଶତପଥୀ, ଆଇଆର୍ ମୁଖ୍ୟ ଗୋପାଳପୁର ବନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଏଲଇଡି ପ୍ୟାନେଲକୁ ସ୍ୱିଚ ମାଧ୍ୟମରେ ଅନ କରି ଏହି ଡିଜିଟାଲ ଶ୍ରେଣୀଗୃହକୁ ଉଦଘାଟନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ରେଢ୍ଡୀ, ସରପଞ୍ଚ, ଶ୍ରୀରମଚନ୍ଦ୍ରପୁର, ଉଷାରାଣୀ ନାୟକ, ପ୍ରଧାନ ଶିକ୍ଷୟତ୍ରୀ, ଆଗ୍ରା ଆରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, କୁମାରୀ ମମତା ପ୍ରଧାନ, ସିଆର୍‌ସି, ଦେବଦତ୍ତ ମିଶ୍ର, ସିଏସ୍‌ଆର୍ ମୁଖ୍ୟ ଗୋପାଳପୁରବନ୍ଦର, ଅଭିଭାବକ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ସଞ୍ଜୀବ ରେଢ୍ଡୀ, ସରପଞ୍ଚ ଶ୍ରୀରାଚନ୍ଦ୍ରପୁର କହିଥିଲେ ଯେ ଏହି ଡିଜିଟାଲ ଏଲ ଇ ଡି ମାଧ୍ୟମରେ ଗ୍ରାମାଞ୍ଚଳ ପିଲାମାନେ ଅତି ଉନ୍ନତ ଧରଣର ଆଧୁନିକ ଶୈଳୀରେ ପାଠ ପଢ଼ିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସେଥିପାଇଁ ମୁଁ ଆଦାନୀ ଫାଉଣ୍ଡେସନ ଓ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଉଛି । ଏହି ଡିଜିଟାଲ ଶ୍ରେଣୀଗୃହ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭବିଷ୍ୟତର ଉଚ୍ଚ ଶିକ୍ଷା ପାଇଁ ଅନେକ ସହାୟକ ହେବ । ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତର ପାଖାପାଖି ନଅ ଗୋଟି ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଏହି ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଡିଜିଟାଲ ଶ୍ରେଣୀଗୃହ ଯୋଗାଇ ଦିଆଯାଉଛ ।

ଏହି ବିଦ୍ୟାଳୟ ଗୁଡ଼ିକ ହେଉଛି ବଡ଼ ଆର୍ଯ୍ୟପଲ୍ଲି, ୟୁପି ସ୍କୁଲ, ସାନ ଆର୍ଯ୍ୟପଲ୍ଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣମଣା ୟୁପି ସ୍କୁଲ, ତରାଇ ପାଟପୁର ପ୍ରାଥମିକ ବିଦ୍ୟାଳୟ, ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରିପୁର ୟୁପି ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ବିଦ୍ୟାଳୟ ଗୁଡିକରେ ଏହି ଅତ୍ୟାଧୁନିକ ଡିଜିଟାଲ ଶ୍ରେଣୀଗୃହର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଗ୍ରା ଆରାମ ବିଦ୍ୟାଳୟର କୁନି କୁନି ପିଲାମାନେ ଗଛ ଟିଏ ମୁଁ ଗଛଟିଏ ଭଳି ପରିବେଶ ସଚେତନତା ସମ୍ବନ୍ଧୀୟ ଏକ ନୃତ୍ୟ ନାଟିକା ପରିବେଷଣ କରିଥିଲେ ।

## ବିଜେପି ପକ୍ଷରୁ ସଫେଇ ଅଭିଯାନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବାରିପଦା, (ସବ୍ୟୁ) : ପବିତ୍ର ସ୍ୱାଧୀନତା ଦିବସ ପାଖେଇ ଆସୁଥିବାରୁ ବିଜେପି ବାରିପଦା ଶାଖା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାନ/ ପରିସରରେ ସଫେଇ, ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ ତଥା ଘରେ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କ୍ରମରେ ବୁଧବାର ଦିନ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ପରିସର ମଧ୍ୟରେ ସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସ୍ଥାନୀୟ ଷ୍ଟାଡିୟମ ଗୋଲେଇ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଫା କରାଯାଇ ଉଭୟ ମହାପୁରୁଷଙ୍କ ପ୍ରତି ମାଲ୍ୟାର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଛି ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନେ ଦେଶଭକ୍ତି ମୂଳକ ଧ୍ୱନି ଦେବା ସହ ଦେଶ, ଜାତି ପ୍ରତି ଏଇ ମହାନ ସଂଗ୍ରାମୀ ପୁରୁଷଙ୍କ ଅବଦାନଚୟର ସ୍ମୃତିକୁ ରୋମନ୍ଥନ କରିଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଭାବେ କୁମାର ମଙ୍ଗଳମ, ବାରିପଦା ନଗର (ଉତ୍ତର ଓ ଦକ୍ଷିଣ)ର ଦୁଇ ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ଉପସ୍ଥିତ ରହିବା ସହ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ତଥା ସୁମନ ସିଂ, ମମତା ମଣ୍ଡଳ, ବ୍ରଜମୋହନ ବେହେରା, ନରୋତ୍ତମ ପାଣିଗ୍ରାହୀ, ବିଜୟ କୁମାର ଦାସ, ସରୋଜିନୀ କିସ୍କୁ, ପାୟଲ ରାୟ, ରସିକାନନ୍ଦ ମିଶ୍ର, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, ବିକାଶ ରଂଜନ ବାରିକ, କଳ୍ପତରୁ ରାୟବାବୁ, ଅଶୋକ କୁମାର ମହାନ୍ତି, ଶମ୍ଭୁନାଥ ଘୋଡେଇ ଓ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ): ନିର୍ମାଣଧୀନ ଘର କାମ ଚାଲିଥିବା ବେଳେ, ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତ ଶ୍ରମିକ ଜଣକ ସେହି ଗାଁର ରାଜୀବ ନାଇକ (୨୫) । ଗାଁ ଶେଷରେ ଏକ ଘରର ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେହି ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ରାଜୀବ ଆସିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ନୋଭାଟୋ ଫିଏଷ୍ଟା-ଟୁକେ ୨୫ ଅନୁଷ୍ଠିତ ହୋଇଯାଇଛି। ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ନବାଗତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ନିଜକୁ ଭଲ ମଣିଷ ଭାବରେ ଗଢିତୋଳିବା ସହିତ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି




ପ୍ରଫେସର ସୁଶାନ୍ତ କୁମାର ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି ଛାତ୍ର ଜୀବନର ମୂଲ୍ୟବାନ ସମୟର ସଦୁପଯୋଗ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଲୋକସଂପର୍କ ଅଧିକାରୀ ନିରାକାର ସାହୁ ଶୃଙ୍ଖଳା, ଅଧ୍ୟବସାୟ ଓ ସମୟାନୁବର୍ତ୍ତୀତାକୁ ପ୍ରାଧାନ୍ୟ ଦେବା ସହ ଈଶ୍ୱରାନୁରାଗୀ ହୋଇ ସାଧନା ଜାରି ରଖିଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚ ହେବ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ ସ୍ୱାଗତ ଅଭିଭାଷଣରେ ବିଦ୍ୟାଳୟର ଅଗ୍ରଗତି ଓ ଛାତ୍ରଛାତ୍ରୀଙ୍କ ସଫଳତା ସଂପର୍କରେ ଉଲ୍ଲେଖ କରିଥିଲେ । ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ବେଆଇନ ବର୍ଦ୍ଧିତ ଘର ଟିକସ ଆଦାୟରୁ ନିବୃତ୍ତ ରହୁ ବ୍ରହ୍ମପୁର ପୌରପରିଷଦ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସରକାର ବ୍ରହ୍ମପୁର ପୌରସଂସ୍ଥାକୁ ବ୍ରହ୍ମପୁର ପୌରପରିଷଦ ରୂପେ ୨୦୦୮ ମସିହାରେ ଘୋଷଣା କରିଛନ୍ତି । ଏହା ପରେ ଓଡ଼ିଶା ପୌରପରିଷଦ ଆଇନ ୨୦୦୩ ଲାଗୁ ହୋଇଛି ଏବଂ ଓଡ଼ିଶା ପୌରସଂସ୍ଥା ଆଇନ୍ ୧୯୫୦ ଅଚଳ ହୋଇଯାଇଛି ।

କିନ୍ତୁ ଆଜି ଯାଏଁ ବ୍ରହ୍ମପୁର ପୌରପରିଷଦ ପୁରୁଣା ଅଚଳ ଆଇନ୍ (ଓଡ଼ିଶା ପୌରସଂସ୍ଥା ୧୯୫୦ ଆଇନ୍) ପ୍ରକାରେ ଘର ଟିକସ ଧାର୍ଯ୍ୟ ବେଆଇନ୍ ଭାବାରେ ଆଦାୟ କରୁଛି । ଘର ଟିକସ ବୃଦ୍ଧି କରିବା ପାଇଁ ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ କୁ ବ୍ରହ୍ମପୁର ପୌରପରିଷଦ କାର୍ଯ୍ୟକାରୀ କରିନାହିଁ ଓ ବେଆଇନ୍ ଭାବେ ବର୍ଦ୍ଧିତ ଟିକସ ଆଦାୟ କରୁଛି। ଆଜି ଗଞ୍ଜାମ ଓକିଲ ସଂଘର ଶତାଧିକ ଓକିଲ ବ୍ରହ୍ମପୁର ପୌର ପରିଷଦର କମିସନରଙ୍କୁ ସାକ୍ଷାତ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଏହି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଗୁଡ଼ିକ ପ୍ରଦାନ କରିଥିଲେ। ଏହି ପରି ବ୍ରହ୍ମପୁର ପୌରପରିଷଦ ବେଆଇନ୍ ରୂପେ ବର୍ଦ୍ଧିତ ଘର ଟିକସ ଦାବୀ କରିବ। ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ ପ୍ରକାରେ ନିବୃତ ରହୁ ବୋଲି ଓକିଲ ମାନେ ଦାବୀ କରିଛନ୍ତି ।

ଏହି ବର୍ଦ୍ଧିତ ଟିକସକୁ ବିରୋଧ କରି ଆଇନଜୀବୀ ପୀତବାସ ପଣ୍ଡା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ମାମଲା ଦାଖଲ କରିଛନ୍ତି । ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ତାଙ୍କ ଠାରୁ ବର୍ଦ୍ଧିତ ଘର ଟିକସ ଆଦାୟ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଉଚ୍ଚତମ ନ୍ୟାୟାଳୟ ନିକଟରେ ଦେଇଥିବା ନିର୍ଦ୍ଦେଶନାମାକୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ। ଭୁବନେଶ୍ୱର ପୌରପରିଷଦ ବନାମ କଲ୍ୟାଣୀ ମେଟେରିନିଟି ହସ୍ପିଟାଲ୍ ମାମଲାରେ ଉଚ୍ଚତମ ନ୍ୟାୟାଳୟ ଭୁବନେଶ୍ୱର ପୌରପରିଷଦ ଟିକସ ବୃଦ୍ଧିକୁ ବେଆଇନ୍ କହିଥିଲେ ।

ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ବର୍ଦ୍ଧିତ ଘର ଟିକସ ଆଦାୟ ବେଆଇନ୍ ହୋଇଥିବାରୁ ଏବଂ ଆଇନଜୀବୀ ପୀତବାସ ପଣ୍ଡାଙ୍କ ମାମଲା ଏହି ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବାରୁ, ଏହି ମାମଲା ସମାପ୍ତ ହେବା ପର୍ଯ୍ୟନ୍ତ ବର୍ଦ୍ଧିତ ଘର ଟିକସ ବ୍ରହ୍ମପୁର ଜନସାଧାରଣଙ୍କ ଠାରୁ ଆଦାୟ ନକରି ପୁରୁଣା ଦରରେ ଆଦାୟ କରାଯାଉ ବୋଲି ଓକିଲମାନେ ପୌରପରିଷଦ କମିସନରଙ୍କ ଠାରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

ବ୍ରହ୍ମପୁର ପୌରପରିଷଦ ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ ପ୍ରକାରେ ନିୟମ ଓ ଉଚିତ ପ୍ରକିୟାରେ ପୌରପରିଷଦ ଟିକସ ବୃଦ୍ଧି କରିବାଉଚିତ୍ ବୋଲି ସେମାନେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା, ରଘୁନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ପଟ୍ଟନାୟକ, ଅଶୋକ ଶୁକ୍ଳ, ଲାଲବାହାଦୁର ପଟ୍ଟନାୟକ, ସଞ୍ଜୟମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## ଆଇଚର ସହ ବାଇକ ଧକ୍କା, ୨ଗୁରୁତର

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଡାଇଭରସନ ନିକଟରେ ଆଇଚର ସହ ବାଇକ ଧକ୍କା ଦେବାରୁ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ପ୍ରକାଶଯେ ରାଜପଥ ରେ ଏକ ଆଇଚର (ଏମଏଚ ୪୮ଡିସି (୧୬୮୨) ପାଣିକୋଇଲି ପଟୁ କଟକ ଅଭିମୁଖେ ଯାଉଥିବା ବେଳେ ଶର୍ମା ଡାଇଭରସନରେ ୨ ଜଣ ଏକ ବାଇକ (ଓଡ଼ି୩୪ଡି ୨୦୪୮)ହଠାତ ତାଙ୍କ ଆଗକୁ ପଶି ଆସିବାରୁ ଉଭୟଙ୍କ ମଧ୍ୟରେ ଦୁର୍ଘଣା ହୋଇଥିଲା । ଫଳରେ ବାଇକ ଆରେହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ପଠାଯାଇଥିବା ବେଳେ ସେମାନେ ଗୁରୁତର ଥିବାରୁ ସେମାନଙ୍କ ପରିଚୟ ମିଳିପାରିନାହିଁ । ପୁଲିସ ଘଟଣାସ୍ଥଳେ ପହଂଚି ଉଭୟ ବାଇକ ଓ ଆଇଚରକୁ ଜବତ କରିଛି ।

## କ୍ଷୀର ବୁହା ଗାଡିରେ ଗୋ –ଚାଲାଣ : ୧୮ଷଣ୍ଢ ଉଦ୍ଧାର



ଚଣ୍ଡିଖୋଲ, (ସବ୍ୟୁ) : ଦିନକୁ ଦିନ ଜାତୀୟ ରାଜପଥ ୫୩ ଓ ୧୬ରେ ଗୋ ଚାଲାଣ ବଢ଼ି ବଢ଼ି ଚାଲୁଛି। ଯାଜପୁର ଜିଲ୍ଲାର କେବଳ ବଡଚଣା ଥାନା ପୋଲିସ ଏହା ଉପରେ ବାରମ୍ବାର ଚଢାଉ ଯାରୀ ରଖିଥିଲେ ମଧ ଜାତୀୟ ରାଜପଥ ପାର୍ଶ୍ୱ ଅନ୍ୟ ଥାନା ଅଞ୍ଚଳରେ ପୋଲିସ କାର୍ଯ୍ୟାନୁଷ୍ଠାନ ସଠିକ ଭାବେ ହେଉ ନଥିବାରୁ ଏହି ବେଆଇନ କାମ ବୃଦ୍ଧି ପାଉଛି। ଗୋ ତସ୍କର ମାନେ ବିଭିନ୍ନ ଉପାୟରେ ଗୋ ଚାଲାଣ କରୁଥିଲେ ମଧ କେହି ତାହାର ଟେର ପାଉନାହାନ୍ତି। କେତେବେଳେ ଆମ୍ବୁଲାନସ ଯୋଗେ ତ ଆଉ କେତେବେଳେ ବସ ଟ୍ରକ ଓ କେତେବେଳେ ବୋଲେରୋ ଗାଡିରେ ଚାଲାଣ ହେଉଛି। ହେଲେ ଏବେ ଖିରବୁହା ଗାଡିକୁ ସୁରକ୍ଷିତ ମନେକରି ଟସ୍କରମାନେ ସେଥିରେ ଗୋ ଚାଲାଣ ଆରମ୍ଭ କରିଛନ୍ତି। ଖିର ବୁହା ଗାଡିରେ ଗୋ ଏବଂ ଷଣ୍ଢ ଚାଲାଣ ହେଉଥିବା ସୂଚନା ପାଇ ବଡଚଣା ପୋଲିସ ଗତ କାଲି ବିଳମ୍ବିତ ରାତିରେ ଏକ ଖିର ବୁହା ଗାଡି ଓ ଡି ୦୫ବି ଏସ – ୪୬୧୮କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚପରେ ସେହି ଗାଡିରୁ ପୋଲିସ ୧୮ଗୋଟି ଷଣ୍ୟଙ୍କୁ ଉଦ୍ଧାର କରିଥିଲା।ପରେ ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ଉକ୍ତ ଗାଡିକୁ ଜବତ କରିଥିଲେ!ତେବେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡିଛି। ସେହିପରି ଆଉ ଏକ ଟାଟାଏସି ଗାଡି ଓଡି ୦୫ବିଏକ୍ସ ୨୩୧୩ରେ ୧୪ ଗୋଟି ଗୋ ଚାଲାଣ ହେଉଥିବା ବେଳେ ସୁଙ୍ଗୁଡା କେନାଲ ବନ୍ଧ ରାସ୍ତାରୁ ବଡ଼ଚଣା ଥାନା ପୋଲିସ ତାହାକୁ ଜବତ କରିଥିବା ଜଣାପଡ଼ିଛି। ଏହି ଷଣ୍ଢ ଓ ଗୋରୁ ସବୁ ଉଦ୍ଧାର ହେବାପରେ ପଲିସ ଗୋ ଚିକିତ୍ସକଙ୍କୁ ଡାକି ସ୍ୱାସ୍ଥ୍ୟ ପରୀକ୍ଷା କରିଛି! ସେଥିରୁ ତିନୋଟି ଗୋ ମାତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ସାଙ୍ଘାତିକ ଥିବାଯୋଗୁଁ ତାଙ୍କର ମୃତ୍ୟୁ ଘଟିଛି। ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ବଡ଼ଚଣା ପ୍ରଖଣ୍ଡର ସଭ୍ୟ ମାନେ ନଡ଼ା ଓ ଗୋ ଖାଦ୍ୟ ଆଣି ସମସ୍ତ ଗୋମାତାଙ୍କୁ ଖୋଇବାକୁ ଦେଉଛନ୍ତି। ବଡ଼ଚଣା ଥାନାରେ ମଧୁସ୍ମିତା ବେହେରା ଯୋଗଦେବା ପରେ ଖୁବ କମ ଦିନ ମଧରେ ପ୍ରାୟ ତିନିଶହରୁ ଉର୍ଦ୍ଧ ଗୋ ମାତାଙ୍କୁ ଟସ୍କରଙ୍କ କବଳରୁ ଉଦ୍ଧାର କରି ସେମାନଙ୍କ ଜୀବନ ରକ୍ଷା କରି ସାରିଲେଣି! ଯାହା ଗୋ ମାଫିଆ ଓ ତାଙ୍କ ସହଯୋଗୀଙ୍କ ମନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଯାହାକୁ ନେଇ ଗୋ ମାଫିଆଙ୍କ ପକ୍ଷରୁ ବଡ଼ଚଣା ଥାନା ଅଧିକାରିଣୀଙ୍କ ବିରୁଦ୍ଧରେ ଏକ ବିଦ୍ଧି ବଧ ଷଡଯନ୍ତ୍ର ଆରମ୍ଭ ହୋଇଥିବା ଆଲୋଚନା ହେଉଛି।

## ବହୁ ଚର୍ଚ୍ଚିତ ତପନ ହତ୍ୟାକାଣ୍ଡ ଘଟଣା
## ଅଭିଯୁକ୍ତ ଅଭିମନ୍ୟୁ ନାୟକ ଗିରଫ



ଯାଜପୁରସଦର,(ସବ୍ୟୁ) :ବାଲି ଚୋରାଚାଲାଣ କୁ ନେଇ ଗତ ତା ୨୭/୦୫ ୨୦୨୫ ରିଖ ବରୁଆଁ ପଂଚାୟତର କଚେରିଗାଁ ଠାରେ ବାଲି ମାଫିଆମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିବା ତପନ ଲେଙ୍କାଙ୍କର ଚିକିତ୍ସାଧିନ ଅବସ୍ଥାରେ ଗତ ତା ୦୪/୦୬/୨୫ରିଖରେ ମୃତ୍ୟୁ ହୋଇଥିଲା । ପ୍ରକାଶ ଥାଉକି ଏହି ହତ୍ୟାକାଣ୍ଡରେ ସାମିଲ ହୋଇଥିବା ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀ ଅଭିନ୍ନ ନାୟକ ଫେରାର ଥିଲେ । ସଦରଥାନା ଅଧିକାରିଣୀ ଚିନ୍ମୟୀ ବେହେରା କୌଣସି ସୁତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନା ଅ'ର୍ଗତ ବଳରାମପୁର ଗ୍ରାମରେ ରାତିଅଧିଆ ଚଢାଉକରି ସ୍ୱର୍ଗତ ଫକିର ନାୟକଙ୍କ ପୁତ୍ର ଅଭିଯୁକ୍ତ ଅଭିମନ୍ୟୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ ।

## ବାଇକ ପଛରୁ କାର ଧକ୍କା, ୨ ଗୁରୁତର

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଡାଇଭରସନ ନିକଟରେ ବାଇକ ପଛରେ କାର ଧକ୍କା ଦେବାରୁ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପାଣିକୋଇଲିସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତି କରିଛନ୍ତି । ପୁଲିସ ଘଟଣାସ୍ଥଳେ ପହଂଚି ଗାଡି ଦୁଇଟିକୁ ଜବତ କରିଛି । ଭଦ୍ରକ ଜିଲ୍ଲା ଧାମନଗର ଯାଗୁଳା ଗ୍ରାମର ପ୍ରତାପ ଜେନା ଓ ବଳଭଦ୍ର ପ୍ରସାଦର ବାବୁଲି ଜେନା ମଂଗୁଳିରୁ ଏକ ବାଇକ (ଓଡି୨୨ୱାଇ ୧୬୫୮) ଯୋଗେ ଧାମନଗର ଫେରୁଥିବା ବେଳେ ଶର୍ମା ଭାଇଭରସନ ପାଖରେ ଏକ ମାରୁତି ସୁଜକି କାର (ଓଡି ୦୫ଏଭି ୦୦୬୯) ତାଙ୍କ ପଛରେ ଦ୍ରୁତଗତିରେ ଧକ୍କା ଦେଇଥିଲା । ଫଳରେ ପ୍ରତାପ ଓ ବାବୁଲି ଗୁରୁତର ଆହତ ହୋଇଥିଲେ ।

## ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ୧୦ନଂ ଜୋନରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଜେପି ନେତା ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ୧୦ନଂ ଜୋନର ପ୍ରତ୍ୟେକ ଗଳିକନ୍ଦି ପରିକ୍ରମା କରିଥିଲା । ସ୍ୱାଧୀନତା ଦିବସ ଉପଲକ୍ଷେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂଯୋଜକ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ସମେତ ଚିତ ରଂଜନ ଚୌଧୁରୀ, ବିଜୟ ନାୟକ, ମୃତ୍ୟୁୟ ଲେଙ୍କା, ଅମୀୟ କୁମାର ଜେନା, ରଶ୍ମି ରଂଜନ ସ୍ୱାଇଁ, ଉତମ ନାୟକ, ବନ୍ଦନାରାଣି ରାଉତରାୟଙ୍କ ସମେତ ବହୁ ସଂଖ୍ୟକ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## କେନାଲରେ ଗାଧୋଉଥିବା ଛାତ୍ରୀ ନିଖୋଜ



ସାଲେପୁର,(ସବ୍ୟୁ) :– କେନାଲରେ ଗାଧୋଉ ଥିବାବେଳେ ନବମ ଶ୍ରେଣୀ ଛାତ୍ରୀ କେନାଲ ପାଣିରେ ନିଖୋଜଛ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ସ୍ଥିତ ପଟ୍ଟାମୁଣ୍ଡାଇ କେନାଲରେ । ନରଦା ଗ୍ରାମ ନିକଟରେ କେନାଲ ପାଣିରେ ନିଖୋଜ ନବମ ଶ୍ରେଣୀ ଛାତ୍ରୀ ଜଣକ ହେଲେ ପ୍ରହଲ୍ଲାଦ ସ୍ୱାଇଁଙ୍କ କନ୍ୟା ସୁଚିତ୍ରା ସ୍ୱାଇଁ। ଆଜି ଗାଧୋଉଥିବା ବେଳେ ସୁଚିତ୍ରାଙ୍କ ଗୋଡ଼ ଖସି ଯାଇଥିଲା। କେନାଲରେ ପାଣି ପୂର୍ଣ୍ଣଥିବା ବେଳେ ସେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଅଂଚଳର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ,ଓ ପୋଲିସ ଖୋଜାଖୋଜି ଜାରି ରଖିଥିବା ବେଳେ ସୁଚିତ୍ରାଙ୍କ ପତ୍ତା ମିଳିପାରି ନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ଜାରି ରହିଥିବା ନେଇ ସୂଚନାମିଳିଛି।

# ବିସ୍ଥାପିତ ଓ କର୍ମଚାରୀଙ୍କ ବୈଠକ :ଆନ୍ଦୋଳନ ଚେତାବନୀ



ଦାନଗଦି ,(ସବ୍ୟୁ):ଆଜି ମେସ୍କୋ କାରଖାନା ର ମୁଖ୍ୟ ଫାଟକ ଠାରେ ବିସ୍ଥାପିତ ଓ କର୍ମଚାରୀ ଙ୍କର ଏକ ବୈଠକ ମୋହମ୍ମଦ ଜାହିଦ ଙ୍କସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛା।ଏହି ବୈଠକରେ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। କାରଖାନା ମାଲିକ ବାରମ୍ବାର ମିଛ ପ୍ରତିଶୃତି ଦେଇ ଜିଲ୍ଲା ପ୍ରଶାସନ ଓ ସରକାର ଙ୍କୁ ଠକୁଥିବା ବେଳେ ନା ଜିଲ୍ଲାପ୍ରଶାସନ ନା ସରକାର କାରଖାନା ଚାଲୁ କରିବାପାଇଁ କୌଣସି ପଦକ୍ଷେପ ନ ନେବା ବିସ୍ଥାପିତ ପରିବାର ଓ କର୍ମଚାରୀଙ୍କୁ ମର୍ମାହତ କରିଛି।ଅନେକ ସପ୍ନ ନେଇ କାରଖାନା ପାଇଁ ବିସ୍ଥାପିତ ହୋଇଥିବା ପରିବାର ଆଜି ଦୁଃଖ ଓ ଦୁର୍ଦଶାରେ କାଳାତିପାତ କରିବାପାଇଁ ବାଧ ହେଉଛି। ସରକାର ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବାହାର ଦେଶର ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରୁଛନ୍ତି, ହେଲେ ଦୁଃଖ ଓ ପରିତାପର ବିଷୟ କଳିଙ୍ଗନଗର ର ପ୍ରଥମ କାରଖାନା ମେସ୍କୋ କାରଖାନା ଦୀର୍ଘ ୬୮ମାସ ବନ୍ଦ ହୋଇ ପଡିଛି ।ତାକୁ ପୁନଃ ଚାଲୁ କରିବା ପାଇଁ କୌଣସି ପଦକ୍ଷେପ ନ ନେବା ବିସ୍ଥାପିତ ପରିବାର ସହିତ ଏ ଅଞ୍ଚଳ ର ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କୁ ମର୍ମାହତ କରିଛି । ଯଦି ଆଗାମୀ ଦିନରେ କାରଖାନା ମାଲିକ, ଜିଲ୍ଲାପ୍ରଶାସନ ଓ ଓଡିଶା ସରକାର ବିସ୍ଥାପିତ ପରିବାର ଓ କର୍ମଚାରୀଙ୍କ ଦୁଃଖକୁ ବିଚାରକୁ ନେଇ ସମାଧାନ କରିବାରେ ବିଫଳ ହେବେ ତାହେଲେ ବାଧହୋଇ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇ ବାକୁକର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି ।ବୈଠକରେ ନରେନ୍ଦ୍ର କୁମାର ସାମଲ, ପ୍ରକାଶ କୁମାର ଜେନା,ଓମ ପ୍ରକାଶ ସାହୁ, ମିହିର ସାମନ୍ତରାୟ, ନିହାର ପୋହି, ଉଗ୍ରସେନ ପାତ୍ର, ମାନବେନ୍ଦ୍ର ଜେନା, ବୁଲୁ ସାହୁ, ମୁସ୍ତାକ, ଶିବ ଦାସ, ଏ.ସିଂହ, ନଗେନ କୁମାର ପୃଷ୍ଟି, ଖାଲିଦ ଅନୱାର, ରମେଶ ପୋହି, ଗଦା ପରିଡା ଉପସ୍ଥିତ ଥିଲେ।

## ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହେଲେ ବିଧାୟକ

ମହାକାଳପଡ଼ା,(ସବ୍ୟୁ) : ଭାରତ ମାତାକୁ ବିଦେଶୀ ଶାସନ କବଳରୁ ମୁକ୍ତ କରି ସ୍ୱାଧୀନତା ପୂର୍ବକ ମୁକ୍ତି ପ୍ରଦାନ ରେ ସହାୟକ ସାଜିଥିବା ମହାମନୀଷୀ ମାନଙ୍କ ବଳିଦାନ କୁ ମନେରଖିବା , ଆଜିକାଲିର ଯୁବପିଢ଼ି ଙ୍କ ମଧରେ ଦେଶମାତୃକା ପ୍ରୀତି ଜାଗ୍ରତ କରିବା ଲକ୍ଷ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ କରାଯାଉଛି । ଏନେଇ ମହାକାଳପଡ଼ା ବିଧାନସଭା କ୍ଷେତ୍ର ଅଧୀନ ୧୯ନଂ ଜୋନ ର ତରଫରୁ ସଦର ମହାକାଳପଡ଼ା ପଂଚାୟତ ରେ ବୁଧବାର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜୋନ ସଭାପତି ସୌଭାଗ୍ୟ ବାହାଲିଆଙ୍କ ତତ୍ତ୍ୱାବଧାନରେ ପ୍ରତାପ ପାଇକରାୟଙ୍କ ସଂଯୋଜନାରେ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି । ପଦଯାତ୍ରା ର ମୁଖ୍ୟ ଆକର୍ଷଣ ଭାବେ ସ୍ଥାନୀୟ ବିଧାୟକ ଡ଼. ଦୁର୍ଗାପ୍ରସନ୍ନ ନାୟକ ଉପସ୍ଥିତଥିବା ବେଳେ ଅନ୍ୟମାନଙ୍କ ମଧରେ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ରଞ୍ଜନ ଚୌଧୁରୀ,ସରପଞ୍ଚ ବିଦ୍ୟାଧର ସ୍ୱାଇଁ ପ୍ରଜ୍ଞା ପରମିତା କର ଆଦି ଉପସ୍ଥିତ ଥିଲେ । ମହାକାଳପଡ଼ା ଡାକ ବଙ୍ଗଳା ଠାରୁ ବାୟାବାବା ମହାବିଦ୍ୟାଳୟ ପାଖ ବାସୁଦେବ ଆଶ୍ରମ ପର୍ଯ୍ୟନ୍ତ ଶତାଧିକ ମହିଳା ପୁରୁଷ, ଯୁବକ ଯୁବତୀ ଭାରତ ମାତାକି ଜୟ ଜୟ କାର କରି ପଦଯାତ୍ରା ରେ ଆଗେଇ ଚାଲିଥିଲେ । ପଦଯାତ୍ରା ଶେଷରେ ଆଶ୍ରମ ନିକଟରେ ଅପେକ୍ଷାରତ ପଂଚାୟତ ର ଲୋକେ ବିଧାୟକଙ୍କୁ ସାକ୍ଷାତ କରି ଅଂଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସେହିପରି ଶ୍ରୀଶ୍ରୀ ବାୟାବାବା ମହାବିଦ୍ୟାଳୟ ତରଫରୁ ଛାତ୍ର/ ଛାତ୍ରୀ ଅଧାପକ/ ଅଧାପିକା ମାନେ ତ୍ରିରଙ୍ଗା ପଦଯାତ୍ରା ର ଆୟୋଜନ କରିଥିଲେ ଯେ ଛାତ୍ର /ଛାତ୍ରୀ ଅଧାପକ /ଅଧାପିକା ମାନେ ତ୍ରିରଙ୍ଗା ପତାକା ଧରି ମହାବିଦ୍ୟାଳୟ ପରିସର ରୁ ପଦଯାତ୍ରା ରେ ବାହାରି ବିଭିନ୍ନ ଗ୍ରାମ ଦେଇ ପୁନଃ ଶିକ୍ଷାନୁଷ୍ଠାନ ପରିସରରେ ପହଂଚି ଥିଲେ ।

## ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ବରାଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଆଜି ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ତଥା ରାଜକନିକା ବ୍ଲକ ବିଜ୍ଞାନ ସଂଯୋଜକ ନିରଞ୍ଜନ ବେହେରା, ମୁଖ୍ୟ ବକ୍ତା ଭାବେ ଆଜି ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସୁତାର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇ ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ବିବେକାନନ୍ଦ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ କାର୍ଯ୍ୟକ୍ରମ ର ଉଦେଶ୍ୟ ଜ୍ଞାପନ କରିଥିଲା ବେଳେ ରାଜକନିକା ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ରେ ସଂକୁଳର ୮ ଟି ବିଦ୍ୟାଳୟ ରୁ ୧୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ସହିତ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, କଥା କଥନ ଆଦି ପ୍ରତିଯୋଗିତା ରେ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ ତଥା କନିକା ପୂଜ୍ୟ ପୂଜା ପରିଷଦର ସମ୍ପାଦକ କପିଳ ଚରଣ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତା୧୨.୦୮.୨୦୨୫ରିଖରେ ଜାତୀୟ କୃମିନାଶକ ଦିବସ ପାଳନ ହୋଇଯାଇଛି। କୃମି ସଂକ୍ରମିତ ହୋଇ ନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ ହୋଇଥାନ୍ତି। କୃମି ଯୋଗୁ ପୃଷ୍ଟିହୀନତା ଓ ରକ୍ତହୀନତାର ଶିକାର ହୋଇ ପିଲାମାନେ ଦୁର୍ବଳ ଅନୁଭବ କରନ୍ତି। ସେମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ବାଧାପ୍ରାପ୍ତ ହୁଏ। ଏଥି ନିମନ୍ତେ ଆଜି ବିଦ୍ୟାଳୟର ୩୯୯ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ପରେ କୃମିନାଶକ ବଟିକା ଖାଇବାକୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ସେଠୀ, ଅଙ୍ଗନୱାଡିକର୍ମୀ କାନ୍ତିଲତା ନାୟକ, ଆଶା କର୍ମୀ ଅନ୍ନପୂର୍ଣ୍ଣ ପ୍ରହରାଜ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବାରିକ, ଶିକ୍ଷୟିତ୍ରୀ ଲିସା ପ୍ରଧାନ, ମମତା ଜେନା, ଜୟନ୍ତୀ ସାହୁ, ଗାୟତ୍ରୀ ରାଉତ, ପଦ୍ମଳୟା ସିଂହ, ବାସନ୍ତୀ ଶୋରେନ୍, ଶିକ୍ଷକ ରମାକାନ୍ତ ଦାସ, କୃପାସିନ୍ଧୁ ବେହେରା, ପ୍ରଶାନ୍ତ କୁମାର ସାହୁ, ଦିପକ କୁମାର ସାହୁ, ହରିଶଚନ୍ଦ୍ର ନାୟକ, ଦେବଦତ୍ତ ସାହୁ, ଶିକ୍ଷାକର୍ମଚାରୀ ପ୍ରମୋଦ କୁମାର ପାତ୍ର, ବ୍ରଜକିଶୋର ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା ସାହିତ୍ୟ ଓ ସଂସ୍କୃତି କଳାକାର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ଓ ସଂସ୍କୃତି କଳାକାର ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ସଂଘ ତରଫରୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ଲୋକମାନେ ଜିଲ୍ଲାକୁ ୨/୩ ମାସରେ ଥରେ ବିଭିନ୍ନ ପ୍ରକାର କଳ୍ପ କଳ୍ପିତ କଥାକୁ ନେଇ ବିବାଦ ସୃଷ୍ଟି କରୁଛଁନ୍ତି । ଯାହା ଫଳରେ ଜିଲ୍ଲାର କଳା ସଂସ୍କୃତି ସଂଘକୁ ବାରମ୍ବାର ବଦନାମ କରି ଜିଲ୍ଲା ପ୍ରଶାସନ କୁ ବଦନାମ କରିବା ପଇଁ ଚେଷ୍ଟା କରୁଛଁନ୍ତି । ସାଂସ୍କୃତିକ କର୍ଯ୍ୟକ୍ରମ କୁ ନିଜ ନାମରେ ନେଇ ଅନ୍ୟ କଳାକାର ମାନଙ୍କୁ ବିକ୍ରି କରିବା, ସଂଗଠନ ନାମରେ ହଜାର ହଜାର ଟଙ୍କା ଆଦାୟ କରିବା ପ୍ରଭୃତି କାର୍ଯ୍ୟ ଗୁଡିକ କରି ଚାଲିଛଁନ୍ତି । ଆଗାମୀ ସଂଘର ନିର୍ବାଚନ ପଇଁ ବ୍ଲକ ଓ ଜିଲଲ କଳା ସଂସ୍କୃତି ସଂଘର ଉପ ସଭାପତି ନିର୍ବାଚନକୁ ଆଖି ଆଗରେ ରଖି ଏଭଳି କାର୍ଯ୍ୟ କରୁଥିବା ସଂଘ ତରଫରୁ ପ୍ରକାଶ କରାଯାଇ ଏମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦବି କରବା ସହିତ ଏପ୍ରକାର ମନଗଢା କଳ୍ପ କଳ୍ପିତ କଥାରୁ ନିବୃତ ରହିବା ପାଇଁ ନିବେଦନ କରିଛଁ । କାର୍ଯ୍ୟକ୍ରମରେ ବାବାଜୀ ପଟ୍ଟନାୟକ, କେଶବ ଚନ୍ଦ୍ର ବେହୁରା, ସୁଶୀଳ କୁମାର ସ୍ୱାଇଁ, ସୁରେଶ ଜେନା, ରମେଶ ଚନ୍ଦ୍ର ବେହେରା, ଗୌରାଙ୍ଗ ଜେନା, ବୀରବର ବାରିକ, ଗଣେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ
## ଉପଜିଲ୍ଲାପାଳଙ୍କ ନିକଟରେ ହାଜିର ହେବେ ୩୮ ସରପଞ୍ଚ ଓ ସମିତିସଭ୍ୟ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଜି ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜର ଦସ୍ତଖତ ଯାଂଚ କରାଇବେ ୩୮ ଜଣ ସମିତିସଭ୍ୟ ଓ ସରପଂଚ । ଏନେଇ ଧର୍ମଶାଳା ବିଡିଓ ଅନସ୍ଥା ଆଣିଥିବା ୩୮ ଜଣ ସମିତିସଭ୍ୟ ଓ ସରପଂଚଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହେବା ପାଇଁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ସୂଚନା ମୁତାବକ ଧର୍ମଶାଳା ବ୍ଲକରେ ଗତ ୨୦୧୭ ମସିହାରେ ପୁର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସାନ ଭାଇ ପ୍ରଭାତ କୁମାର ବଳବନ୍ତରାୟ ବ୍ଲକ ଅଧ୍ୟକ୍ଷ ଭାର ସମ୍ଭାଳିଥିଲେ । ପରବର୍ତୀ ୨୦୨୨ ପଂଚାୟତ ନିର୍ବାଚନରେ ସେ ସମିତି ସଭ୍ୟ ଭାବେ ବିଜୟୀ ହୋଇ ସମିତିସଭ୍ୟମାନଙ୍କ ଭୋଟରେ ପୁଣି ଥରେ ଅଧ୍ୟକ୍ଷ ପଦ ଲାଭ କରିଥିଲେ । ବିଗତ ୨୫ ବର୍ଷହେଲା ଧର୍ମଶାଳାରେ ଗୋଟିଏ ପରିବାର ଶାସନରେ ରହିଆସୁଥିବା ବେଳେ ଗତ ସାଧାରଣ ନିର୍ବାଚନରେ ଧର୍ମଶାଳା ବିଧାନ ସଭା ଆସନରେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କୁ ପରାସ୍ତ କରି ହିମାଂଶୁ ଶେଖର ସାହୁ ବିଧାୟକ ହୋଇ ରାଜ୍ୟରେ ବିଜେପି ସରକାରକୁ ପୁର୍ଣ୍ଣମାତ୍ରାରେ ସମର୍ଥନ ଦେଇ ସରକାରରେ ନିଜର ସ୍ଥିତି ସୁଦୃଢ କରିପରିଛନ୍ତି । ତେବେ ସରକାର ପରିବର୍ତନ ପରେ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟକୁ ନେଇ ଉଭୟ ବିଜେଡି ଓ ବିଜେପି ସମର୍ଥକମାନଙ୍କ ମଧ୍ୟରେ ଛକାପଂଜା ଲାଗିରହିବାରୁ ଉନ୍ନୟନ ମୁଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଯୋଗୁଁ ସରପଂଚ ଓ ସମିତିସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଥିଲା । ଏହାର ଫଳ ସ୍ୱରୁପ ଗତ ୧୦ ତାରିଖରେ ସରପଂଚ ଓ ସମିତିସଭ୍ୟମାନେ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଧର୍ମଶାଳା ବ୍ଲକରେ ୪୫ ଗୋଟି ପଂଚାୟତ ରହିଥିବା ବେଳେ ଗତ ୧୦ ତରିଖ ଦିନ ୩୮ ଜଣ ସମିତିସଭ୍ୟ ଓ ସରପଂଚ ନିଜ ଦସ୍ତଖତରେ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଛନ୍ତି । ଏହି ଅନାସ୍ଥା ଅଭିଯାନରେ ସାମିଲ ହୋଇଥିବା ସରପଂଚ ଓ ସମିତିସଭ୍ୟମାନେ ୧୪ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହେବା ପାଇଁ ଧର୍ମଶାଳା ବିଡିଓ ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି । ତେବେ ୩୮ ଜଣ ସରପଂଚ ଓ ସମିତିସଭ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜର ଦସ୍ତଖତ ଯାଂଚ କରାଇବେ । ଏହା ହେବାପରେ ଯଦି ଅନାସ୍ଥାର ଆବଶ୍ୟକତା ରହିଛି ବୋଲି ଉପଜିଲ୍ଲାପାଳ ଅନୁଭବ କରନ୍ତି । ତାହା ହେଲେ ସେ ଅନାସ୍ଥା ଭୋଟ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ଆସିଲେ ତାଙ୍କର ପରାଜୟ ହେବାର ଅଶଙ୍କା ଅଧିକ ରହୁଥିବା ଜଣାପଡୁଛି ।

## ବିଞ୍ଝାରପୁର ମଣ୍ଡଳ ସ୍ତରୀୟ ଶାରିରୀକ ଶିକ୍ଷକ ସଙ୍ଗଠନ ବାର୍ଷିକ ସାଧାରଣ ପରିଷଦ ବୈଠକ



ବିଞ୍ଝାରପୁର,(ସବ୍ୟୁ):ବିଞ୍ଝାରପୁର ମଣ୍ଡଳ ସ୍ତରୀୟ ଶାରିରୀକ ଶିକ୍ଷକ ସଙ୍ଗଠନର ବାର୍ଷିକ ସାଧାରଣ ପରିଷଦ ବୈଠକ ଫତେପୁର ସ୍ଥିତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ମିଶ୍ର ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥ ଭାବରେ ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ନାଥ , ଅବସର ପ୍ରାପ୍ତ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ମଧୁସୂଦନ ଧଳ, ରାଜେନ୍ଦ୍ର କୁମାର ଦାସ, ବ୍ଲକ ନୋଡାଲ ସେକ୍ରେଟାରୀ ଇସଲାମିଆ ଉଚ୍ଚ ବିଦ୍ୟାଳୟର ମହମ୍ମଦ ସମିମ ପ୍ରମୁଖ ଉପସ୍ଥିତ ଥିଲେ । ଏମ.ଏମ. ଜି.ପି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଜୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ସଭାରେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ଲକ ସ୍ତରୀୟ ଆଂଚଳିକ ଶାରଦୀୟ କ୍ରୀଡା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ପାରାଦୀପକୁ ଗ୍ରାସ କଲାଣି ଆର୍ଥିକ ଅସମାନତା

ପାରାଦୀପ – ( ଜି . ପ୍ର ) ପୂର୍ବ ଭାରତର ବିକାଶର ପଥ କୁହାଯାଉଥିବା ପାରାଦୀପ ବନ୍ଦର ସର୍ବ ଭାରତୀୟ ମେଜର ପୋର୍ଟ ମଧରେ ଏକ ନମ୍ବର ସ୍ଥାନ ବଜାୟ ରଖିଛି । ଶିଳ୍ପ ପରେ ଶିଳ୍ପ ଏବେ ଏଠାରେ ଗଢି ଉଠିଛି । ଆଗକୁ ଆହୁରି ମଧ୍ୟ ଏଠାରେ ଶିଳ୍ପ କରିଡର ହେବାକୁ ଲକ୍ଷ୍ୟ ରଖାଯାଇଛି । ହେଲେ ଶିଳ୍ପ ଅଞ୍ଚଳର ଅଭିବୃଦ୍ଧି ହେବାସହ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ଙ୍କର ସମକାଳୀନ ଆର୍ଥିକ ଅଭିବୃଦ୍ଧି ନହେବାରୁ ଏବେ ଏହି ଅଞ୍ଚଳରେ ଆର୍ଥିକ ଅସମାନତା ବା ଇକୋନୋମିକାଲ ଇନବାଲାନ୍ସ ଦେଖିବାକୁ ମିଳିଲାଣି । ବନ୍ଦର ପ୍ରତିଷ୍ଠା ଓ ଶିଳ୍ପ ନଗରୀ ନିର୍ମାଣରେ ନିଜର ଶ୍ରମ ଓ ସାମର୍ଥ୍ୟ ଦାନ କରି ରାତି ଦିନ ଝାଳ ବୁହାଇଥିବା କିଛି ସ୍ଥାନୀୟ ଲୋକ ଏବେ ଆର୍ଥିକ ଅନାଟନରେ କାଳାତିପାତ କରୁଛନ୍ତି । ବାଇଗଣ , ଭେଣ୍ଡି , ପୋଟଳ ଆଦି ପନିପରିବା ଏବେ କିଲୋ ପ୍ରତି ୧୦୦ ଛୁଇଁବାକୁ ବସିଲାଣି । କାରଣ ଏହି ଅଞ୍ଚଳର ଜମି ସବୁ ଶିଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ବେଳେ ଅନେକ ଲୋକ ନିଜ ଜମି ହରାଇବା ସହ ଜିବିକା ମଧ୍ୟ ହରାଇ ଚାକିରି ପାଇଁ ବର୍ଷ ବର୍ଷ ଧରି ଆନ୍ଦୋଳନ ଧର୍ମଘଟ କରି ଚାଲିଛନ୍ତି । ଅତି ବେଶୀରେ ଜଣେ ଅଧେ ଠିକାରେ କର୍ମ ନିଯୁକ୍ତି ପାଉଥିବା ବେଳେ ସେମାନକ ଦରମା ଅନ୍ୟମାନଙ୍କ ତୁଳନାରେ ସମୁଦ୍ରକୁ ସଂଖେ । ଏହି ଅଞ୍ଚଳରେ ପନିପରିବା ଓ ଧାନ ଚାଷ ହେଉ ନଥିବା ବେଳେ ପଡୋଶୀ ବ୍ଲକ ଅଞ୍ଚଳରୁ ପନିପରିବା ଆସୁଛି । ଦିନ ଥିଲା ଏହି ଅଞ୍ଚଳରେ ଏତେ ପନିପରିବା ଚାଷ ହେଉଥିଲା ଯେ ଚାଷୀ ନିଜ ପରିବା ଆଣି କୁଜଙ୍ଗ ବଜାରକୁ ବିକ୍ରି କରିବାକୁ ଆସୁଥିଲା ଆଉ ବିକ୍ରି ନହୋଇ ପାରିବାରୁ ଅନେକ ପରିବା ବଜାର କଡରେ ଫିଙ୍ଗି ଚାଲି ଯାଉଥିଲା, ଯାହାକୁ ଗୋରୁ ଗାଈ ସଣ୍ଡ ଖାଇ ଖାଇ ସରୁ ନଥିଲା ଓ ସେଠାରେ ପଡି ପଚିପଚି ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା । ଏବେ ଏହି ଅଞ୍ଚଳରେ ଚାଷ ନାହିଁ ଓ ବାହାର ଲୋକଙ୍କ ସଂଖ୍ୟା ବୃଦ୍ଧି ହେତୁ ଚାହିଦା ମଧ୍ୟ ବୃଦ୍ଧି ପାଉଛି । ଅଳ୍ପ କିଛି ପରିମାଣର ପରିବାକୁ ଅତ୍ୟଧିକ ଦାମରେ କମ୍ପାନୀ କର୍ମଚାରୀ କ୍ରୟ କରିବାକୁ ସକ୍ଷମ ହେଉଥିବା ବେଳେ ଦୀର୍ଘ ଦଶନ୍ଧି ଧରି ଏଠାରେ ବସବାସ କରୁଥିବା ସ୍ଥାନୀୟ ଲୋକଟି ଅଧକିଲୋ ପରିବା କିଣିବାରେ ଅସମର୍ଥ । ଅଧିକ ଦରମାରେ ନିଯୁକ୍ତି ପାଉଥିବା ଓ ଠିକାଦାର କରିଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଇଲିସ ମାଛ ସଉକ ହୋଇଥିବା ବେଳେ ଗରିବ ଥାଳିରେ ତାହା ଏବେ ସ୍ୱପ୍ନ । କାରଣ ପ୍ରଦୂଷଣ ମାତ୍ରା ଆଶାତୀତ ବୃଦ୍ଧି କାରଣରୁ ଇଲିସ ମାଛ ଆମଦାନୀରେ ମଧ୍ୟ କମ ଦେଖିବାକୁ ମିଳିଛି । ବଡ ବଡ ବାବୁ ମାନେ ଏହାକୁ କିଣି ନିଜେ ଖାଇବା ସହ ଅନ୍ୟ ବନ୍ଧୁ ସମ୍ପର୍କୀୟଙ୍କ ପାଇଁ ଉପହାର ପଠାଉଥିବା ବେଳେ ସ୍ଥାନୀୟ ଲୋକ ପାଇଁ ତାହା ଆଶାଠାରୁ ଅନେକ ଦୂରରେ । ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ଅସୁବିଧା ଏବଂ ଓ ଜମି ଦେଇ ଜିବିକା ହରାଇ ଥିବା ଏଠାକାର ଲୋକେ ଧୀରେ ଧୀରେ ଆର୍ଥିକ ଅସମାନତା ଭିତରେ ଛନ୍ଦି ହୋଇ ସାରିଲେଣି । ଅନେକ ଟ୍ରକ ବ୍ୟବସାୟରେ ପଶି ଏବେ ଆଇରନ ବ୍ୟବସାୟ ମାନ୍ଦା ପଡିଥିବାରୁ ସେମାନେ ରୁଣ ଭାରରେ ଆଉଟୁପାଉଟୁ ହେଉଛନ୍ତି । ଦିଓଳି ଦିମୁଠା ଖାଇ ତେଲ ଲୁଣର ସଂସାର ଚଳାଇବା ଓ ନିଜ ପିଲା ମାନଙ୍କୁ ଉତମ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବା ଦିଗରେ ସେମାନେ ଅସଫଳ ହେଇ ଗଲେଣି । ଜମିର ଅହେତୁକ ମୂଲ୍ୟ ବୃଦ୍ଧି ସହ ନିଜ ପିଲାମାନଙ୍କ ପାଇଁ ଜମି ଖଣ୍ଡେ କିଣି ପାରୁନାହାନ୍ତି । ଏଠାକାର ବାସିନ୍ଦା ବାହାର କମ୍ପାନୀ ଲୋକ, କରୋଡପତି ମାନେ ନିଜ ବ୍ୟବସାୟର ପସରା ମେଲାଇବାକୁ ଚଢା ମୂଲ୍ୟରେ ଜମି କିଣିବାରେ ବ୍ୟସ୍ତ । ଶିଳ୍ପ ସହିତ ତାଳଦେଇ ଶିଳ୍ପ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳର ଲୋକ ମାନଙ୍କ ଆର୍ଥିକ ବିକାଶରେ ଅଭିବୃଦ୍ଧି ନଘଟିଲେ ଏହାକୁ ଆର୍ଥିକ ଅସମାନତା ବା ଇକୋନୋମିକଲ ଇନବାଲାନ୍ସ ବୋଲି କୁହଯାଏ । ଯାହା ଏବେ ଏହି ଅଞ୍ଚଳର ମୁଖ୍ୟ ସମସ୍ୟାର କାରଣ ହୋଇଛି । ଏବେଠାରୁ ଏଥିପ୍ରତି ତୁରନ୍ତ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ସ୍ଥାନୀୟ ଲୋକଙ୍କ ସ୍ୱତନ୍ତ୍ର ଆର୍ଥିକ ଅଭିବୃଦ୍ଧି କରାଇବାକୁ ଯୋଜନା ପ୍ରସ୍ତୁତ ନହେଲେ ଆଗକୁ ଯେ ଆହୁରି ସମସ୍ୟା ବୃଦ୍ଧି ନପାଇବ ଓ ଆଜିର ଶିଶୁ କାଲିର ଏକ ବଡ ଅପରାଧି, ଚୋର କିମ୍ବା ମାଫିଆ ନହେବ ତାହା କିଏ କହିବ ।

# ଦେହରେ ନିଆଁ ଲାଗି ମହିଳା ଗୁରୁତର



ପିପିଲି, (ସବ୍ୟୁ): ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ହିଂସା ଓ ଆତ୍ମହତ୍ୟା ଭଳି ଘଟଣା କମିବାର ନା ଧରୁନଥିବା ବେଳେ ପିପିଲି ଏନଏସି ଅନ୍ତଗତ ଜଣେ ମହିଳାଙ୍କ ଦେହରେ ନିଆଁ ଲାଗି ଗୁରୁତର ହେବା ଘଟଣା ଏବେ ସମସ୍ତଙ୍କୁ ଚକିତ କରିଛି । ପିପିଲି ଏନଏସି ଦରଜିସାହୀର ଜଣେ ମହିଳା ପରିବାର ସମେତ ଜୟପୁର ଛକ ନିକଟସ୍ଥ ଏକ ଘରେ ଭଡାରେ ରହୁଥିଲେ । ବୁଧବାର ସନ୍ଧ୍ୟାରେ ମହିଳା ଜଣକ ଦେହରେ ନିଆଁ ଲାଗିଥିବା ପଡିଶା ଘର ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରିଥିଲେ । ତାଙ୍କର ଅବସ୍ଥା ସଂକଟାପନ୍ନ ରହିଥିବା ବେଳେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଖବର ପାଇ ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ମହିଳାଙ୍କ ଦେହରେ କିଭଳି ନିଆଁ ଲାଗିଲା ତାର କାରଣ ଜଣା ପଡିନାହିଁ ।

# ହୁଣ୍ଡି ଭାଙ୍ଗି ଚୋରି : ୩ ଗିରଫ



ବାରଙ୍ଗ ,(ସବ୍ୟୁ): ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିରର ହୁଣ୍ଡିଭାଙ୍ଗି ଚୋରି ଘଟଣାରେ ନନ୍ଦନକାନନଥାନା ପୁଲିସ କେଶ ନଂ ୩୦୧/୨୫ରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ୩ଜଣଙ୍କୁ ଗିରଫ କରି ବୁଧବାରଦିନ କୋର୍ଟଚାଲାଣ କରିଛନ୍ତି । ଗିରଫ ୩ଜଣ ଜଗନ୍ନାଥମନ୍ଦିର ପଛପଟ ଟାଙ୍ଗୀବସ୍ତିରେ ରହୁଥିବା ତିଗିରିଆ ଡ଼ମପଡାର ଅରୁଣ ବେହେରା (୨୪),ରଘୁନାଥପୁର୍ ମାରୁତି ରେଶିଡେନ୍ସିରେ ରହୁଥିବା ଗାଡକଣ ମଙ୍ଗଳାସାହିର ତ୍ରିଲୋଚନ ଭୋଇ(୨୬),ରଘୁନାଥପୁର ତିଅରସାହିର ସୂର୍ଯ୍ୟକାନ୍ତ ଦାସ(୨୪)।ପୋଲିସ ସେମାନଙ୍କ ଠାରୁ ନଗଦ ୬ହଜାରେ ଟଙ୍କା ଜବତ କରିଛି। ପ୍ରକାଶଯେ, ପ୍ରକାଶ କୁମାର ପଣ୍ଡା ଜଗନ୍ନାଥମନ୍ଦିରର ପୂଜକ ଭାବେ କାର୍ଯ୍ୟ କରନ୍ତି ।ଗତ ୧୦ତାରିଖ ରାତିରେ ସେ ମନ୍ଦିରର ପୂଜାକାର୍ଯ୍ୟ ସାରି ମନ୍ଦିରପରିସର ମଧ୍ୟରେ ଥିବା ଘରେ ବିଶ୍ରାମ ନେବାଲାଗି ଚାଲିଯାଇଥିଲେ । ସେ ଶୋଇବାପରେ ଅରୁଣ ବେହେରା, ତ୍ରିଲୋଚନ ଭୋଇ, ସୂର୍ଯ୍ୟକାନ୍ତ ଦାସ ତିନିଜଣ ପୂର୍ବ ଯୋଜନା ଅନୁଯାଇ ଅତି ସନ୍ତର୍ପଣରେ ମନ୍ଦିର ଭିତରେ ପ୍ରବେଶ କରିବା ସହ ଭିତରେ ଥିବା ଦାନବାକ୍ସର ତାଲାଭାଙ୍ଗି ପ୍ରାୟ ୭ହଜାର ଟଙ୍କା ଚୋରିକରି ନେଇଯାଇଥିଲେ । ପରେ ସେମାନେ ଚୋରୀଟଙ୍କାକୁ ନିଜନିଜ ମଧ୍ୟରେ ସମାନଭାଗରେ ବାଣ୍ଟି ନେଇଥିଲେ ଏବଂ ବାକି ଟଙ୍କାକୁ ଖର୍ଚ୍ଚ କରିଦେଇଥିଲେ । ୧୧ ତାରିଖ ଭୋର ୩ଟା ସମୟରେ ମନ୍ଦିରର ଝାଡୁଦାର ଦାନବାକ୍ସରୁ ଟଙ୍କା ଚୋରୀ ହୋଇଥିବା ନେଇ ପୂଜକଙ୍କୁ ପ୍ରଥମେ ସୂଚନା ଦେଇଥିଲେ । ପରେ ପୂଜକ ଏନେଇ ନନ୍ଦନ କାନନଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।ଅନ୍ୟପଟେ ନନ୍ଦନକାନନ ବସଷ୍ଟାଣ୍ଡ ରେ ଥିବା ସୁରେଶ କୁମାର ରାଉତଙ୍କ ଶୌଚାଳୟରୁ ପାଣିମଟର ଓ ବାହୁଡା ପାତ୍ରଙ୍କ ହୋଟେଲରୁ ଆସବାସପତ୍ର ସୋମବାର ରାତିରେ ଚୋରି ହୋଇଥିବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିଲା।ସୁରେଶ ସନ୍ଦେହରେ ଉକ୍ତ ଯୁବକମାନଙ୍କ ନାମ କହିବାରୁ ଚୋରି ଘଟଣାଉପରୁ ପରଦା ଉଠାଇବାରେ ପୋଲିସକୁ ସୁବିଧା ହୋଇଥିଲା।ମଙ୍ଗଳବାର ରାତିରେ ପୋଲିସ ଏହି ୩ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ଏମାନେ ଚୋରି ଘଟଣାରେ ସମ୍ପୃକ୍ତି ଥିବାର ପୋଲିସ ଆଗରେ ସ୍ୱୀକାର କରିଥିଲେ।ଅରୁଣ ବେହେରାଙ୍କ ନାମରେ ପୂର୍ବରୁ ନନ୍ଦନକାନନ ଥାନାରେ ଗୋଟିଏ ମାମଲା ,ସୂର୍ଯ୍ୟକାନ୍ତ ଦାସଙ୍କ ନାମରେ ୨ ଟି ମାମଲା ରହିଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା।

# ଦାସିଆ ପୀଠରେ ଝୁଲଣ ପର୍ବ

ପିପିଲି, (ସବ୍ୟୁ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ଚଳିତ ଶ୍ରାବଣ କୃଷ୍ଣ ଦଶମୀ ତିଥିରେ ଝୁଲଣ ପର୍ବ ଆରମ୍ଭ ହୋଇ ପ୍ରତିପଦ ତିଥିରେ ଶେଷ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟା ଆଳତୀ ପରେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରମୁଖ୍ୟପୂଜକ ଲିଙ୍ଗରାଜ ପଣ୍ଡା ମଦନମୋହନ, ଭୂଦେବୀ ଶ୍ରୀଦେବୀ ଗୁରୁଣ୍ଡୀ ଗୋପାଳ ଏକ ସୁସଜ୍ଜିତ ବିମାନକୁ ବିରାଜମାନ କରିବା ପରେସ୍ଥାନୀୟ ସାଂସ୍କୃତିକ ସଂଗଠନମାନଙ୍କ ସହଯୋଗରେ ଭଜନ କୀର୍ତ୍ତନ, ଜଣାଣ, ପାରମ୍ପାରିକ ସଂଗୀତ, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ନିକଟବର୍ତ୍ତି ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସମାଗମ ହୋଇଥିଲା।ଏହି ଅବସରରେ ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଗତ ୯ ତାରିଖରେ ପର୍ବରେ ଯୋଗଦେଇ ଦ୍ୱାପର ଯୁଗରୁ ରାଧାକୃଷ୍ଣଙ୍କ ଝୁଲଣ ପର୍ବର ଗ୍ରାଧାନ୍ୟତା ବ୍ୟାଖ୍ୟା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନରସଂପାଦକ ଡଃ ନାରାୟଣ ମହାପାତ୍ରଙ୍କ ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଭଜନ ସଂନ୍ଧ୍ୟା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟସଂଙ୍ଗୀତଜ୍ଞ ଅଜୟ ଦାସ, ଭାରତୀ ଭୁଷଣ ପଟ୍ଟନାୟକ, ଆର୍ନ୍ତଜାତିକ ବଂଶୀବାଦକ ପର୍ଶୁରାମ ଦାଶ, ତାବଲାବାଦକ ହେମନ୍ତ ସ୍ୱାଇଁ, ଅକ୍ଷୟ ସାହୁଯୋଗ ଦେଇଥିଲେ। ନିକଟବର୍ତ୍ତୀ ଅଞ୍ଚଳରୁ ବହୁ କଣ୍ଠଶିଳ୍ପୀଙ୍କ ସୁମଧୁରପୁରାତନ ଭଜନ ଗାନ କରିଥିଲେ ।

# ସୁରେନ୍ଦ୍ର ନାଥ ବିଦ୍ୟାପୀଠକୁ ବଦନାମ କରିବାକୁ ଚକ୍ରାନ୍ତ

ଅସ୍ତରଙ୍ଗ ,(ସବ୍ୟୁ): ପୁରୀଜିଲ୍ଲା ଅସ୍ତରଙ୍ଗ ଶିକ୍ଷା ସର୍କଲ ଅଧିନ ସୁନ୍ଦରସ୍ଥିତ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ସୁରେନ୍ଦ୍ରନାଥ ବିଦ୍ୟାପୀଠକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବଦନାମ କରିବା ପାଇଁ କିଛି ବର୍ଷ ଧରି ଚକ୍ରାନ୍ତ କରି ଆସୁଥିବା ସ୍ଥାନୀୟ ସରପଞ୍ଚ ଯଶୋବନ୍ତ ନାୟକ କହିଛନ୍ତି । ବିଦ୍ୟାପୀଠର ପ୍ରତିଷ୍ଠାତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରଙ୍କ ଦେହାନ୍ତ ପରେ କିଛି ଚକ୍ରାନ୍ତ କାରି ଗୋଷ୍ଠୀ ହିନ ରାଜନୀତି କରି ବିଦ୍ୟାଳୟ ପରିସରରେ ରୋଷେଇ କାର୍ଯ୍ୟରେ ବ୍ୟବହୃତ ପାଇଁ ଜାଳେଣି କାଠ ମହଜୁଦ ଥିବା ବେଳେ ଛାତ୍ର ଛାତ୍ରୀ ମାନେ ଖେଳ ସମୟରେ ସେହି ବାଟ ଦେଇ ଖେଳ ପଡିଆକୁ ଯିବା ବେଳେ କାଠ ତାଙ୍କ ଗୋ ବାଜି ସାମାନ୍ୟ ଆଘାତ ହୋଇଥିଲେ । ଛାତ୍ର ଛାତ୍ରୀମାନେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନ ଜଣାଇ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ସମୟରେ ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଦ୍ୱାରା ଫଟୋ ଉତ୍ତୋଳନ କରାଯାଇ ଖବର ଭାଇରାଲ କରାଗଲା,ଯେ ମଧ୍ୟାହ୍ନ ଭୋଜନ ପାଇଁ ଛାତ୍ର ଛାତ୍ରୀଙ୍କୁ ଶାରୀରିକ କାର୍ଯ୍ୟରେ ନିୟୋଜିତ କରାଯାଉଛି ।

ଘଟଣା ସମ୍ପର୍କରେ ସରପଞ୍ଚ ,ୱାର୍ଡ ସଭ୍ୟ ବିଜୟ କୁମାର ନାୟକ ଓ ସ୍ଥାନୀୟ ଅଭିଭାବକ ମାନେ ସତ୍ୟାସତ୍ୟ ଜାଣିବା ପାଇଁ ବିଦ୍ୟାପୀଠରେ ପହଞ୍ଚି, ଦେଖି ବାରେ ଜଣାପଡିଲା ଯେ ବିଦ୍ୟାପୀଠ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ସେହି କାର୍ଯ୍ୟରେ ନିୟୋଜିତ କରି ନାହାଁନ୍ତି। ଛାତ୍ରମାନେ ନିଜ ପକ୍ଷରୁ ନିଜେ ଜାଳେଣି କାଠକୁ ସ୍ଥାନାନ୍ତରିତ କରିଛନ୍ତି ।

ଏହି ହୀନ ଚକ୍ରାନ୍ତକୁ ସରପଞ୍ଚ ,ୱାର୍ଡ ସଭ୍ୟ ସମେତ ଅଭିଭାବକମାନେ ଦୃଢ଼ ନିନ୍ଦା କରିବା ସହିତ ଚକ୍ରାନ୍ତକାରୀଙ୍କୁ ପରୋକ୍ଷରେ ଏଭଳି କାର୍ଯ୍ୟରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଥିଲେ । ସୁରେନ୍ଦ୍ର ନାଥ ବିଦ୍ୟାପୀଠ ଅସ୍ତରଙ୍ଗ ଶିକ୍ଷା ସର୍କଲରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ।ହେଲେ ଅନୁଷ୍ଠାନକୁ ବଦନାମ ନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଦେବାରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇ ପାରିଲେ ଶିକ୍ଷାନୁଷ୍ଠାନ ପାଇଁ ମଙ୍ଗଳ ହେବ ବୋଲି ୱାର୍ଡ ସଭ୍ୟ ବିଜୟ କୁମାର ନାୟକ କହିଛନ୍ତି ଓ ବଦନାମ କରିବାକୁ ଅପଚେଷ୍ଟା କରୁଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଅଭିଭାବକ ମହଲରେ ଦାବି ହେଉଥିବା ସ୍ଥଳେ,ଘଟଣା ପଛରେ କାହାର ହାତ ରହିଛି ତାହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଫଟୋ ଭାଇରାଲ କରିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଅଭିଭାବକ ଛାତ୍ର ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ଅମଲା ସଂଘର କଲମ ଛାଡ଼ ଆନ୍ଦୋଳନ

# ଚାଷୀ ପଞ୍ଜିକରଣରେ ବାଧକ

ନିରାକାରପୁର, (ସବ୍ୟୁ): ଚଳିତ ବର୍ଷ ୨୦୨୫-୨୬ ଖରିଫ ଧାନ ପଂଜୀକରଣ ପ୍ରକ୍ରିୟା ୧୫.୦୭.୨୦୨୫ ରିଖ ଠାରୁ ଆରମ୍ଭ କରି ତା ୨୦.୦୮.୨୦୨୫ ରିଖ ପର୍ଯ୍ୟନ୍ତ ଚାଲୁ ରହିଛି। ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଆର୍ ଆଇ, ଅମିନ ଙ୍କ ଦସ୍ତଖତ ବଂଶାବଳୀରେ ନ ରହିଲେ ସମିତି ପଂଜୀକରଣ ଫର୍ମ ଗ୍ରହଣ କରୁ ନାହାନ୍ତି । ଏଭଳି କ୍ଷେତ୍ରରେ ଅମଲା ସଂଘର କଲମ ଛାଡ଼ ଆନ୍ଦୋଳନ ଚାଷୀ ପଂଜୀକରଣରେ ବାଧକ ସାଜୁଛି ଏବଂ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଚାଷୀ ନାହିଁ ନଥିବା ଅସୁବିଧାରର ସମ୍ମୁଖୀନ ହେଉଛନ୍ତି ।ଆର୍ ଆଇ ଅଫିସକୁ ଯାଇ ଲୋକେ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁଛି । ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ମିଡିଆରେ ଚାଷୀ ପଞ୍ଜିକରଣ ସରଳି କରଣ ହୋଇ ଯାଇଛି ବୋଲି କହୁଥିବାବେଳେ କୌଣସି ଲିଖିତ ନିର୍ଦ୍ଦେଶ ଆଜି ପର୍ଯ୍ୟନ୍ତ ସମବାୟ ସମିତିକୁ ଆସି ନଥିବା ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମିତି ଠାରୁ ସୂଚନା ମିଳିଛି। ବର୍ଷା ଅଭାବ ଯୋଗୁଁ ଚାଷୀ ଚିନ୍ତାରେ ଅଛନ୍ତି ।ଏଭଳି କ୍ଷେତ୍ରରେ ବାରମ୍ବାର ବଂଶାବଳୀ ପାଇଁ ଆର୍ ଆଇ ଅଫିସ ଦୌଡ଼ିବା ବୋଝ ଉପରେ ନଳିତା ବିଡା ଭଳି କାର୍ଯ୍ୟ ହେଇଛି। ଧାନ ପଞ୍ଜୀକରଣ ରେ ଅବଧି ଆସନ୍ତା ୨୦ ତାରିଖ ରେ ସାରିବାକୁ ଯାଉଥିବା ବେଳେ କେମିତି ଚାଷୀ ଖରିଫ ପଞ୍ଜୀକରଣ କରିବେ ଯାହାକି ସାରା ଜିଲ୍ଲା ରେ ଆଲୋଡନ ସୃଷ୍ଟି କରୁଛି । ଖୋର୍ଦ୍ଧା ଜିଲ୍ଲା ବ୍ୟାପି ଅମଲା ସଂଘର କଲମ ଛାଡ଼ ଆନ୍ଦୋଳନ ଗତ ୧୧ ତାରିଖରୁ ଆରମ୍ଭ ହୋଇଛି। ଏହା ଅର୍ନିଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଣା ପଡିଛି ।ଏଭଳି କ୍ଷେତ୍ର ରେ କେମିତି ସମସ୍ତ ଚାଷୀ ପଞ୍ଜିକରଣ ୯ ଦିନ ଭିତରେ ପଞ୍ଜିକରଣ କରିପାରିବେ ଯାହାକି ଏକ ଆଲୋଚନା ବିଷୟ ପାଲଟିଛି । ଖୋର୍ଦ୍ଧା ଜିଲ୍ଲାର ଅନେକ ସମବାୟ ବିତ, ଆଇନଜୀବୀ, ସମାଜସେବୀ ମାନଙ୍କ ଦାରା ଖୋର୍ଦ୍ଧା ଜିଲ୍ଲାପାଳ ଙ୍କୁ ଏହାର ସମାଧାନ ପାଇଁ ଅନୁରୋଧ କରାଯାଇଛି।

# ଛଅ ମାସ ଗଲାନି ୬କୋଟିର ରାସ୍ତା



ଗୋପ, (ସବ୍ୟୁ): ଚଳିତ ବର୍ଷ ଫେବୃଆରୀ ମାସରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲା। ଆଉ ରାସ୍ତାକୁ ଦେଖିଲେ କେହିବି ବିଶ୍ୱାସ କରିପାରିବେନି ଚଳିତ ବର୍ଷ ଏହି ରାସ୍ତା କାର୍ଯ୍ୟ ହୋଇଥିଲା ବୋଲି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ରାସ୍ତାରୁ ପିଚୁ ଉଠି ଏବେ ମରଣ ଯନ୍ତା ପଲଟିଲାଣି।ଏଭଳି ସଙ୍ଗିନ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ-ଚାରିଛକ ପୂର୍ତ୍ତ ରାସ୍ତାରେ। ଚଳିତ ବର୍ଷ ଫେବୃଆର ମାସରେ ନିମାପଡା ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଦଶ କିଲୋମିଟର ରାସ୍ତା ନବୀକରଣ କାର୍ଯ୍ୟର ସୁଭଦେଇଥିଲେ। ୬କୋଟି ୫୫ଲକ୍ଷ ଟଙ୍କା ବେୟବରାଦରେ ଏହି ରାସ୍ତା କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ମାସରେ ଆରମ୍ଭ କରାଯାଇ ଶେଷ ହୋଇଛି।ଏହି ରାସ୍ତା ଦେଇ ପୁରୀ ଶ୍ରୀକ୍ଷେତ୍ରରୁ ସିଧାସଳଖ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାକୁ ସଂଯୋଗ କରୁଥିବା ବେଳେ ଏବେ ମରଣ ଯନ୍ତା ପାଲଟିଛି।

ଅନଭିଜ୍ଞ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଏଭଳି ମରଣ ଯନ୍ତା ପଲଟିଥିବା କଂଗ୍ରେସର ଯୁବ ନେତା ଚନ୍ଦ୍ରକାନ୍ତ ସାହୁ ଅଭିଯୋଗ କରିଛନ୍ତି। ତବେ ଏନେଇ ଗୋପ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ଦଣ୍ଡପଟିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ମୋବାଇଲ ଉଠାଇ ନଥିଲେ । ରାସ୍ତା କାର୍ଯ୍ୟରେ ଏଭଳି ଅନିୟମିତତା କରିଥିବା ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ବିଭାଗୀୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ପୂର୍ତ୍ତ ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହେଉଛି ।

# ଉଦ୍ୟୋଗୀ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ବ୍ଲକ ସ୍ଥିତ ଲିପ୍ସା ଏଜୁକେସନ ଟ୍ରଷ୍ଟ ପକ୍ଷରୁ ବେକାର ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୨ ଦିନିଆ ଉଦ୍ୟୋଗିକ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଭୁବନେଶ୍ୱରର ଆଂଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଦ୍ୱାରା ପ୍ରାୟୋଜିତ ତାଲିମ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ଅମର ମହାପାତ୍ର, ପ୍ରଶିକ୍ଷଣ ସଂଯୋଜକ ନଳିନୀକାନ୍ତ ପାଢି, ପ୍ରଶିକ୍ଷକ ସୁବ୍ରତ କୁମାର ପଟ୍ଟନାୟକ ଓ ଡେଲାଙ୍ଗ କୋଠବାଡ ସରପଞ୍ଚ ଦୀପକ ସାହୁ ଯୋଗଦେଇ ବେକାର ଯୁବକ ଯୁବତୀମାନେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ କୃଷି, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖାଦ୍ୟପ୍ରକ୍ରୀୟା କରଣ, ଶିଳ୍ପଭିତିକ, ବ୍ୟବସାୟୀକ ଓ ବ୍ୟାଙ୍କ ପକ୍ଷରୁ ସହାୟତା ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବଡି ପାମ୍ପଡ, ଧୂପକାଠି, ଆଚାର, ନଡିଆ କତାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତୀ କରି କିପରି ଜଣେ ସ୍ୱାବଲମ୍ବୀଶୀଳ ହୋଇପାରିବ ସେ ନେଇ ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ମହାପାତ୍ର ବିସ୍ତୃତରେ ପରାମର୍ଶ ଦେଇଥିଲେ ।ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକର ବିଭିନ୍ନ ପଂଚାୟତରୁ ୩୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଟ୍ରଷ୍ଟର ସଭାପତି ପ୍ରିୟବ୍ରତ ପ୍ରଧାନ, ସମ୍ପାଦକ ପୂର୍ଣ୍ଣେନ୍ଦୁ ପ୍ରଧାନ, ନିର୍ଦ୍ଦେଶିକା ଶ୍ୟାମାଳୀମା ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲୁଗାଁ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ




ବାଲୁଗାଁ, (ସବ୍ୟୁ): ବାଲୁଗାଁ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ମଙ୍ଗଳବାର ସଂସ୍କୃତ ସପ୍ତାହ ଉଦଯାପିତ ହୋଇଯାଇଛି। ଦେବଭାଷା ସଂସ୍କୃତର ଲୋକପ୍ରିୟତା ପାଇଁ ସବୁ ଅନୁଷ୍ଠାନ କାର୍ଯ୍ୟ କରିବା ଉଚିତ ବୋଲି ଡକ୍ଟର ସୁବୁଦ୍ଧି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡକ୍ଟର କୈଳାଶ ଚନ୍ଦ୍ର ମହାରଣା ସମସ୍ତଙ୍କୁ ସଂସ୍କୃତ ଭାଷାରେ ସ୍ୱାଗତ ଜଣାଇ ଥିଲେ ।ଯୁକ୍ତ ଦୁଇ ଅଧ୍ୟକ୍ଷ ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଅଶୋକ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ସଂସ୍କୃତ ଭାଷାରେ ସଂସ୍କୃତର ମହନୀୟତା ଉପସ୍ଥାପିତ କରିବଝ ସହ ଛାତ୍ର ଛାତ୍ରୀଙ୍କ ସହ ସଂସ୍କୃତରେ କଥୋପକଥନ କରିଥିଲେ । ଅତିଥିଷଡ଼ଙ୍ଗୀ କହିଲେ ଯେ ସଂସ୍କୃତ ହେଉଛି ଆମ ଜ୍ଞାନର ଉତ୍ସ । ଏହା ବେଦ ଓ ଦେବତାଙ୍କ ଭାଷା ଝ ଏହି ଭାଷା ଉଚ୍ଚାରଣ କରିବାରେ ଅଦ୍ଭୁତ ଶକ୍ତି ଓ ସ୍ପନ୍ଦନ ସୃଷ୍ଟି ହୁଏ । ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ବିଭିନ୍ନ ପୁରାଣ ଓ ଭାଗବତ ଗୀତାରୁ ଶ୍ଳୋକ ଆବୃତ୍ତି କରିଥିଲେ । ସଂସ୍କୃତ ଭାଷାରେ ଧନ୍ୟବାଦ ଅର୍ପଣ କରିଥିଲେ ଦର୍ଶନ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ।

# କୃମି ନାଶକ ବଟିକା ଖାଇଲେ ଛାତ୍ରଛାତ୍ରୀ

କଣାସ,(ସବ୍ୟୁ): ସାରା ରାଜ୍ୟରେ ଅଗଷ୍ଟ ୧୨ ତାରିଖ କୃମି ନାଶକ ଦିବସ ଭାବେ ପାଳନ କରାଯାଉଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃମି ନାଶକ ବଟିକା,ଆଇରନ ବଟିକା ପ୍ରତି ବର୍ଷ ବଣ୍ଟନ କରାଯାଉଛି । ଯାହାଦ୍ୱାରା ୧ ରୁ ୧୯ ବର୍ଷ ପିଲାମାନଙ୍କ ଶାରୀରିକ ,ମାନସିକ ଓ ଭୌତିକ ବିକାଶ ହେବା ସହ ସେମାନଙ୍କର ରକ୍ତ ହୀନତା ଓ ପୁଷ୍ଟି ହୀନତା ରୋଗ ମୁକ୍ତ ହେବା ଲକ୍ଷ୍ୟ ନେଇ ଏହି କୃମି ବଟିକା ବଣ୍ଟନ କରାଯାଉଛି ।ଏହି ପରିପ୍ରେକ୍ଷୀରେ କଣାସ ବ୍ଲକରେ ମଙ୍ଗଳବାର ଦିନ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ କୃମି ନାଶକ ବଟିକା ବଣ୍ଟନ କରାଯାଇଥିଲା । ପ୍ରତ୍ୟେକ ସ୍କୁଲର ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ କୃମି ନାଶକ ବଟିକା ଖାଇବାକୁ ଦିଆଯାଇଥିଲା । ଏଥିରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଆସାମର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ ।

# ଶ୍ରୀ ଅରବିନ୍ଦ ପାଠଚକ୍ର

ଫୁଲନଖରା ,(ସବ୍ୟୁ) : ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା ପୂଜ୍ୟପୂଜା କକ୍ଷରେ ମିରାମିକା ପାଠଚକ୍ରର ସମ୍ପାଦିକା ସାହିତ୍ୟିକା ସରୋଜ ନଳିନୀ ପରିଜାଙ୍କ ଆହ୍ୱାନ କ୍ରମେ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।।କାର୍ଯ୍ୟକ୍ରମରେ ଲକ୍ଷ୍ୟ ପ୍ରାପ୍ତି ପାଇଁ କେନ୍ଦ୍ରୀୟ ସଂକଳ୍ପର ଆବଶ୍ୟକତା ଉପରେ ଶଙ୍କର୍ଷଣ ସେନାପତି,ଯୋଷ୍ଣା ରାଣୀ ଦାସ, ସଞ୍ଜୟ ମହାପାତ୍ର,କାଳନ୍ଦୀ ଚରଣ ସେନାପତି ପ୍ରମୁଖ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ସପ୍ନା ସାଗରିକା ହୋତା,ସୃଷ୍ଟି ସୃଜନିକା ଦାସ ମହାପାତ୍ର,ରଶ୍ମିତା ପତି,ଧୀରେନ୍ଦ୍ର ନାଥ ବେହେରା , ରସା ନନ୍ଦ ଲେଙ୍କା,ରୁଦ୍ର ନାରାୟଣ ଦାସ,ଅଭୟ କୁମାର ଦାସ,ଧର୍ମାନନ୍ଦ ପାଣ୍ଡେ,ଗାୟତ୍ରୀ ପତି,ରାମଚନ୍ଦ୍ର ଦାସ,ଫକୀର ଚରଣ ଜେନା , ନିକୁଞ୍ଜ ବିହାରୀ ମହାନ୍ତି,ନାରାୟଣ ଚନ୍ଦ୍ର ମହାନ୍ତି ଆଦି ଯୋଗ ଦେଇ ମାତୃ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଭାର୍ଗବୀ ସେତୁ ପରିଦର୍ଶନ କଲେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ



ବଳଙ୍ଗା, (ସବ୍ୟୁ) : ପିପିଲି ନିମାପଡା ପୂର୍ତ୍ତ ସଡ଼କ ମଧ୍ୟରେ ଥିବା ହରିପୁର ଭାର୍ଗବୀ ନଦୀ ଉପରେ ବହୁ ପୁରାତନ ସେତୁ ପାର୍ଶ ପଥର ପ୍ୟାକି ହେବ ବୋଲି ମଙ୍ଗଳବାର ଦିନ ପୂର୍ବାହ୍ନ ସମୟରେ ପରି ଦର୍ଶନରେ ଆସି କହି ଛନ୍ତି ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତି । ହରିପୁର ସେତୁ ପାର୍ଶ୍ୱ ନଦୀ ପଠା ବନ୍ୟା ପାଣିରେ ଧୀରେ ଧୀରେ ଭୁଶୁଡି ପଡିବା ଦୃଶ୍ୟ ଦେଖିବାକୁ ମିଳିଛି ।

ବ୍ରିଜ ପାର୍ଶ ନଦୀ ପଠା ରକ୍ଷଣା ବେକ୍ଷଣ କରା ନଗଲେ ଆଗାମୀ ବନ୍ୟା ପାଣିରେ ନଦୀ ପଠା ନଦୀ ଗର୍ଭରେ ଲିନ ହେବା ସହିତ ହରିପୁର ଭାର୍ଗବୀ ନଦୀସେତୁ ସମ୍ପୂର୍ଣ୍ଣ ଭାବରେ କେଉଁ ସମୟରେ ଭୁଶୁଡି ପଡିବ ତାହା କହି ହେଉ ନଥିବା ସ୍ଥାନୀୟ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ସେହି ଭଳି ଭାର୍ଗବୀ ନଦୀର ସାଇଁଷ. ବଳଙ୍ଗା ବ୍ରିଜ ପାର୍ଶ ଏବଂ ପାର୍ବତୀପୁର ସ୍ଥାନ ସ୍ଥାନୀୟ ଜନସାଧାରଣଙ୍କ ଦାବୀ ଅନୁଯାୟୀ ମଙ୍ଗଳବାର ଦିନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀ ମହାନ୍ତି ଗ୍ରସ୍ତରେ ଆସି ତାଙ୍କ ଅଧୀନରେ ଥିବା ବଳଙ୍ଗା ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ମହାନ୍ତି. ନିମାପଡା ଜଳସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଲ ଗୁରୁତ୍ୱ ଭାବରେ ଦୁର୍ବଳ ସ୍ଥାନ ଗୁଡିକ କାର୍ଯ୍ୟ କାରି କରିବା ପାଇଁ ଜଣାଇ ଛନ୍ତି ବୋଲି ସୂଚନା ମିଳିଛି । ଏସବୁ ଦୁର୍ବଳ ସ୍ଥାନ ଗୁଡିକ ଏଷ୍ଟିମେଣ୍ଟ କରି ଦେବା ପାଇଁ ମଧ୍ୟ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କହି ଛନ୍ତି. ଏଭଳି ପଦକ୍ଷେପକୁ ନେଇ ବଳଙ୍ଗା ନିମାପଡା ଅଞ୍ଚଳବାସୀ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ।

# ଗୋପିନାଥପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ଆଠଗଡ଼ ,(ସବ୍ୟୁ): ମଙ୍ଗଳବାର ସରସତୀ ଶିଶୁ ମନ୍ଦିର ଗୋପିନାଥପୁର ଠାରେ ନୂଆପାଟଣା ସଙ୍କୁଳ ରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସଙ୍କୁଳ ପ୍ରମୁଖ ଶ୍ରୀବସ୍ତ କୁମାର ସାହୁଙ୍କ ଦାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୧ ଗୋଟି ବିଦ୍ୟାଳୟର ମୋଟ ୩୫୧ ଜଣ ଶିଶୁ ଭାଗନେଇଥିଲେ । ଏହି ବିଜ୍ଞାନ ମେଳାରେ ସଙ୍କୁଳ ସଂଯୋଜକ ରଶ୍ମିରଞ୍ଜନ ନାୟକ, ସଭାପତି ସୁରେଶ ଚନ୍ଦ୍ର ପରିଡା, ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ମାନସ ରଞ୍ଜନ ପ୍ରଧାନ, ପତିତପାବନ ପାଢ଼ୀ, ସମସ୍ତ ଗୁରୁଜୀ,ଗୁରୁମା, ସହିତ ସେବିକା ଏବଂ ଗାଡ଼ି ଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃତକାର୍ଯ୍ୟ ହୋଇଥିବା ଶିଶୁ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ୯ନଂ ଜୋନରେ ତ୍ରିରଙ୍ଗା ଶୋଭାଯାତ୍ରା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବଡପୋଖରିଆ ମଣ୍ଡଳ (ଜୋନ ନ-୯) ରେ ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଶତାଧିକ ବାଇକ ରେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା ହୋଇଯାଇଛି । ଏହି ଅବସରରେ ବିଜେପି ର ବରିଷ୍ଠ ନେତା ନୀକୁଞ୍ଜ କିଶୋର ପଟ୍ଟନାୟକ, କାଲୁ ବଳିଆରସିଂହ, କୃଷକ ନେତା କେଲୁଚରଣ ଜଗଦେବ, ତୋଫାନ ବୈରିସଲ, ଜ୍ୟୋସ୍ନା ରାଣୀ ଜେନା, ପୂର୍ଣ୍ଣ ଚନ୍ଦ୍ର ସିଂହ ଙ୍କ ସମେତ ଶତାଧିକ ବିଜେପି ର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ୧୫ରେ ଟାଙ୍କୋଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍କୋଳରେ ମା ତାରାଦେବୀ ନାଟ୍ୟ ସଂସଦ ଓ ଜଂକିଆ ଥାନା ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ୟୁପି ସ୍କୁଲ ପରିସରରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାର ଜଣାପଡିଛି। ରକ୍ତ କର୍କଟ ଓ ଥାଲାସେମିଆ ରୋଗରେ ପୀଡିତ କୁନିକୁନି ଶିଶୁଙ୍କ ନିମନ୍ତେ ଅନୁଷ୍ଠିତ ଏହି ରକ୍ତଦାନ ଶିବିର ରେ ବହୁ ସଂଖ୍ୟାରେ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

# ସମାଜସେବୀଙ୍କ ପରଲୋକ

କଣାସ,(ସବ୍ୟୁ): ରୀ ଜିଲ୍ଲା କଣାସ ବ୍ଲକ କୋଟକଣା ଗ୍ରାମର ଶରତ ଚନ୍ଦ୍ର ବରାଳ (୬୭)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ହେବ କିଡ୍ନି ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା ।ସ୍ୱର୍ଗତ ବରାଳ ଜଣେ ସମାଜସେବୀ,ମିଷ୍ଟଭାଷୀ ,ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ।ତାଙ୍କର ଅକାଳ ମୃତ୍ୟୁରେ ଗ୍ରାମ ତଥା ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

# ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ : ସମଗ୍ର ସହର ପରିକ୍ରମା କଲା ୫୦ ଫୁଟ ପତାକା




ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ଏନଏସି ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଏକ ୫୦ ଫୁଟ ଲମ୍ବର ତ୍ରିରଙ୍ଗା ସମଗ୍ର ସହର ପରିକ୍ରମା କରିଥିଲା। ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସହରାଞ୍ଚଳ ଅଧୀନ ରଥଗଡ଼ା ଛକ ଠାରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ ସମଗ୍ର ସହର ପରିକ୍ରମା କରି ଏନଏସି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଏବଂ ବିଜେପି ନେତା ତଥା ସୁପ୍ରିକୋର୍ଟ ଆଇନଜୀବି ବିଧାନ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ଦେଶ ୭୯ ତମ ସ୍ୱାଧିନତା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ବର୍ଷ ପରି ଚଳିତ ବର୍ଷ କିଭଳି ଭାବେ ପ୍ରତ୍ୟେକ ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ିବ ସେଥିପାଇଁ ଏହି ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଏହି ଶୋଭାଯାତ୍ରାରେ ଏନଏସି କର୍ମଚାରୀଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ଜନସାଧାରଣ ଓ ମହିଳା ମାନେ ଏକତ୍ରିତ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ସ୍ଲୋଗାନ ଦେଇ ସମଗ୍ର ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଦିଗାମ୍ବର ମିଶ୍ର, ସରୋଜ କୁମାର ପ୍ରଧାନ, କୁମୁଦିନି ନାୟକ, ସତ୍ୟପ୍ରିୟ ମହାପାତ୍ର, ପ୍ରମୋଦିନି ଦାସଙ୍କ ସମେତ ଶତାଧିକ ଯୁବକ, ଯୁବତୀ ଓ ମହିଳା ମାନେ ସାମିଲ ହୋଇଥିଲେ।

# ବାର୍ଷିକ ଉତ୍ସବ -୨୦୨୫ ଗୁଞ୍ଜରଣ

ଫୁଲନଖରା ,(ସବ୍ୟୁ): ବାରଙ୍ଗ ବ୍ଲକ ନଗରୀ ଗ୍ରାମ ପଂଚାୟତ ଅରିଲୋ ଜନାର୍ଦ୍ଦନ ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ ଗୁଞ୍ଜରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀରାମ କାରୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଗୁଞ୍ଜରଣ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର କୁମାର ବାରିକ,ସମ୍ମାନିତ ଅତୀତଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଣି ଶ୍ରୀମତୀ ତପସ୍ୱିନୀ ସାହୁ,ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଗୋପାଳ ଚନ୍ଦ୍ର ମିଶ୍ର, ସମ୍ମାନିତଅତିଥିଭାବେ ସମାଜସେବୀ ତଥା ଆଇନଜୀବୀ ପ୍ରଭୁପ୍ରସାଦ ମହାନ୍ତି,ବିଜେପି ମଣ୍ଡଳ ସଭାପତି ଶ୍ରୀଯୁକ୍ତ ଅଶ୍ୱନୀ କାଣ୍ଡି,ଏସ ଏମ ସି ର ସଭାପତି ବିକ୍ରମ ମହାନ୍ତି,ପୁରାତନ ଛାତ୍ର ତଥା ଯୁବ ସମାଜସେବୀ ବ୍ରହ୍ମନନ୍ଦ ସାହୁ ପ୍ରମୁଖ ଆତିଥଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କାର୍ଯ୍ୟକ୍ରମରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫିସହ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ବାରିକ, ସର୍ଣଲତା ମହାରଣା, ମିନତୀ ଦାସ,ବିରାଜ ଚନ୍ଦ୍ର ବେହେରା,ସଂଗୀତା ସାହୁ,ଗୌତମ କୁମାର ସାହୁ ପ୍ରମୁଖଙ୍କ ସହ ଛାତ୍ରଛାତ୍ରୀ ଅଭିଭାବକ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୫)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ଶରୀରବାଙ୍ମନୋଭିର୍ଯତ୍ କର୍ମ ପ୍ରାରଭତେ ନରଃ ।**
**ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ॥ ୧୫ ॥**

(ଏତେଷମେବ ସର୍ବକର୍ମହେତୁତ୍ୱମାହ)-ନରାଃ ଶରୀବାଙ୍ମନୋଭିଃ ଯତ୍ ନ୍ୟାଯ୍ୟଂ (ଧର୍ମ୍ୟଂ) ବା ବିପରୀତଂ (ଅଧର୍ମ୍ୟଂ) ବା କର୍ମ ପ୍ରାରଭତେ (କରୋତି), ଏତେ ପଞ୍ଚ ତସ୍ୟ ହେତବଃ (କରଣାନି) ॥ ୧୫ ॥

# ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ

ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଭୂମିକା ସଂପର୍କରେ ଗୋଟିଏ ସଂସ୍ଥାପକ୍ଷରୁ ଗତ ୧୨ ଅଗଷ୍ଟ (୨୦୨୫)ରେ ରାଜଧାନୀ ଭୁବନେଶ୍ୱରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଭୂମିକା ଓ ଭବିଷ୍ୟତ ବିଷୟରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ ସତ, ମାତ୍ର ଏପରି ଆଲୋଚନା ବିଶେଷ ଫଳପ୍ରଦ ହେବା ପରି ମନେ ହେଉନାହିଁ । ବରଂ କଂଗ୍ରେସ ଓ ଅଣକଂଗ୍ରେସ ଦଳର ଶାସନ ଉପରେ ଆଲୋଚନା କରିଥିଲେ ଭଲ ହୋଇଥା'ନ୍ତା । ସ୍ୱାଧୀନତାର ଅଠସ୍ତୋରୀ ବର୍ଷ ଅତିକ୍ରାନ୍ତ ଆମେ କରିଛୁଁ । ଆମ ସାଧାରଣତନ୍ତ୍ରର ପଞ୍ଚୋସ୍ତରୀ ବର୍ଷ ମଧ୍ୟ ଆମେ ପଛରେ ପକାଇ ଏକ ନୂତନ ଭାରତ ଗଠନ ପାଇଁ ଅଗ୍ରସର ହେଉଛୁଁ । ବିଶ୍ୱର ବୃହତ୍ ଅର୍ଥନୀତି କ୍ଷେତ୍ରରେ ଭାରତ ଏବେ ଚତୁର୍ଥ ସ୍ଥାନରେ ରହିଛି । ଭାରତର ଆର୍ଥନୀତିକ ଅଭିବୃଦ୍ଧି ବଢ଼ି ବଢ଼ି ଚାଲିଛି । ଏବେ ଏହା ତୃତୀୟ ବୃହତ୍ ଅର୍ଥନୀତି ଆଡ଼କୁ ମୁହାଁଉଛି । ଆସନ୍ତା ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ଘରୋଇ ଉତ୍ପାଦ ହାରରେ ୭ ଦଶମିକ ୩ ଟ୍ରିଲିଅନ ଡଲାରରେ ପହଞ୍ଚି ପାରିବ ବୋଲି ଆକଳନ କରାଯାଇଛି । ଏହି ରୂପାନ୍ତରୀକରଣର କାରଣ ଗତ ଦଶନ୍ଧି ମଧ୍ୟରେ ପ୍ରଶାସନର ଅସ୍ଥାଣୁତା, ଦୃଷ୍ଟିକୋଣର ସଂସ୍କାର ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ସଂପର୍କ ବୋଲି କୁହାଯାଉଛି ।

ଭାରତରେ କଂଗ୍ରେସ ଦଳ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଶାସନ କଳକୁ ଅକ୍ତିଆର କରିଥିଲା । ରାଜ୍ୟମାନଙ୍କରେ ମଧ୍ୟ ଅନୁରୂପ ଭାବେ କଂଗ୍ରେସର ଶାସନ ଥିଲା । ମାତ୍ର ଅଣକଂଗ୍ରେସ ଶାସନ ଅଳ୍ପ ସମୟ ପାଇଁ ଓଡ଼ିଶାରେ ରହିଥିଲେ ମଧ୍ୟ କଂଗ୍ରେସ ଶାସନ ଅପେକ୍ଷା ସେମାନେ ଅଧିକ ଜନପ୍ରିୟତା ହାସଲ କରିଥିଲେ ବୋଲି କୁହାଯାଇଛି । କଂଗ୍ରେସ ଶାସନ ସମୟରେ ମଧ୍ୟ ଓଡ଼ିଶାରେ କିଛି ଭଲ କାମ ହୋଇଥିଲା । ମାତ୍ର ସ୍ୱାଧୀନତା ପରେ ଦଳୀୟ କନ୍ଦଳ କାରଣରୁ କଂଗ୍ରେସ ଦଳ କେନ୍ଦ୍ରରେ ବା ରାଜ୍ୟରେ କିଛି କାମ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲା ବୋଲି କୁହାଯାଇପାରେ ।

କେନ୍ଦ୍ରରେ ନେହେରୁଙ୍କ ପରେ ଇନ୍ଦିରା ଗାନ୍ଧିଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କିଛି ଭଲ କାମ ହୋଇଥିଲା । ପରବର୍ତ୍ତୀ କାଳରେ ରାଜୀବ ଗାନ୍ଧି, ନରସିଂହ ରାଓ ଓ ମନମୋହନ ସିଂ ପ୍ରଧାନମନ୍ତ୍ରୀ ହୋଇ ଓଡ଼ିଶା ପାଇଁ କିଛି କାମ କରିଥିଲେ । କିନ୍ତୁ ମନମୋହନ ସିଂ ଓଡ଼ିଶା ପ୍ରତି ବିଶେଷ ଦୃଷ୍ଟି ଦେଇ ନଥିଲେ । ଆର୍ଥିକ ଅନଗ୍ରସର ଓଡ଼ିଶା ପାଇଁ ସେ ସେପରି କିଛି କରି ନଥିଲେ ବୋଲି କୁହାଯାଇପାରେ । ପରବର୍ତ୍ତୀ କାଳରେ ମୋରାରଜୀ ଦେଶାଇ, ଚରଣ ସିଂ ଓ ବିଶ୍ୱନାଥ ପ୍ରତାପ ସିଂ ମଧ୍ୟ ଓଡ଼ିଶା ପ୍ରତି ବିଶେଷ ଦୃଷ୍ଟି ଦେଇ ନଥିଲେ । ଯଦିଓ ଚନ୍ଦ୍ରଶେଖର ମାସ କେତଟା ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେ ଓ ଶ୍ରୀ ଦେବେଗୌଡା ମଧ୍ୟ କିଛିଟା ଦୃଷ୍ଟି ଓଡ଼ିଶା ଉପରେ ପକାଇଥିଲେ । ଲାଲ ବାହାଦୂର ଶାସ୍ତ୍ରୀ ଅଳ୍ପ ସମୟ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ ତାଙ୍କର ଉଦାହରଣ ଦିଆ ନଯାଉ । ପ୍ରକୃତରେ ଅଟଳ ବିହାରୀ ବାଜପେୟୀଙ୍କର ଦୃଷ୍ଟି ଓଡ଼ିଶା ଉପରେ ଥିଲା । ତାଙ୍କ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ରହିଥିବା ଏବେ ପ୍ରତିପାଦିତ ହୋଇଛି । ତାଙ୍କରି ଯୋଗୁଁ ଓଡ଼ିଶାରେ ଚବିଶ ବର୍ଷ କାଳ ଶାସନ କରିଥିବା ଆଞ୍ଚଳିକ ଦଳ ବିଜୁ ଜନତା ଦଳର ଶାସନ ବଦଳି ଯାଇ ପ୍ରଥମଥର ଲାଗି ଓଡ଼ିଶାରେ ଅଣକଂଗ୍ରେସ ବିଜେପି ଦଳ କ୍ଷମତାସୀନ ହୋଇଛି । ପ୍ରଶାସନିକ ସଂସ୍କାର ଓ ରାଜ୍ୟର ଉତ୍ଥାନ ବିଜେପି ଦଳର ମୋହନ ସରକାରଙ୍କର ମୂଳମନ୍ତ୍ର ହୋଇଛି ଏବେ ।

ସେ ଯାହା ହେଉ, କେନ୍ଦ୍ରରେ କଂଗ୍ରେସ ସରକାର କ୍ଷମତାସୀନ ଥିବାବେଳେ ରାଜ୍ୟରେ ମଧ୍ୟ ଅଧିକ ଭୋଟ ପାଇ କଂଗ୍ରେସର ଶାସନ ଥିଲା । ମାତ୍ର କେନ୍ଦ୍ରରେ ହରେକୃଷ୍ଣ ମହତାବଙ୍କ ପରେ ଅଳ୍ପ ଦିନ ଲାଗି ଜାନକୀ ବଲ୍ଲଭ ପଟ୍ଟନାୟକ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇ ପାରିଥିଲେ ମଧ୍ୟ ଗିରିଧର ଗମାଙ୍ଗ, କେ.ପି. ସିଂହଦେଓ ବା ଅନ୍ୟ କେହି କ୍ୟାବିନେଟ ପାହ୍ୟାକୁ ଯାଇ ପାରି ନଥିଲେ । ବରଂ ଅଣ କଂଗ୍ରେସ ଜନତା ଶାସନ ସମୟରେ ରବି ରାୟ ବାଚସ୍ପତି ହୋଇଥିଲେ । ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟ କେନ୍ଦ୍ରରେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ମଧ୍ୟ ହୋଇଥିଲେ । ଏବେ ତ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ଓଡ଼ିଶାରୁ ଦୁଇଜଣ କ୍ୟାବିନେଟ ପାହ୍ୟାରେ ଓ ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଆଉ ଜଣେ ମଧ୍ୟ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ । ପୁଣି ମୋଦୀଙ୍କ ଅମଳରେ ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା । ଆଞ୍ଚଳିକ ଦଳଠାରୁ ଅଣକଂଗ୍ରେସ ବିଜେପି ଦଳର ଗୁରୁତ୍ୱ ଓଡ଼ିଶାରେ ଅଧିକ, ଏଥିରେ ସନ୍ଦେହ ନାହିଁ ।

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ହର ଘର ତିରଙ୍ଗା

# ସ୍ୱାଧୀନତା ଉତ୍ସବର ମହାପର୍ବ

**ପ୍ରସନ୍ନ କୁମାର ପତି**

ଭାରତର ସ୍ୱାଧୀନତା ଆନ୍ଦୋଳନକୁ ସ୍ମରଣ କରାଇବା ଏବଂ ନାଗରିକଙ୍କ ମଧ୍ୟରେ ଦେଶ ପ୍ରେମକୁ ଉଜ୍ଜୀବିତ କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ଆଜାଦି କା ଅମୃତ ମହୋତ୍ସବ' ପୃଷ୍ଠଭୂମିରେ 'ହରଘର ତିରଙ୍ଗା' ହେଉଛି ଏକ ଅଭିନବ ଅଭିଯାନ, ଯାହା ମାଧ୍ୟମରେ ଦେଶର ପ୍ରତି ଘରେ ଜାତୀୟ ପତାକା ସମ୍ମାନର ସହ ଉଡାଇବା ଏବଂ ମୁକ୍ତି ଆନ୍ଦୋଳନ ସହିତ ଲୋକଙ୍କ ଭିତରେ ଦେଶଭକ୍ତି, ଦେଶ ପ୍ରତି କର୍ତ୍ତବ୍ୟ ମାନସିକତା ଉଜାଗର କରାଇବ ଲକ୍ଷ୍ୟ ରହିଛି । ଜାତୀୟ ପତାକା, ଯାହା ଆମ ସ୍ୱାଧୀନ ଭାରତର ମୁକ୍ତିର ଝଣ୍ଡା, ସେହି ପବିତ୍ର ପତାକା ଉତ୍ତୋଳନକୁ କେବଳ ଆନୁଷ୍ଠାନିକ ଭାବେ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ବା ଜନତନ୍ତ୍ର ଦିବସ ଜାନୁୟାରୀ ୨୬ ଭିତରେ ସୀମିତ ନ ରଖି ଏହାକୁ ପ୍ରତି ନାଗରିକଙ୍କ ହୃଦୟ ତନ୍ତ୍ରୀରେ ସଦାବେଳେ ସାଇତି ରଖିବା ଏବଂ ଦେଶ ଗଠନ ଦିଗରେ ସେମାନଙ୍କୁ ଉତ୍ସର୍ଗୀକୃତ କରାଇବା ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ଅଭିଯାନ । ଭାରତ ସରକାରଙ୍କ ସଂସ୍କୃତି ବିଭାଗ 'ହରଘର ତିରଙ୍ଗା' ଅଭିଯାନର ସଫଳ ଯାତ୍ରା ସମ୍ପନ୍ନ କରିବା ପାଇଁ ଦେଶର ପ୍ରମୁଖ ମନ୍ତ୍ରଣାଳୟ ଭାବେ କାର୍ଯ୍ୟ କରୁଥିଲେ ହେଁ ଏହାର ପ୍ରଚାର ପ୍ରସାରକୁ ନିର୍ଦ୍ଦିଷ୍ଟ ଗଣ୍ଡି ଭିତରେ ସୀମିତ ନ ରଖି ଏହାକୁ ଦେଶବ୍ୟାପୀ ଏକ ବିରାଟ ସଚେତନତାର ଯାତ୍ରାଭାବେ ପାଳନ କରାଯାଉଛି । ବିଶେଷ କରି ଅଗଷ୍ଟ ମାସକୁ ଆମେ କ୍ରାନ୍ତିର ମାସ ଭାବେ ବିବେଚନା କରୁ । କାରଣ ଏହି ମାସରେ ଭାରତକୁ ମୁକ୍ତି ଦେବା ପାଇଁ ଅତୀତରେ ବହୁ ବଡ ବଡ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏବଂ ଦେଶ ସ୍ୱାଧୀନ ହୋଇଥିଲା ।

ତିରଙ୍ଗା ଅଭିଯାନରେ ପ୍ରାୟ ୫ଲକ୍ଷରୁ ଅଧିକ ଯୁବବର୍ଗ ସ୍ୱେଚ୍ଛାସେବୀ ଭାବେ ପଞ୍ଜିକୃତ ଏବଂ ଆଜାଦିକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ହରଘର ତିରଙ୍ଗା ହେଉଛି ସଂସ୍କୃତି ମନ୍ତ୍ରଣାଳୟର ଚତୁର୍ଥ ସଂସ୍କରଣ । କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟକ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ଅବସରରେ ତିରଙ୍ଗା ଅଭିଯାନ ସମ୍ପର୍କରେ ନାଗରିକଙ୍କୁ ପ୍ରୋତ୍ସାହିତ କରାଇବାକୁ ପରାମର୍ଶ ଦେଇଛନ୍ତି ।

୧୪୦ କୋଟି ଭାରତୀୟ ଗୋଟିଏ ପତାକା ତଳେ ଏକାଠି ହେବାର ଆହ୍ୱାନ ଦେଇଛନ୍ତି । ଆମର ଗଣତନ୍ତ୍ର ଏବଂ ସ୍ୱାଧୀନତାର ଗର୍ବ, ଗୌରବ ଏବଂ ଜୀବନ୍ତ ପ୍ରତୀକ ଭାବେ ଅଭିହିତ କରି ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ।

ଘରେ ଘରେ ଜାତୀୟ ପତାକା ଉଡାଇବା ଅଭିଯାନକୁ କେବଳ ସ୍ୱାଧୀନତା ଉତ୍ସବ ପାଳନର ଔପଚାରିକତା ଭିତରେ ସୀମିତ ନ ରଖି ଆମ ଦେଶକୁ ଗଢ଼ିବା, ଜାତିକୁ ସୁରକ୍ଷା ଦେବାକୁ ସମସ୍ତଙ୍କ ଭିତରେ ଏକ ଜାତୀୟ ଚେତନା ଜାଗ୍ରତ କରାଇବାର ଏକ ପ୍ରକୃଷ୍ଟ ମାଧ୍ୟମ । ଏକତା, ପ୍ରଗତି, ସଂହତି ପ୍ରତି ଉତ୍ସର୍ଗୀକୃତ ରହିବାକୁ ଶପଥ ନେବାର ଅଭିଯାନ । ଏବେ ଜାତୀୟ ସ୍ତରରୁ ଆରମ୍ଭ କରି ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଶିକ୍ଷା ପ୍ରତିଷ୍ଠାନ, ସର୍ବସାଧାରଣ ସ୍ଥଳରେ ଗୋଷ୍ଠୀ ସହଯୋଗରେ, ସମାଜର ସବୁ ବର୍ଗର ସହଭାଗିତାରେ ପ୍ରତିଘର, ବିଦ୍ୟାଳୟରେ ଜାତୀୟ ପତାକା ଉଡାଇବା ଏବଂ ମୁକ୍ତି ମହୋତ୍ସବର ସ୍ମୃତିକୁ ଧରି ରଖିବା ପାଇଁ ଦେଶବ୍ୟାପୀ ଚାଲିଥିବା ଅଭିଯାନ ଏବେ ସାମାଜିକ ଗଣମାଧ୍ୟମରେ ଏକ ଗଣ ବିପ୍ଳବର ରୂପ ନେଇଛି । ସମସ୍ତେ ସବୁଠି ସବୁ କ୍ଷେତ୍ରରେ ମୁକ୍ତି ଆନ୍ଦୋଳନକୁ ସଂସ୍କରଣ କରି ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାମନିଷୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ତର୍ପଣ କରୁଛନ୍ତି ଏବଂ ଦେଶ ଗଠନରେ ଶପଥ ନେଉଛନ୍ତି ।

ହର ଘର ତିରଙ୍ଗା ଏବେ ଲୋକ ଆନ୍ଦୋଳନରେ ପରିଣତ ହୋଇଛି । ବିଭିନ୍ନତା ମଧ୍ୟରେ ଏକତାର ଡୋରିକୁ ସୁଦୃଢ଼ କରିଛି । ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ରେ ତିନି ପର୍ଯ୍ୟାୟରେ ୨ରୁ ୮ ଅଗଷ୍ଟ, ୯ରୁ ୧୨ ଏବଂ ୧୩ରୁ ୧୫ପର୍ଯ୍ୟନ୍ତ ପାଳନ କରାଯାଉଛି, ଯେଉଁଥିରେ ଦେଶରକ୍ଷାରେ ନିୟୋଜିତ ଆମ ସୈନିକମାନଙ୍କୁ କୃତଜ୍ଞତା ଅର୍ପଣ ସହିତ ଆମର ଐତିହ୍ୟ, ସାଂସ୍କୃତିକ ପୀଠ, ବଜାର ଘାଟ ସବୁଠି ଜାତୀୟ ପତାକା ଆଚ୍ଛାଦିତ ପରିବେଶରେ ସମସ୍ତଙ୍କୁ ସ୍ୱାଗତ ଏବଂ ଅଭିମନ୍ତ୍ରିତ କରାଯାଉଛି । ଏପରି କି ଚିତ୍ରକଳା, କୁଇଜ , କଳାତ୍ମକ ପ୍ରଦର୍ଶନୀ, ତର୍କ ବିତର୍କ, ସଭା ସମିତି ଏବଂ ସମାବେଶରେ ଏବେ ହରଘର ତିରଙ୍ଗା ଅଭିଯାନ ମାଧ୍ୟମରେ ଦେଶପ୍ରେମ ଓ ଦେଶଭକ୍ତିକୁ ଆବାଳ ବୃଦ୍ଧ ବନିତାଙ୍କ ଭିତରେ ବଣ୍ଟାଯିବା ସହିତ ଦେଶ ଗଠନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଉଛି ।

ସବୁଠୁ ବଡ଼ କଥା ହେଲା ଜମ୍ମୁ- କାଶ୍ମୀର ପର୍ଯ୍ୟଟନ କ୍ଷେତ୍ର ପହଲଗାଓଁଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୨ ଜଣଙ୍କ ପ୍ରାଣଯିବା ପରେ ଦେଶ ବ୍ୟାପୀ ଯେଉଁ ଆଲୋଡନ ସୃଷ୍ଟି ହୋଇଥିଲା, ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶୋଧ ନେବା ପାଇଁ ପଣ କରିଥିଲେ । ଏଥିପାଇଁ ଭାରତ ସରକାର ଆରମ୍ଭ କରିଥିଲେ ଆତଙ୍କବାଦୀ, ଦମନ ଅଭିଯାନ । ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୁର' । ଏ ଅଭିଯାନରେ ଶତ୍ରୁପକ୍ଷ ପାକିସ୍ତାନ ଧରାଶାୟୀ ହେବା ସହିତ ଭାରତ ସହ ସମ୍ଭାବ୍ୟ ଯୁଦ୍ଧ ରୋକିବା ପାଇଁ ଏକପ୍ରକାର ବାଧ୍ୟ ହୋଇଥିଲା । ଶାନ୍ତିପ୍ରିୟ, ସହନଶୀଳ, ଗଣତନ୍ତ୍ରରେ ବିଶ୍ୱାସୀ ଭାରତ ଯେ ହିଂସା, ରକ୍ତପାତ, ଆତଙ୍କବାଦ ଦମନ ଏବଂ ଦେଶରକ୍ଷା ପାଇଁ ଯେକୌଣସି ସ୍ତରକୁ ଯାଇପାରେ- ଅପରେସନ ସିନ୍ଦୁର ଜରିଆରେ ସେସବୁର ପ୍ରମାଣ ଦେଇ ସାରିଛନ୍ତି କେନ୍ଦ୍ର ସରକାର । ସମୟକ୍ରମେ ପାକିସ୍ତାନ ଯୁଦ୍ଧ ବିରତି ପାଇଁ ଅନୁନୟ ବିନୟ ହେବା ସହିତ ଭାରତ ସରକାରଙ୍କୁ ଅନୁରୋଧ କରିବା ପାଇଁ ଏକପ୍ରକାର ବାଧ୍ୟ ହୋଇଛି । ତଥାପି ପାକିସ୍ତାନର ଶତ୍ରୁତା କମିନି । ଶତ୍ରୁକୁ କେବେବି ଭାରତ ବିଶ୍ୱାସକୁ ନେଇନାହିଁ । ପହଲଗାଓଁ ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଆତଙ୍କବାଦୀ ଇତି ମଧ୍ୟରେ ନିପାତ ହୋଇସାରିଲେଣି । ପହଲଗାଓଁ ଆକ୍ରମଣ ପରେ ପରେ ଭାରତ ପାକିସ୍ତାନ ସୀମା ଭିତରେ ସବୁ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିଛି । ଏବେ ଆକ୍ରମଣକାରୀ ଆତଙ୍କବାଦୀ ନିପାତ ହେବା ପରେ ପରେ ଅପରେସନ ସିନ୍ଦୂର ଯେ ଏବେ ବି ଚାଲିଛି ସେ ସନ୍ଦେଶ ଭାରତ ସରକାର ଦେଶବାସୀଙ୍କୁ ଦେଉଛନ୍ତି । ଏବେ ହରଘର ତିରଙ୍ଗା ଅଭିଯାନରେ ଅପରେସନ ସିନ୍ଦୂରରେ ଆମ ସେନାବାହିନୀର ନିଷ୍ଠା, ପରାକ୍ରମ ପ୍ରତିପାଦିତ ହୋଇଛି । ଦେଶକୁ ସୁରକ୍ଷିତ ରଖିବା ସହିତ ଆତଙ୍କବାଦୀଙ୍କ କବଳରୁ ସବୁପ୍ରକାର ସୁରକ୍ଷା ଦେବା ପାଇଁ ସେନା ଯେ ସବୁବେଳେ ପ୍ରସ୍ତୁତ- ସେ ବାର୍ତ୍ତା ଦେଶବାସୀ ପାଇଛନ୍ତି । ଦେଶକୁ ଅଖଣ୍ଡ ପରାକ୍ରମୀ, ସୁସଂଗଠିତ ଏବଂ ସମୃଦ୍ଧ କରିବା ଦିଗରେ ସେନାବାହିନୀର ଥିବା ଗୁରୁଦାୟିତ୍ୱ ପୁନଃ ପ୍ରମାଣିତ ହେବା ସହିତ ସ୍ୱାଧୀନତାର ଅମୃତ ଅଭିଯାନରେ ସାମିଲ ହୋଇଥିବା ହର ଘର ତିରଙ୍ଗା କାର୍ଯ୍ୟକ୍ରମରେ ବୀର ଯବାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ସେନାଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଉଛି ।

ହର ଘର ତିରଙ୍ଗା ଅଭିଯାନରେ ଆୟୋଜିତ ତିରଙ୍ଗା ମେଳାରେ ଆମର ଜାତୀୟ ତଥା ସ୍ଥାନୀୟ ସାମଗ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ସହିତ ବାଇକ ଏବଂ ତିରଙ୍ଗା/ ସାଇକଲ ଶୋଭାଯାତ୍ରା, ତିରଙ୍ଗା ଯାତ୍ରାରେ ଜନସାଧାରଣଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ତେବେ ଚୂଡାନ୍ତ ପର୍ଯ୍ୟାୟରେ ପ୍ରତି ଘରେ ତ୍ରିରଙ୍ଗା ଉଡାଇବା ଦେଶବ୍ୟାପୀ ଜାତୀୟ ପତାକା ସ୍ୱାଧୀନତା ଦିବସ ଅବସରରେ ଉତ୍ତୋଳନ କରିବା, ତିରଙ୍ଗା ସହିତ ସେଲଫି ନେବା ଏସବୁକୁ ସାମାଜିକ ଗଣମାଧ୍ୟମର ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାର ମୂଳ ଉଦ୍ଦେଶ୍ୟ ହେଲା ସ୍ୱାଧୀନତା ଦିବସ ପାଳନ ଉତ୍ସବକୁ ପର୍ବ ଭାବେ ପାଳନ କରିବା ଏବଂ ସମସ୍ତଙ୍କ ଭିତରେ ଦେଶପ୍ରେମ ଭରିଦେବା ।

ହରଘର ତିରଙ୍ଗା ଅଭିଯାନ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ପ୍ରକଟ କରିବା ସହିତ ଏହା ଆମର ଦେଶଭକ୍ତିର ଗଭୀର ଉତ୍କଣ୍ଠା ଏବଂ ତ୍ରିରଙ୍ଗା ପ୍ରତି ସେମାନଙ୍କ ଏକତା ଓ ସମର୍ପଣ ଭାବକୁ ଦର୍ଶାଉଛି ବୋଲି କହିଛନ୍ତି । ଭାରତ ସରକାରଙ୍କ ସବୁ ମନ୍ତ୍ରଣାଳୟ ପକ୍ଷରୁ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ଏହି ଅଭିଯାନକୁ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇବା ପାଇଁ ବର୍ଷ ବର୍ଷର ଉଦ୍ୟମ ଫଳବତୀ ହୋଇଛି ।

ସ୍କୁଲ ଛାତ୍ରଛାତ୍ରୀ ଦେଶର ସୈନିକ, ସୁରକ୍ଷାରେ ନିୟୋଜିତ ପୋଲିସଙ୍କ ନିକଟକୁ ଚିଠି ଲେଖି ଜାତିପ୍ରତି ସେମାନଙ୍କ ସେବା ଓ ସମର୍ପଣ ମନୋଭାବକୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛନ୍ତି । ତିରଙ୍ଗା ରାଖୀ ତିଆରି କରି ପଠାଉଛନ୍ତି । ଦେଶଭକ୍ତି ସମ୍ବଳିତ ଚଳଚିତ୍ର ପ୍ରଦର୍ଶନ କରାଯାଉଛି । ତିରଙ୍ଗା ବାଦ୍ୟ ପରିବେଷଣ ହେଉଛି, ସହରଠୁ ଗାଁ ସବୁଠି ଏବେ ତିରଙ୍ଗାର ଉତ୍ସବ । ସାରା ରାଜ୍ୟରେ ଏହି ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଏବେ ଓଡ଼ିଶାରେ ପୁରପଲ୍ଲୀରୁ ମନ୍ଦିରମାଳିନି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ତିରଙ୍ଗା ଯାତ୍ରା, ପ୍ରଦର୍ଶନ, ମେଳା, ମହୋତ୍ସବ ଆୟୋଜନ ଜରିଆରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରସାର ସହ ଦେଶ ଗଠନରେ ସାମିଲ ହେବା ପାଇଁ ଯୁବ ବର୍ଗଙ୍କୁ ପ୍ରୋତ୍ସାହିତ କରାଯାଉଛି ।

ପ୍ରତି ନାଗରିକ ସେମାନଙ୍କ ଘରେ ତିରଙ୍ଗା ଉତ୍ତୋଳନ ସହିତ ସେଲଫି ଉଠାଇ ହରଘର ତିରଙ୍ଗା ଡଟକମ୍‌ରେ ଅପଲୋଡ କରିବାକୁ ଅନୁରୋଧ କରିଛନ୍ତି ସଂସ୍କୃତି ଓ ପର୍ଯ୍ୟଟକ ମନ୍ତ୍ରୀ । ଏହି ପର୍ବର ଆରମ୍ଭ ବର୍ଷ ୨୦୨୨ରେ ୨୩ କୋଟି ଲୋକ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ୬କୋଟି ସେମାନଙ୍କ ସେଲଫି ପଠାଇଥିଲେ । ୨୦୨୩ରେ ୧୦ କୋଟି ଲୋକ ସେଲଫି ଅପଲୋଡ କରିଥିଲେ । ବାଣିଜ୍ୟ ପ୍ରତିଷ୍ଠାନ, ଭାରତୀୟ ସେନା ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ସ୍ୱୟଂସହାୟିକା ଗୋଷ୍ଠୀ ବ୍ୟାପକ ମାତ୍ରାରେ ଜାତୀୟ ପତାକା ତିଆରି କରୁଛନ୍ତି । ଭାରତୀୟଙ୍କ ସହଭାଗିତାରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି । ମୁକ୍ତି ଆନ୍ଦୋଳନର ଇତିହାସ ସମ୍ପର୍କରେ ଯୁବ ତଥା ନୂତନ ପିଢ଼ିଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଇତିହାସର ଅବଲୋକନ କରାଉଛି । ଜାତୀୟ ପତାକାର ପ୍ରସିଦ୍ଧି ଏହାର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ବିଷୟରେ ଦେଶବାସୀଙ୍କୁ ଅବଗତ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଜୁଲାଇ ୨୮ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତର ନାଗରିକଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଅନୁରୋଧ କରିଥିଲେ । ଜାତୀୟ ପତାକା ପ୍ରତି ସମ୍ମାନବୋଧ ପ୍ରଦର୍ଶନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଏବେ ହରଘର ତ୍ରିରଙ୍ଗା ରୂପ ଧାରଣ କରି ଦେଶବ୍ୟାପୀ ଏକ ମହାପର୍ବରେ ପରିଣତ ହୋଇଛି ।

ସ୍ୱାଧୀନତା ଦିବସ ସମାରୋହ ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସପତ୍ନୀକ ତାଙ୍କର ନୂଆ ଦିଲ୍ଲୀ ସ୍ଥିତ କ୍ରିଷ୍ଣାମେନନ ମାର୍ଗ ବାସଭବନରେ ହରଘର ତିରଙ୍ଗା ଅଭିଯାନରେ ସାମିଲ ହୋଇ ତିରଙ୍ଗା ଉତ୍ତୋଳନ କରିଛନ୍ତି । କାଶ୍ମୀରର ସହରରୁ ଗାଁ ଏବେ କମଳା, ଧଳା, ଆଉ ସବୁଜ ରଙ୍ଗରେ ଭରିଯାଇଛି । ଦିନେ ଅଶାନ୍ତ ଥିବା ଅଞ୍ଚଳ, ଏବେ ତିରଙ୍ଗା ପତାକା ଭିତରେ ଆଚ୍ଛାଦିତ ହେବା ସହିତ ସାଧାରଣ ନାଗରିକଙ୍କ ଭିତରେ ଉତ୍ସୁକତା ଲକ୍ଷ୍ୟ କରାଯାଉଛି । ରାସ୍ତାଘାଟ, ସ୍କୁଲ କଲେଜ, ବଜାର, ପ୍ରତିଷ୍ଠାନ ସବୁଠି ଶୁଭୁଛି 'ଜୟହିନ୍ଦ'ର ସ୍ଲୋଗାନ ଏବଂ ତିରଙ୍ଗାୟିତ ଜାତୀୟ ପତାକା ।

ଭାରତ ଏହାର ୭୯ତମ ସ୍ୱାଧୀନତା ଦିବସ ସମାରୋହ ପାଳନ କରିବାକୁ ଯାଉଥିବା ବେଳେ କାଶ୍ମୀରରୁ କନ୍ୟାକୁମାରୀ ଆରମ୍ଭ ହୋଇଛି ତିରଙ୍ଗା ଶୋଭାଯାତ୍ରା । ଚଳିତ ବର୍ଷ ଭାରତୀୟ ଏବଂ ଜାତୀୟ ପତାକା ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ ଓ ଆତ୍ମୀୟ କରିବା ପାଇଁ ତଥା ନାଗରିକଙ୍କୁ ତିରଙ୍ଗାର ତେଜଦୀପ୍ତ ପ୍ରତୀକକୁ ବ୍ୟାପକ ଭାବେ ପ୍ରସାହିତ କରିବାକୁ ଏହି ଅଭିଯାନରେ ସେମାନଙ୍କୁ ଆମ୍ବାସଡର୍ ବା ବାର୍ତ୍ତାବହ ଭାବେ ଅଭିହିତ କରାଯାଉଛି । ଆମ୍ବାସଡର୍ ହେବା ପାଇଁ ତଥା ସ୍ୱାଧୀନତା ଏବଂ ତିରଙ୍ଗା ବାର୍ତ୍ତା ବାଣ୍ଟିବା ପାଇଁ ନାଗରିକଙ୍କୁ ସେମାନଙ୍କ ତିରଙ୍ଗା ସେଲଫି ଅନଲାଇନରେ ସେୟାର କରିବାକୁ ହେବ । ଏ କ୍ଷେତ୍ରରେ ବ୍ରତୀ ନାଗରିକଙ୍କୁ ବ୍ୟାଜ ଏବଂ ପ୍ରମାଣପତ୍ର ବି ଦିଆଯିବାର ବ୍ୟବସ୍ଥା ରହିଛି । ଉତ୍ତରପ୍ରଦେଶରେ ୬୦ଲକ୍ଷ ଜାତୀୟ ପତାକା ମୁକ୍ତରେ ସହରାଞ୍ଚଳ ଗରିବ ଲୋକଙ୍କ ଭିତରେ ବଣ୍ଟାଯାଇଛି ଏବଂ ଏଗୁଡିକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ଯାହା ଦ୍ୱାରା ୨୯ ହଜାର ମହିଳା ଉପକୃତ ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି । ଭାରତବ୍ୟାପୀ ଏସ.ଏଚ.ଜି. ପତାକା ଉତ୍ପାଦନ କରିବାରେ ଏକ ଶକ୍ତିଶାଳୀ ଗ୍ରୁପରେ ପରିଣତ ହୋଇଛନ୍ତି । ଏ ବର୍ଷ ଦେଶର ସବୁଠୁ ବଡ ରାଜ୍ୟ କେବଳ ଉତ୍ତର ପ୍ରଦେଶରେ ୪.୬କୋଟି ପତାକା ଉତ୍ତୋଳନ କରାଯିବ ବୋଲି ଜଣାପଡିଛି । କେତେକ ସ୍ଥଳରେ ହରଘର ତିରଙ୍ଗା ଅଭିଯାନ ସହିତ ସ୍ୱଚ୍ଛତା ଏବଂ ସ୍ୱଦେଶୀ ଯାତ୍ରା ଅଭିଯାନକୁ ମଧ୍ୟ ସାମିଲ କରାଯାଇଛି । ମଧ୍ୟ ପ୍ରଦେଶରେ ସରକାର ପଦାଧିକାରୀମାନେ ତିରଙ୍ଗା ଯାତ୍ରା ସହ ସ୍ୱଚ୍ଛତା ଶୋଭାଯାତ୍ରା କରୁଛନ୍ତି ହରଘର ତିରଙ୍ଗା ଅଭିଯାନରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ମହାନଗର ନିଗମ ପକ୍ଷରୁ ୧୦ କି.ମି ବ୍ୟାପୀ ଦୀର୍ଘରାସ୍ତାରେ ଜାତୀୟ ପତାକା ପ୍ରଦର୍ଶନ ବନ୍ଦୋବସ୍ତ କରାଯାଇଛି । ଧର୍ମ, ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ସେଥିରେ ସାମିଲ ହେଉଛନ୍ତି । ୯ଫୁଟ ଓସାର ଓ ୧୦କି.ମି ଲମ୍ବର ଏହି ପତାକା ପ୍ରଦର୍ଶନ ଏକ ନୂଆ ରେକର୍ଡ କରିବାକୁ ଯାଉଛି । ପୂର୍ବରୁ ଏଠାରେ ୯କି.ମି ରାସ୍ତାରେ ପତାକା ପ୍ରଦର୍ଶନର ରେକର୍ଡ ରହିଛି ।(ପି.ଆଇ.ବି)

**ବରିଷ୍ଠ ସାମ୍ବାଦିକ**

# ମୁକ୍ତି ଆନ୍ଦୋଳନରେ ଆଦିବାସୀମାନଙ୍କ ଭୂମିକା

**ଦଶରଥ ହେମ୍ବ୍ରମ୍**

ଦୀର୍ଘ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ଇଂରେଜମାନେ ଭାରତକୁ ଶାସନ କରିଥିଲେ। ସେହି ସମୟରେ ଯଦିଓ ଭାରତରେ ରାଜତନ୍ତ୍ର ପ୍ରଚଳିତ ଥିଲା, ଯୁଦ୍ଧରେ ରାଜାମାନଙ୍କୁ ପରାସ୍ତ କରି ଇଂରେଜମାନେ କଲିକତାରେ Company Council of Bengal ପ୍ରତିଷ୍ଠା କଲେ । କିନ୍ତୁ ଭାରତରେ ଥିବା ପାରମ୍ପରିକ ନୀତିକୁ ହଟାଇ Self-Governance Rules ପ୍ରଚଳିତ ହେଲା, ଯାହାଦ୍ୱାରା Company ଲାଭବାନ ହେଲା । ତା'ପରେ ଗୋଟିଏ ଭାରତୀୟ ସାମ୍ରାଜ୍ୟ ବ୍ରିଟିଶ ଅଧୀନକୁ ଚାଲିଗଲା । ଆମ ଓଡ଼ିଶା ମଧ୍ୟ ୧୮୦୩ରେ ଇଂରେଜ ସାମ୍ରାଜ୍ୟଭୁକ୍ତ ହେଲା । ପରେ ଇଂରେଜମାନେ ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଲାଗୁ କଲେ, ଯାହାଫଳରେ ଜମିଗୁଡ଼ିକ ବିକ୍ରିଯୋଗ୍ୟ କରାଗଲା ଏବଂ ଜମିର ବ୍ୟକ୍ତିଗତ ମାଲିକାନା ପ୍ରଦାନ କରାଗଲା । କିନ୍ତୁ ଏହା ଚାଷୀଙ୍କଠୁ ଅଧିକରୁ ଅଧିକ ଖଜଣା ଆଦାୟ କରିବାରେ ସହାୟକ ହେଲା । ଯେଉଁମାନେ ଭୂ-ରାଜସ୍ୱ ଖଜଣା ଦେଇ ପାରିଲେ ନାହିଁ ସେମାନଙ୍କଠୁଁ ଜବରଦସ୍ତ ଜମିକୁ ଛଡ଼ାଇ ନିଆଯିବାର ଆଇନରେ ବ୍ୟବସ୍ଥା ହେଲା । କୃଷି ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ଢାଞ୍ଚାରେ ନୂତନ ପରିବର୍ତ୍ତନର ଅର୍ଥ କୃଷକକୁ କିପରି ଅଧିକରୁ ଅଧିକ ଶୋଷଣ କରାଯିବ ।

ଏଭଳି ଇଂରେଜମାନଙ୍କ ଆଇନ ପ୍ରଣୟନକୁ ଓଡ଼ିଶାରେ ରହିଥିବା ଆଦିବାସୀ ସଂଗ୍ରାମୀମାନେ ସହଜରେ ଗ୍ରହଣ କରି ନପାରିବାରୁ ଇଂରେଜ ବିରୋଧରେ ବିଦ୍ରୋହ କରିବା ପାଇଁ ଡାକରା ଦେଇଥିଲେ । ଓଡ଼ିଶାରୁ ଦୋରା ବିଶୋଇ, ଚକରା ବିଶୋଇ, ରେଣ୍ଡୋ ମାଝୀ, କଙ୍କା ମାଝୀ, କାଳିଆ ମହାନ୍ତ, ଲକ୍ଷ୍ମଣ ନାୟକ, ଧରଣୀଧର ନାୟକ, ମାଧୋ ସିଂ, ଦୟାନିଧି ଧାରୁଆ, ରତ୍ନା ନାୟକ, ନବଘନ କହଁରଙ୍କ ଭଳି ପ୍ରମୁଖ ଆଦିବାସୀ ସଂଗ୍ରାମୀଙ୍କର ଭୂମିକା ଅବିସ୍ମରଣୀୟ ।

ଇଂରେଜମାନେ ପୂର୍ବ ଉପକୂଳବର୍ତ୍ତୀ ଓଡ଼ିଶାକୁ ନିଜ ଅଧିକାରଭୁକ୍ତ କଲା ପରେ ରାଜସ୍ୱତ୍ତ୍ୱ ଲୋପ ନୀତି ବଳରେ ପଶ୍ଚିମ ଓଡ଼ିଶାକୁ ଅକ୍ତିଆର କରିନେଲେ । ଏହି ନୀତି ବଳରେ ନିରୀହ ତଥା ନିଃସ୍ୱାର୍ଥପର ଆଦିବାସୀ ସମ୍ପ୍ରଦାୟ ଉପରେ ଇଂରେଜ ସରକାର ଶୋଷଣ ଓ ଅତ୍ୟାଚାର ଆରମ୍ଭ କଲେ । ତାହାର ପ୍ରତିବାଦ କରି ଆଦିବାସୀ କନ୍ଧ ସମ୍ପ୍ରଦାୟର କମଳଲୋଚନ ଦୋରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହ ହୋଇଥିଲା । ସେହିପରି କନ୍ଧବୀର ଦୋରା ବିଶୋଇ ଓ ଚକରା ବିଶୋଇଙ୍କ ନେତୃତ୍ୱରେ 'ଘୁମସୁର ବିଦ୍ରୋହ' ଦ୍ୱାରା ୧୮୩୫ ରୁ ୧୮୩୭ ପର୍ଯ୍ୟନ୍ତ କନ୍ଧମାନଙ୍କୁ ଏକତ୍ର କରି ବିଦ୍ରୋହ ହୋଇଥିଲା । କନ୍ଧ ସଂଗ୍ରାମୀ ଦୋରାଙ୍କୁ ଅନୁଗୁଳରୁ ଗିରଫ କରି ମାନ୍ଦ୍ରାସ କାରାଗାରରେ ରଖାଗଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହେଲା। ଏ ଖବର ଜାଣି ତାଙ୍କ ପୁତୁରା ଚକରା ବିଶୋଇ ଘୁମସୁର ବିଦ୍ରୋହକୁ ତୀବ୍ରତର କଲେ, ଯାହା ୧୮୪୨ ରୁ ୧୮୫୫ ମସିହା ଯାଏଁ ଚାଲିଥିଲା । ଚକରାଙ୍କ ବିଦ୍ରୋହର ରୂପରେଖ ସମଗ୍ର ଦେଶରେ ଛାଇ ପରି ଖେଳି ଯାଇଥିଲା। ଘୁମସୁର ବିଦ୍ରୋହ ସମାପ୍ତ ଘଟିବା ପରେ ପୁଣିଥରେ କନ୍ଧ ବିଦ୍ରୋହ କଳାହାଣ୍ଡିରେ କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ ଆରମ୍ଭ ହେଲା । ପାରମ୍ପରିକ ପ୍ରଥାର ଉଚ୍ଛେଦ ଓ ଭୂ-ରାଜସ୍ୱ ଆଇନ ବଳରେ ଜମି ଉପରେ ଅତ୍ୟଧିକ ଖଜଣା ଲଗାଯିବା କାରଣରୁ ୧୮୩୭ରୁ ୧୮୫୫ ମସିହା ଯାଏଁ ବିଦ୍ରୋହ ଚାଲିଥିଲା । ଏହି ବିଦ୍ରୋହରେ ଅନେକ ଇଂରେଜ ସେନାଙ୍କୁ ହତ୍ୟା କରାଯାଇଥିଲା । ପ୍ରତିଶୋଧପରାୟଣ ହୋଇ ଇଂରେଜମାନଙ୍କ ଗୁଳିମାଡ଼ରେ ୧୮୫୫ ମସିହା ଡିସେମ୍ବର ୧୦ ତାରିଖରେ ରେଣ୍ଡୋ ମାଝୀ ସହିଦ ହୋଇଥିଲେ । ଗଞ୍ଜାମ ଜିଲାର ନବଘନ କହଁରଙ୍କ ନେତୃତ୍ୱରେ ଆଦିବାସୀଙ୍କୁ ସଂଗଠିତ କରି ବ୍ରିଟିଶ ନୀତି ଓ ଔପନିବେଶିକ ଶାସନ ବିରୋଧରେ ବିଦ୍ରୋହ ହେଲା। ଅନ୍ୟାୟରେ ଜମି ଅଧିଗ୍ରହଣ ଏବଂ ଅତ୍ୟଧିକ ଟିକସ ବ୍ୟବସ୍ଥା ସମେତ ବ୍ରିଟିଶମାନଙ୍କ ଶୋଷଣନୀତି ବିରୋଧରେ ଦୟାନିଧି ଧାରୁଆଙ୍କ ନେତୃତ୍ୱରେ ଆଉ ଏକ ଆଦିବାସୀ ବିଦ୍ରୋହ ଜନ୍ମ ନେଇଥିଲା। ସେହିପରି ଆଉ ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ବରଗଡ଼ ଜିଲ୍ଲା ଅନ୍ତର୍ଗତ ଘେଁସ ଗ୍ରାମର ଜମିଦାର ବୀର ଶହୀଦ୍ ମାଧୋ ସିଂ। ସେ ଥିଲେ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ । ୧୮୫୭ ମସିହାରେ ପ୍ରଥମ ମୁକ୍ତି ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ଡାକରାରେ ମାଧୋ ସିଂ ଆନ୍ଦୋଳନରେ ଯୋଡ଼ି ହୋଇଥିଲେ । କିନ୍ତୁ ସହକର୍ମୀଙ୍କ କୁଚକ୍ରାନ୍ତର ଶିକାର ହୋଇ ମାଧୋ ସିଂ ଗିରଫ ହେଲେ ଏବଂ ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ତାଙ୍କୁ ଫାଶୀ ଦିଆଗଲା । ଏହାର ଦଶବର୍ଷ ପରେ ଅର୍ଥାତ୍ ୧୮୬୮ରେ ଭୂୟାଁ ବିଦ୍ରୋହୀ ରତ୍ନା ନାଏକଙ୍କ ନେତୃତ୍ୱରେ କେଉଁଝରର ଭୂୟାଁ ଆଦିବାସୀମାନେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜ ଓ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ ।

ଏହି ବିଦ୍ରୋହରେ ଭୂୟାଁ, କୋହ୍ଲ ଓ ଜୁଆଙ୍ଗ ଜାତିର ଆଦିବାସୀମାନେ ସାମିଲ ଥିଲେ । ବିଦ୍ରୋହର ସମାପ୍ତ ଘଟି ନଥିଲା, ପୁଣିଥରେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜଙ୍କ ବିରୋଧରେ କେଉଁଝରର ଭୂୟାଁ ଆଦିବାସୀମାନେ ୧୮୯୧ରେ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହରେ ନେତୃତ୍ୱ ନେଇଥିଲେ ଧରଣୀଧର ଭୂୟାଁ । ଇଂରେଜ ଅତ୍ୟାଚାର ବିରୋଧରେ ଆଦିବାସୀ ପ୍ରତିରୋଧ ଆନ୍ଦୋଳନରେ ତମା ଦୋରା ଆଦିବାସୀମାନଙ୍କ ପ୍ରେରଣାର ଉତ୍ସ ପାଲଟିଥିଲେ । ତାଙ୍କ ଉଦ୍ୟମରେ ବ୍ରିଟିଶଙ୍କ ବିରୋଧରେ କୋୟା ବିଦ୍ରୋହ ସୂତ୍ରପାତ ହୋଇଥିଲା । ମାଡ଼ି କାଲୋ ଆଦିବାସୀ ଆନ୍ଦୋଳନର ଅନ୍ୟଜଣେ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଥିଲେ। ସେହିପରି ଆଦିବାସୀଙ୍କ ଅଧିକାର ଏବଂ ସମ୍ମାନ ପାଇଁ ଯୋଦ୍ଧା ନିର୍ମଳ ମୁଣ୍ଡା ଇଂରେଜ ଶାସନ ବିରୋଧରେ ଯେଉଁ ଆନ୍ଦୋଳନ ଚଳାଇଥିଲେ, ତାହା ଆଦିବାସୀଙ୍କ ସାହସର ପ୍ରତୀକ ବୋଲି ସୂଚେଇ ଦେଉଥିଲା ।

ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ମୃତ୍ୟୁ ପରେ 'କୋର୍ଟ ଅଫ ୱାର୍ଡସ' ଶାସନ ଇଂରେଜ ଅଧୀନରେ ରହିଲା। ଏହାଦ୍ୱାରା ରାଜସ୍ୱ ଆଦାୟ କରିବା ପାଇଁ ସର୍ଦ୍ଦାର, ପ୍ରଧାନ, ମୁଖିଆ ଏବଂ ଛାଟିଆମାନଙ୍କୁ ନିଯୁକ୍ତି ଦିଆଯିବା ଏବଂ ବର୍ଷକରେ ଦୁଇ ତିନି ଥର ରାଜସ୍ୱ ଆଦାୟ କରିବା କାରଣରୁ ୧୯୧୭ ମସିହା ଜାନୁଆରୀ ୧୫ ତାରିଖରେ କଙ୍କା ମାଝୀ ଓ କାଳିଆ ମହାନ୍ତଙ୍କ ନେତୃତ୍ୱରେ 'ସାନ୍ତାଳ ବିଦ୍ରୋହ' ହୋଇଥିଲା। ଚାରିମାସ ବିଦ୍ରୋହ ଚାଲିଲା ପରେ ଅର୍ଥାତ୍ ମଇ ୩ ତାରିଖ ୧୯୧୭ରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ୧୯୩୯ରେ ସୁନ୍ଦରଗଡ଼ ଜିଲା ଗାଙ୍ଗପୁର ଗଡ଼ଜାତ ରାଜ୍ୟରେ ଆଉ ଏକ ଇଂରେଜ ବିରୋଧୀ ବିଦ୍ରୋହର ନେତୃତ୍ୱ ନେଇଥିଲେ ମୁଣ୍ଡା ଜାତିର ଆଦିବାସୀଙ୍କ ମଉଡ଼ମଣି ନିର୍ମଳ ମୁଣ୍ଡା। ଏପ୍ରିଲ ୨୫ରେ ରାଇବୋଗା ନିକଟସ୍ଥ ଆମ୍‌କୋ ସିମ୍‌କୋଠାରେ ନିରସ୍ତ୍ର ଆଦିବାସୀମାନଙ୍କ ଉପରେ ଇଂରେଜମାନଙ୍କ ଦ୍ୱାରା ନିଷ୍ଠୁର ଭାବେ ଗୁଳିଚାଳନା କରାଯାଇ ସଂଗ୍ରାମୀ ଏବଂ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯାଇଥିଲା। ଶୁଣାଯାଏ ଯେ ସେ ବିରଶ ମୁଣ୍ଡାଙ୍କଠାରୁ ଆହୁରି ପ୍ରଭାବଶାଳୀ ଥିଲେ । ୧୯୪୨ ମସିହା ଅକ୍ଟୋବର ୧୦ ତାରିଖ ଦିନ ନୟାଗଡ଼ ଗଡ଼ଜାତ ରାଜ୍ୟର ନୂଆଗାଁଠାରେ ଇଂରେଜ ବିରୋଧୀ ଆନ୍ଦୋଳନ ଯୋଗୁଁ କନ୍ଧ ଯୁବକ କଷ୍ଟି ଡାକୁଆ ସହିଦ ହୋଇଥିଲେ । ଭାରତ ସ୍ୱାଧୀନତା ଆନ୍ଦୋଳନରେ ସହିଦ ଲକ୍ଷ୍ମଣ ନାୟକ ହେଉଛନ୍ତି ଜନଜାତିର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ । ଗାନ୍ଧିଙ୍କ ଡାକରାରେ ୧୯୨୧ରେ 'ଅସହଯୋଗ' ଏବଂ ୧୯୪୨ରେ 'ଭାରତ ଛାଡ଼' ଆନ୍ଦୋଳନକୁ ବ୍ୟାପକ କରିବାରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ।

ଗାଁ ଗାଁ ବୁଲି ଇଂରେଜମାନଙ୍କୁ ସହଯୋଗ ନକରିବାକୁ ଲୋକମାନଙ୍କୁ ବୁଝାଉଥିଲେ । ୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ତାଙ୍କ ନେତୃତ୍ୱରେ ଶତାଧିକ ବିପ୍ଳବୀ ଜନଜାତି ମାଥିଲି ହାଟପଡ଼ିଆରେ ଏକତ୍ର ହୋଇ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇ ସ୍ୱରାଜ୍ୟ ଫେରାଇ ଆଣିବାକୁ ଶପଥ ନେଇଥିଲେ । ଇଂରେଜ ଏବଂ ଆଦିବାସୀ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବାବେଳେ ଅନେକ ଆଦିବାସୀ ସତ୍ୟାଗ୍ରହୀ ଇଂରେଜ ଗୁଳିରେ ସହିଦ ହେଲେ । ୧୯୪୩ ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣଙ୍କୁ ଫାଶୀ ଦିଆଗଲା ଏବଂ ତାଙ୍କର ସହଯୋଗୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଏହିପରି ଭାବରେ ଓଡ଼ିଶାରେ ବିଭିନ୍ନ ସମୟରେ ଆଦିବାସୀ ସ୍ୱାଧୀନତା ଆନ୍ଦୋଳନ ଓ ଗଣବିଦ୍ରୋହକୁ ଇଂରେଜ ଦମନ କରିବାରେ ସଫଳ ହୋଇଥିଲା । ତଥାପି, ଦେଶମାତୃକା ପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କର ପ୍ରାଣ ପ୍ରଚେଷ୍ଟାରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଫିରିଙ୍ଗି ଶାସନ କବଳରୁ ଭାରତ ମୁକ୍ତି ପାଇ ସ୍ୱଶାସନ କରିବାରେ ସୁବର୍ଣ୍ଣ ସୁଯୋଗ ପାଇଥିଲା । ତେଣୁ ଏହି ଦିନଟି ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇ ଦେଇଥାଏ ।

**ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର,**
**ମୋ -୯୩୩୭୪୦୪୨୫୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁସ୍ଥ...

ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରି ନିଜ ଅଭିଭାଷଣରେ କହିଥିଲେ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ । ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମମାନେ ସଠିକ୍ ଭାବେ ତୁଲାଇ ପାରିଥାନ୍ତି , ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ ଯେ ଗଠନମୂଳକ ସମାଲୋଚନା କରିବା ସମ୍ବାଦପତ୍ରର ଦାୟିତ୍ୱ । ତେବେ ଗଠନମୂଳକ ସମାଲୋଚନା ଏବଂ ଏଜେଣ୍ଡା ଚଳାଇବା ଭିତରେ ଏକ ଲକ୍ଷ୍ମଣ ରେଖା ଅଛି । ଏଜେଣ୍ଡା ଚଳାଇବା ପାଇଁ ମିଛ ଖବର କିମ୍ବା ଖବରକୁ ବିକୃତ କରି ପରିବେଷଣ କରାଯାଏ । ମିଛ ଖବର କିଛି ସମୟ ମଧ୍ୟରେ ଜଙ୍ଗଲ ନିଆଁ ପରି ଖୁବ ଶୀଘ୍ର ବ୍ୟାପିଯାଏ, କିନ୍ତୁ ଶେଷରେ ସତ୍ୟର ହିଁ ଜୟ ହୋଇଥାଏ । ପୂର୍ବରୁ ଓଡ଼ିଆ ସାମ୍ବାଦିକତା ଓ ସମ୍ବାଦପତ୍ର ସମାଜର ଦର୍ପଣ ସାଜିବା ସହିତ ଶିକ୍ଷା, ସଂସ୍କାର ଓ ଜାଗରଣର ବାହକ ଥିଲା । କିନ୍ତୁ ଏବେ ସାମାଜିକ ଗଣମାଧ୍ୟମ ଯୁଗରେ ଅନେକ ସମୟରେ ଖବର ଶସ୍ତା, ମନୋରଞ୍ଜନ ଓ ନାଟକୀୟତାରେ ସୀମିତ ହୋଇଯାଉଛି । ଗଣମାଧ୍ୟମ ଅନେକ ସମୟରେ ଦର୍ଶକ ଓ ପାଠକଙ୍କ ସଂଖ୍ୟା ଏବଂ ବ୍ୟବସାୟ ଚାପରେ ଭାଷାର ଶାଳୀନତା ତଥା ନୈତିକତା ହରାଉଛି । ରାଜନୈତିକ ଖବରକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଓଡ଼ିଶାର ଗାଁ, କ୍ଷେତ, ସ୍କୁଲ ଆଦି ସମସ୍ୟା ଗୁଡ଼ିକର ଖବର କେଉଁଠି ହଜିଯାଉଛି । ଏହାରି ଉପରେ ଗଭୀର ଭାବେ ଅନୁଶୀଳନ କରିବାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଶିକ୍ଷୋଦ୍ୟୋଗୀ ପୂର୍ଣ୍ଣିମା ବେଦି ଭାରତର କଷ୍ଟଲବ୍ଧ ସ୍ୱାଧୀନତାକୁ ବୁଝି ନାଗରିକର କର୍ତ୍ତବ୍ୟ ସଠିକ ଭାବେ ନିର୍ବାହ କରିବାକୁ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସମୟ ଲାଇଭ୍ ର ୨୭ ଜଣ ବଛା ବଛା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏକାଡେମୀ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଏଣ୍ଡ ଇନଫରମେସନ ଟେକ୍ନୋଲୋଜି (ଅମିତ) କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନର୍ସିଂ ସେବା କ୍ଷେତ୍ରରେ ବିଶେଷ ଭୂମିକା ପାଇଁ ଶ୍ରୀମତୀ ବାସନ୍ତୀଲତା ନାୟକ, ଉପନର୍ସିଂ ଅଧିକ୍ଷକ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ କ୍ୟାନସର ଇନଷ୍ଟିଚ୍ୟୁଟ କଟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମୟର ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମୟର ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା, ସମୟ ଲାଇଭ୍ ର ଜେନେରାଲ ମ୍ୟାନେଜର ଶୁଭେନ୍ଦୁ ପଟ୍ଟନାୟକ, ସମୟର ଚିଫ୍ ଫାଇନାନ୍ସ ବିଜନ ପାଢ଼ୀ, ବାର୍ତ୍ତା ସମ୍ପାଦକ ଶାରଦା ଦେବତା, ପଶ୍ଚିମ ଓଡ଼ିଶା ସଂସ୍କରଣ ମୁଖ୍ୟ ସତ୍ୟସୁନ୍ଦର ଭଞ୍ଜଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ...

ପୁନର୍ଗଠନ କଥା ରାଜସ୍ୱ ବିଭାଗ ପାଖକୁ ପଠାଯାଇଛି । ଅପେକ୍ଷା ନ କରି ସମୂହ ଛୁଟି ଗ୍ରହଣୀୟ ନୁହେଁ । ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ । ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ । କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ । ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ । ତେଣୁ ସମୂହ ଛୁଟିରୁ ଓହରିବାକୁ ମୁଁ ନିବେଦନ କରୁଛି ।

## ପଞ୍ଚାୟତ...

କାମ ନ ହେବ ଉନ୍ନତି ନ ହେବ, ସେତେବେଳେ ସ୍ୱର ଉଠିବ । ୨୦୩୬ ଏବଂ ୨୦୪୭ ମସିହାରେ ଓଡ଼ିଶା ବହୁ ଆଗରେ ରହିବ । ଓଡ଼ିଶାର ସାମଗ୍ରିକ କ୍ଷେତ୍ରରେ ଉନ୍ନତି ହେବ ।

କରୋନା ସମୟରେ ସରପଞ୍ଚଙ୍କୁ ଜିଲ୍ଲାପାଳ କ୍ଷମତା ଦିଆଯାଇଥିଲେ ବି ସେମାନେ ଜିଲ୍ଲାପାଳ ହୋଇପାରି ନଥିଲେ । ପୂର୍ବ ସରକାର ସମୟର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆମେ ଦେଖିଛୁ । ପୂର୍ବ ସରକାର ଏମିତି ସେମାନଙ୍କୁ ଅବସ୍ଥା କଲେ, ଗ୍ରାମ ସଭା କିମ୍ବା ପଲ୍ଲୀ ସଭା ହୋଇପାରିଲା ନାହିଁ ।

## ୩୮ ମଡେଲ...

ରହିବେ । ଅଧସ୍ତନ କାର୍ଯ୍ୟାଳୟସ୍ଥିତ କନିଷ୍ଠ ସହାୟକଙ୍କୁ ମୂଳ ପଦବୀ ସଂଖ୍ୟାରେ ୮୦% ସିଧାସଳଖ ନିଯୁକ୍ତି ମାଧ୍ୟମରେ ଓ ୨୦% ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ । ଓଡ଼ିଶା ନର୍ସିଂ ଏଜୁକେସନ୍ ସର୍ଭିସ୍ ୨୦୨୫ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହା ଗଠନ ହେବାଦ୍ୱାରା ଓଡ଼ିଶା ନର୍ସିଂ ଶିକ୍ଷା ସେବା କ୍ୟାଡରରେ ଖାଲି ପଡିଥିବା ମୂଳ ପଦବୀଗୁଡ଼ିକ ପୂରଣ କରାଯାଇପାରିବ । ଭୁବନେଶ୍ୱର ବିମାନ ବନ୍ଦର ଏମ୍ଆର୍ଓ ସ୍ଥାପନକୁ ମଞ୍ଜୁରୀ ମିଳିଛି । ଏହା ପୂର୍ବ ଭାରତର ପ୍ରଥମ ବଡ ଏମ୍ଆର୍ଓ କେନ୍ଦ୍ର ହେବ । ଏହି ପ୍ରକଳ୍ପ ସରକାରଙ୍କ ବି-ମାନ ଯୋଜନାର ଅଂଶ । ୨୦୨୨ ଅନୁସାରେ ସ୍ୱତନ୍ତ୍ର ପ୍ୟାକେଜ୍ ଅଫର କରାଯାଇଛି । ମେସର୍ସ ଏୟାର ୱାର୍କ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି । ବିଶ୍ୱ ଏମ୍ଆର୍ଓ ବଜାରରେ ୨୦୩୧ ସୁଦ୍ଧା ୧୧୭ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

ସମ୍ବଲପୁର, ହୀରାକୁଦ, ବୁର୍ଲାକୁ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ପାଇଁ ୩୮୨.୪୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏମ୍ଏସ୍ଇଞ୍ଜ୍ରା ଇଣ୍ଡିଆ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେବ । ଏଥିରେ ୧୧୦ ଏମ୍ଏଲ୍‌ଡି କ୍ଷମତାର ଏକ ଜଳ ଗ୍ରହଣ କୂଅ ଓ ୬୫ ଏମ୍ଏଲ୍‌ଡି, ୩୫ ଏମ୍ଏଲ୍‌ଡି କ୍ଷମତାର ଦୁଇଟି ଜଳ ସୁଦ୍ଧିକରଣ କେନ୍ଦ୍ର ନିର୍ମାଣ ହେବ । ୨୦୨୭ ଅଗଷ୍ଟ ୩୧ ସୁଦ୍ଧା ଏହି କାର୍ଯ୍ୟ ସରିବ । ୧୧୦ ସହରରେ ଏଲଇଡି ରାସ୍ତା ଆଲୋକ ପ୍ରକଳ୍ପ ପାଇଁ ଓଡ଼ିଶା ନଗର ଭିତ୍ତିଭୂମି ପାଇଁ ଉନ୍ନୟନ ପାଣ୍ଠିରୁ ୨୦୦ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ କରାଯାଇଛି । ୬ଟି ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି । ରାଜ୍ୟ ସଂଗ୍ରହାଳୟର ବ୍ୟବସ୍ଥାପନା ଓ ସମନ୍ୱୟ ପାଇଁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଗଠନ ପରେ ଓଡ଼ିଶା ମ୍ୟୁଜିୟମ୍ କ୍ୟୁରେଟୋରିଆଲ ସର୍ଭିସେସ୍ ରୁଲ୍ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହା ରାଜ୍ୟର ସଂଗ୍ରହାଳୟଗୁଡ଼ିକରେ ସୁପରିଚାଳନା ଆଣିବ ।

## ବିହାର...

ଆଧାରକୁ ନାମ ଦର୍ଜ କରିବା ପାଇଁ ଏକ ବୈଧ ତଥ୍ୟ ଭାବେ ଗ୍ରହଣ କରାଯାଇଛି । ଯଦି ଏହାକୁ ଗ୍ରହଣ କରାନଯାଏ ଆମେ ସମସ୍ତେ ବାଦ୍ ପଡିଯିବା । ୨୦୦୩ରୁ ୨୦୨୫ ମଧ୍ୟରେ ଯେଉଁମାନଙ୍କ ନାଁ ଭୋଟର ତାଲିକାରେ ଅଛି, ସେମାନେ ମଧ୍ୟ ବାଦ୍ ପଡିପାରନ୍ତି । ୨୦୦୩ରେ ଏସ୍ଆଇଆର୍ ହୋଇଥିଲା । ଲୋକସଭା ନିର୍ବାଚନର ବର୍ଷକ ପୂର୍ବରୁ ତାହା କରାଯାଇଥିଲା । ବିହାରରେ ଜୁଲାଇରେ କାହିଁକି କରାଯାଉଛି । ୨୦୨୬ରେ ଅରୁଣାଚଳ ନିର୍ବାଚନ ଥିଲେ ବି, ସେଠି ଆରମ୍ଭ ହୋଇନାହିଁ । ଏସ୍ଆଇଆର୍ ୨୦୦୩ରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଂଶୋଧନ କରିଥିଲା । ବିହାରରେ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ବିଧାନସଭା ନିର୍ବାଚନ ହେବ । ନିର୍ବାଚନ କମିଶନ ଏବେ ଅଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ସେଥିରେ ଅଣନାଗରିକଙ୍କ ପ୍ରବେଶକୁ ରୋକାଯାଇଛି ।

## ରାଜନଗର...

ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଗତକାଲି ମୁଖ୍ୟ ଅଭିଯୁକ୍ତ ପିଇଶା ଚିତ୍ତ ରଞ୍ଜନ ମଲିକ ଓରଫ ହାପି ଙ୍କୁ କୋର୍ଟ ଚାଲାଣ କରିଥିଲା । ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପବିତ୍ର ରାଖୀ ପୂର୍ଣ୍ଣିମା ଶନିବାର ଦିନ ଅପରାହ୍ନ ୫ ଘଟିକା ସମୟରେ ନିଜର ପିଇଶା ସହ ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଓଡପଦାକୁ ବାହାରିଥିଲେ। ଓଡପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମସାଣିକୁ ଥିବା ମାଟି ରାସ୍ତାରେ ଥିବା ନିଛାଟିଆ ସ୍ଥାନରେ ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ପିଇଶା ନିଜ ଝିଆରୀକୁ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ବିରୋଧ କଲେ ମଧ୍ୟ ପିଇଶା ଶୁଣିନଥିଲେ। ପୀଡ଼ିତା ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଆସି ନାବାଳିକା ଓ ପିଇଶାର ନଗ୍ନ ଫଟୋ ଉଠାଇବା ସହିତ ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏହି ୪ ଯୁବକ ପୀଡିତଙ୍କୁ ଟଣା ଓଟରା କରି , ମାଡ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏତଲାରେ ଉଲ୍ଲେଖ କରିଛନ୍ତି ।

## ତେଲେଙ୍ଗାନାରେ...

ପ୍ରକାଶ ପାଇଥିଲା । ଗ୍ରାମବାସୀ ବିଜେଡି ଓ କଂଗ୍ରେସ ସହ ଅନ୍ୟକିଛି ରାଜନୈତିକ ଦଳ ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବି କରି ଉମରକୋଟ-ନବରଙ୍ଗପୁର ରାଜପଥକୁ ଅବରୋଧ କରିଥିଲେ । ତେବେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ଏଲ୍ଓସିରେ...

ଗୁଳି ଗୋଳା ବିନିମୟ ସହାୟତାରେ ଏହି ଅନୁପ୍ରବେଶ ଉଦ୍ୟମ କରାଯାଇଥିଲା । ପାକିସ୍ତାନର ବର୍ଡର ଆକ୍ସନ ଟିମ୍ ଏହି ଉଦ୍ୟମକୁ ପ୍ରୋତ୍ସାହନ ଯୋଗାଇଥିଲା । ତେବେ ଏହାର ଜବବା ଦେବାକୁ ଯାଇ ଜଣେ ସୈନିକ ମୃତ୍ୟୁବରଣ କରିଛନ୍ତି । ତେବେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି । ଖରାପ ପାଣିପାଗ ଯୋଗୁ ଅନ୍ୟମାନେ ଖସି ଯାଇଛନ୍ତି । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ପକ୍ଷରୁ ପ୍ରଥମ ଥର ଲାଗି ନୂଆ ଧରଣର ଉଦ୍ୟମ କରାଯାଇଛି । ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଅପରେସନ୍ ସିନ୍ଦୂର ମାଧ୍ୟମରେ ଦୃଢ଼ ଜବାବ ଦେଇଥିଲା । ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂଶ କରାଯାଇଥିଲା । ବାରମୁଲା ଜିଲ୍ଲାରେ ଥିବା ନିୟନ୍ତ୍ରଣ ରେଖାରେ ଅପରେସ୍‌ନାଲ୍ ଡ୍ୟୁଟିରେ ଥିବା ସାହସୀ ସିପାହୀ ବାନୋତ୍ ଅନିଲ କୁମାର ସହିଦ ହୋଇଛନ୍ତି । ସେନାର ଚିନାର କର୍ପସ ଟ୍ୱିଟରରେ ଦର୍ଶାଇଛନ୍ତି ଯେ ଗଭୀର ଦୁଃଖ ପ୍ରକାଶ କରାଯାଉଛି । ତାଙ୍କର ବିଶାଳ ସାହାସ ଏବଂ ବଳିଦାନକୁ ସଲାମ । ଗଭୀର ସମବେଦନା ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ସହ ଠିଆ ହୋଇଛୁ ।

## ରାହୁଲଙ୍କ...

ବିଜେପି ନେତାଙ୍କ ଠାରୁ ସେ ଦୁଇଥର ଚେତାବନୀ ପାଇଛନ୍ତି । ଜଣେ କେନ୍ଦ୍ରମନ୍ତ୍ରୀ ରଭନୀତ୍ ସିଂ ବିଟୁ ତାଙ୍କୁ ଦେଶର ଏକନମ୍ବର ଆତଙ୍କବାଦୀ ବୋଲି କହିଥିବା ବେଳେ ଅନ୍ୟତମ ବିଜେପି ନେତା ତରବିନ୍ଦର ସିଂ ତାଙ୍କୁ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି । ସାତ୍ୟକୀ ପୂର୍ବରୁ ଗାନ୍ଧିଙ୍କ ନାମରେ ଫୌଜଦାରୀ ମାନହାନି ମୋକଦ୍ଦମା ଦାଏର କରିଛନ୍ତି ।

# 'ସାଇତା ସତ' ପୁସ୍ତକ, 'ବେହାଲ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ



ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ଯୁଗଳବନ୍ଦୀ ଡ଼ ଅରୁଣ କୁମାର ସାହୁଙ୍କ ସଂପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ୍ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ୍ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗ ଦେଇଥିଲେ । ପ୍ରକାଶକ ବିଜୟ ମହାପାତ୍ରଙ୍କ ବି. କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାରକଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ, ତାହା ଉପସ୍ଥାପିତ ହୋଇଛି । ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଡ଼ ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି । କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି ଦୁନିଆର ପ୍ରଖ୍ୟାତ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଉପଭୋଗ କରିଥିଲେ । ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଡ଼ ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ୍ ସନ୍ଧ୍ୟା ୬.୧୮ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭.୩୩ରେ ଶେଷ ହେବାକୁ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

# ସଂସ୍କୃତ ସପ୍ତାହ ସମାରୋହ ଉତ୍ସବ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ହାୟାର ସେକେଣ୍ଡାରୀ ସ୍କୁଲର ସଂସ୍କୃତ ସପ୍ତାହ ସମାରୋହ ଉତ୍ସବ ପାଳିତ ହୋଇଯାଇଛି । ଅଧକ୍ଷା ଡଃ ମନ୍ଦାକିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶେଖାଓ୍ୱତ ଅଲ୍ଲୀ ସଂଯୋଜନା ଏବଂ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ପ୍ରମୁଖ ସଂସ୍କୃତ ଭାଷା ଏବଂ ସଂସ୍କୃତି ବିଷୟରେ ପିଲାମାନଙ୍କୁ ଉପଦେଶ ମୂଳକ ଗୁରୁ ଗମ୍ଭୀର ଭାଷଣ ପ୍ରଦାନ କରିଥିଲେ । ଗ୍ରାମଠାରୁ ସହର, ପ୍ରତି ଶିକ୍ଷାନୁଷ୍ଠାନ ଏବଂ ବୁଦ୍ଧିଜୀବି ମାନଙ୍କ ମାଧ୍ୟମରେ ସଫଳତାର ସହିତ ପ୍ରସ୍ତର ପ୍ରସାର ହେଲେ ସଂସ୍କୃତ ଭାଷା ଉଚ୍ଚ ସ୍ତରରେ ସୋପାନରେ ପହଞ୍ଚି ପାରିବ । ସଂସ୍କୃତ ଭାଷା ଏବଂ ସଂସ୍କୃତିର ନୀତି ଆଦର୍ଶକୁ ନେଇ ବିଦ୍ୟାଳୟରୂପୀ ମଣିଷ ତିଆରି କାରଖାନାରେ ପିଲାଙ୍କୁ ମାଜି ମାଜି ଅଳିଆ ଗୁଡ଼ିକ ସଫା କରି ପରିଶୋଧନ କରିପାରିଲେ ଉଚ୍ଚସ୍ତରର ମର୍ଯ୍ୟାଦା ସଂପନ୍ନ ଛାତ୍ରଛାତ୍ରୀ ଗଢ଼ାଯାଇ ପାରିବ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ ୫ ଏହି ସଭାରେ ବାଲ୍ମୀକି, ବ୍ୟାସଦେବ ଏବଂ ସଂସ୍କୃତି ବିଷୟରେ ପ୍ରତିଯୋଗିତାରେ ଭାଗ ନେଇ ବିଜେତା ହୋଇଥିବା ୯ (ନଅ) ଜଣ ଛାତ୍ରଛାତ୍ରୀଙ୍କ ସହ ଆମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ପ୍ରମୁଖ ଅଧ୍ୟାପକ ଯାମିନୀକାନ୍ତ ଗିରି ଏବଂ ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରାଙ୍କୁ ଅଧ୍ୟକ୍ଷା ମହୋଦୟା ଗୀତା ଗ୍ରନ୍ଥ ପୂର୍ବକ ସମ୍ମାନିତ କରିଥିଲେ ଏବଂ ଶାନ୍ତିପାଠ ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ସହଯୋଗ କରିଥିଲେ ।

# ଅସରାଏ ବର୍ଷାରେ ବଜାର ରାସ୍ତାର ଅବସ୍ଥା ବେହାଲ

ବାହାନଗା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଖନ୍ତାପଡ଼ା ବଜାର ରେ ଅସରାଏ ବର୍ଷାରେ ଅଟକି ରହିଛି ଆଣ୍ଠୁଏ ପାଣି ।ଏହି ବଜାରଟି ଜାତୀୟ ରାଜପଥ ନିକଟରେ ହୋଇଛି ।ଏହି ରାସ୍ତା ଦେଇ ପ୍ରତେଯକ ଦିନ ବହୁ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି ।ଏପରିକି ଏହି ରାସ୍ତା ଦେଇ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଲୋକେ ଯାଉଛନ୍ତି ।ବସ ଷ୍ଟପରୁ ଲୋକେ ଓହ୍ଲାଇବା ପରେ ଏହି ରାସ୍ତାରେ ପାଦ ପକାଇ ଅର୍ଥାତ ଏହି ଜଳରେ ପାଦ ବୁଡାଇ ରାସ୍ତା ପାରି ହୋଇଥାନ୍ତି । ପ୍ରତ୍ୟେକ ଦିନ ଅନ୍ୟୁନ ୫ହଜାର ରୁ ଅଧିକ ଲୋକ ଯାତାୟତ କରୁଛନ୍ତି । ମାତ୍ର କାହାରି ଶୁଭ ଦୃଷ୍ଟି ପଡୁନାହିଁ । ଯଦି କୌଣସି ଗାଡି କ୍ଷିପ୍ର ବେଗରେ ଏହି ରାସ୍ତା ଦେଇ ଯାତାୟତ କରନ୍ତି ଅଟକି ରହିଥିବା ମଇଳା ପାଣି ନିକଟରେ ବସିଥିବା ଉଠା ଦୋକାନୀ ଭାଇଙ୍କ ଉପରେ ପଡେ ।ନାଁ କାହାରିକି କିଛି କହିହେବ ନାଁ କିଛି ପଦକ୍ଷେପ ନେଇହେବ । ତେଣୁ ଉଠା ଦୋକାନୀ ମାନେ ଭାଗ୍ୟ କୁ ଆଦରି ଚୁପ ରାହୁଛନ୍ତି । ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏହି ମଇଳା ଜଳ ନିଷ୍କାସନ ହୋଇ ପାରୁନଥିବା ଜଣା ପଡ଼ିଛି ।ତେବେ ଘଟଣା ବାବଦରେ ଆମେ ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ମତାମତ ନିଆଯାଇ ଥିଲେ ମଧ୍ୟ ମୋବାଇଲ ରିସିଭ କରିନଥିଲେ ।ତେବେ ଜିଲ୍ଲା ପ୍ରଶାସନ ଘଟଣାଟିକୁ ଗୁରୁତର ସହ ନେଇ ରାସ୍ତାଟିକୁ ମରାମତି କରିବା ସହିତ ଡ୍ରେନେଜ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ୨୧ ଜୀବିତ ମହିଳାଙ୍କୁ ମୃତ ଦର୍ଶାଇଲା ସୁଭଦ୍ରା ପୋର୍ଟାଲ

ସାକ୍ଷୀଗୋପାଳ ,(ସବ୍ୟୁ): ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସୁଭଦ୍ରା ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକରେ । ୨୧ ଜଣ ମହିଳା ହିତାଧିକାରୀ ଜୀବିତ ଅଛନ୍ତି । ମାତ୍ର ଏହି ମହିଳା ମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଅଛି ।ଏହି କାରଣରୁ ଏହି ୨୧ଜଣ ମହିଳା ସୁଭଦ୍ରା ଯୋଜନା ସହାୟତା ପାଇ ପାରି ନାହାନ୍ତି । ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁ ନଥିବା ଏହି ମହିଳା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ଗଙ୍ଗାଧର ମିଶ୍ରଙ୍କ ସ୍ତ୍ରୀ ପ୍ରତିମା ମିଶ୍ର ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ପାଇଥିଲେ । ମାତ୍ର ସୁଭଦ୍ରା ଦିତୀୟ କିସ୍ତି ସରକାର ଛାଡିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ରେ ସୁଭଦ୍ରା ଟଙ୍କା ଆସି ନ ଥିଲା । ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିବାରୁ ତାଙ୍କୁ ମୃତ ଦର୍ଶାଯାଇ ତାଙ୍କୁ ଉକ୍ତ ଯୋଜନାରୁ ବାଦ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ । ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ । ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳି ନାହିଁ ଅଭିଯୋଗ କରିଛନ୍ତି । ସେହିପରି ଅଞ୍ଜଳି ପ୍ରଧାନ, ପେଣ୍ଠପଡା ପଞ୍ଚାୟତ ବାସୁକେରା ଗ୍ରାମ, ସିପ୍ରା ସାହୁ ସାରା ଶାସନ ପଞ୍ଚାୟତ ଓ ନିବେଦିତା ପ୍ରଧାନ, ପେଣ୍ଠପଡା ପଞ୍ଚାୟତ ନିବାସୀ ସ୍ଥାନୀୟ ମହିଳା,ହିତାଧିକାରୀ ମଧ୍ୟ ଏହି ମୃତ କାରଣରୁ ସୁଭଦ୍ରା ଦିତୀୟ କିସ୍ତି ପାଇ ପାରି ନାହାନ୍ତି । ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖି ମୁଠି ଅନୁକୂଳ ଏହି ସ୍ୱତନ୍ତ୍ର ଉତ୍ସ ।ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କୁ ସେ ଏ ସମ୍ପର୍କରେ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ହିତାଧିକାରୀ ମାନେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । । ଏହା ମଧ୍ୟରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଅଛି । ଏହି ମହିଳା ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବା ବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କୁହନ୍ତି ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗ ରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଅଛି ବୋଲି ସିଡିପିଓ କାର୍ଯ୍ୟାଳୟ ତରଫରୁ ସୂଚନା ଦେଇଛନ୍ତି । ଏ ସମ୍ପର୍କ ରେ ସି ଡି ପି ଓ ରାଜଲକ୍ଷ୍ମୀ ଦାସଙ୍କ ସହିତ ଯୋଗାଯୋଗ କରା ଯାଇଥିଲା ।ସି ଡି ପି ଓ ଶ୍ରୀମତୀ ଦାସ କହିଥିଲେ, ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇ ସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି । ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ଆମେ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରା ଯାଇଥିଲା । ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବା ବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଅଛି । ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।ଖୁବ ଶୀଘ୍ର ସଂଶୋଧନ କରାଯିବା ସହ ବାଦ ପଡ଼ିଥିବା ଏହି ମହିଳା ହିତାଧିକାରୀ ମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ସୁଭଦ୍ରା ସହାୟତା ଅର୍ଥ ପ୍ରଦାନ କରାଯିବ ।


**AFFIDAVIT**

I, Lohiya Nilofar Mansurbhai, W/O- Shabbir Halari resident of Jobra, Jamal Basti, College Square, Cuttack, Odisha, Pin-753003 declare by this affidavit No- 1821, dtd. 12.08.2025 that now onwards I shall be known as **Nilofar Halari** for all future purposes.

Sd/- **Nilofar Halari**

**AFFIDAVIT**

I, LIPIKA PATTNAYAK, W/O-SOUBHAGYA KUMAR PATTANAIK, NEAR OMC GUEST HOUSE, JAJPUR ROAD, JAJPUR - 755019, ODISHA DECLARE BY THIS AFFIDAVIT NO-37218, dt 13.08.2025 THAT NOW ONWARDS I SHALL BE KNOWN AS LIPIKA PATTNAIK FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Jagatsinghpur, Sl. No 1165, Dt. 13.08.2025 I, Mitali Chakrabarty, aged about 37 years, W/o Pradip Kumar Chakravarty Address Village : Madhapur, PO/Ps/ Dist- Jagatsinghpur, 754103 Declare that I have changed the name of my Son from **Jaydip Chakrabaty (old name) to Jayadip Chakrabarty (new Name).** Henceforth He shall be known as **Jayadip Chakrabarty (new Name)** for all purposes.

**(Mitali Chakarbarty)**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.08.2025 I ES JYOTI REDI Address AT-Suka VIHAR, PO-BHOI NAGAR, PS-SAHEED NAGAR, DIST-KHORDHA, PIN-751022, ODISHA declare that I have changed my name from ES JYOTI REDI to JAYANTI REDDY. Henceforth, I shall be known as JAYANTI REDDY for all purposes.

**(JAYANTI REDDY)**

**ପୂର୍ବ ତଟ ରେଳପଥ**

ପାର୍କିଂ ସ୍ଥାନର ଇ-ନିଲାମ

ସେସନ ଏବଂ ସ୍ଥାନ : (1) ମଞ୍ଚେଶ୍ୱର - Mix(2-cum-4 ଚକିଆ) (ପରିଚାଳନ କ୍ଷେତ୍ରରେ), (2) ଖୋର୍ଦ୍ଧା ରୋଡ୍ - Mix (2-cum-4 ଚକିଆ) (ପୂର୍ବ ପ୍ରବେଶ ପାର୍ଶ୍ୱ), (3) ନିରାକାରପୁର - Mix(2-cum-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ) ।

ନିଲାମ ଆରମ୍ଭ ହେବା ତାରିଖ: ତା.21.08.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା.22.08.2025ରିଖ (କ୍ରମ ସଂ. 2 ଏବଂ 3 ପାଇଁ) । ଆରମ୍ଭ ସମୟ : 1100 ଘଟିକା (କ୍ରମ ସଂ. 1, 2 ଏବଂ 3 ପାଇଁ) ।

ନିଲାମ ବନ୍ଦ ହେବା ତାରିଖ : ତା.21.08.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା.22.08.2025ରିଖ (କ୍ରମ ସଂ. 2 ଏବଂ 3 ପାଇଁ) । ବନ୍ଦ ସମୟ : 1130 ଘଟିକା (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 1140 ଘଟିକା (କ୍ରମ ସଂ. 3 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସଂପର୍କରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଜାଣିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଂ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-471/Q/25-26

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ସିନିୟର ଡିଏସ୍‌ଟିଇ/ସିକେପି ତଳ ସୂଚିତ ଟେଣ୍ଡର ନଂ ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୦୩.୦୯.୨୦୨୫ ଅପରାହ୍ନ ୧୫.୦୦ ଘଟିକାରେ ଖୋଲାଯିବ । ଟେଣ୍ଡର ନୋଟିସ ନଂ : ଏସ୍‌ଟି-ସିକେପି-ଓଟି-୨୫-୨୬-୫୬, କାର୍ଯ୍ୟର ନାମ : ଚକ୍ରଧରପୁର ଡିଭିଜନର ଡିଜିଟାଲ ଆକ୍ସଲ କାଉଣ୍ଟର ସହିତ ଲେଗାସିର ଆନାଲଗ ଏକ୍ସଲ କାଉଣ୍ଟର ର ପରିବର୍ତ୍ତନ । ଟେଣ୍ଡର ମୂଲ୍ୟ : ଟ. ୩,୯୭,୪୩,୩୮୧.୭୧, ଅମାନତ ଅର୍ଥ : ଟ. ୩,୪୮,୭୦୦.୦୦, ସମାପ୍ତି ସମୟ : ୧୫ ମାସ । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ସବିଶେଷ ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ମାଗଣାରେ ଇସ୍ୟୁ କରାଯିବ । (PR-520)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER**
National Health Mission (NHM), Dhenkanal
Health & Family Welfare Department, Govt. of Odisha
E-313
Letter No. 3348 / Date : 12.8.25

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

**CONTRACTUAL RECRUITMENT**

Walk-in-Interview for Super Specialist / Specialist Doctors is going to be conducted at the O/o the CDM & PHO, Dhenkanal. For detailed information please log on to www.dhenkanal.odisha.gov.in

Sd/-
CDM & PHO-cum-DMD, Dhenkanal

OIPR : 10059/11/0020/2526

C-866

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି

By Speed Post / e-Mail / WhatsApp

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Phono No.: 06815-222052 e-Mail: parala.mply@gmail.com

Letter No.: 2600 Date: 12.08.2025

**QUOTATION CALL NOTICE**

Sealed quotations paper is invited from registered suppliers having GST certificate for Conducting Ward level wall painting on IEC activities relating to "Aaingata Safei Surakshit Safei" & other sanitation theme for wide awareness of ward habitants. The tender paper can be available on payment of Rs.3000/- (Rupees Three Thousand) only (non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of Cash. The prescribed bid documents & related terms condition need to be purchased from office from date. 12.08.2025 to 19.08.2025 during office hours by paying cash / DD. The last date of receipt of quotation is 20.08.2025 by 2.00 P.M & the same will be opened on date 20.08.2025 at 4.00 P.M in this office by the under signed in presence of Quotation or their authorized representatives if any. Up to date GST/IT clearance certificate should be accompanied with quotation failing which the quotations are liable for rejection.

Quotation incomplete in any respect/received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

Yours Faithfully
Sd/- Executive Officer
Parlakhemundi Municipality

OIPR : 13145/11/0036/2526

ଭାରତୀୟ କ୍ରୀଡ଼ା ପ୍ରାଧିକରଣ
**SPORTS AUTHORITY OF INDIA**
ଭାରତ ସରକାର / **GOVERNMENT OF INDIA**
କ୍ରୀଡ଼ା ବିଭାଗ/ **DEPARTMENT OF SPORTS**
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂକ୍ରିୟ ସଂସ୍ଥା)

ଏଫ୍.ନଂ.-୦୧-୦୪୦୦୧(୦୧)/୩/୨୦୨୫-ଏଷ୍ଟ-ପର୍ସୋନେଲ ଡିଭିଜନ ତାରିଖ : ୨୪.୦୭.୨୦୨୫

ବିଜ୍ଞପ୍ତି

ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ ସହାୟକ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ୪୮ ନିୟମିତ ସହାୟକ ପଦବୀ (ଅସଂରକ୍ଷିତ-୨୨, ଇଡବ୍ଲୁଏସ୍-୦୪, ଓବିସି-୧୨, ଏସ୍‌ସି-୦୭, ଏସଟି-୦୩) (ଦିବ୍ୟାଙ୍ଗ-୦୨) ପାଇଁ ଅନ୍‌ଲାଇନ୍ ଆବେଦନ ପତ୍ର ଆହ୍ୱାନ କରୁଛନ୍ତି । ଖାଲି ପଡିଥିବା ପଦବୀଗୁଡିକ ପାଇଁ ୧:୫ ପ୍ରତି କ୍ୟାଟେଗୋରି (ୟୁଆର:ଇଡବ୍ଲୁଏସ୍/ଓବିସି/ଏସ୍‌ସି/ଏସ୍‌ଟି/ଦିବ୍ୟାଙ୍ଗ) ର ଅନୁପାତରେ ଏସ୍ଏସ୍‌ସି ସିଜିଏଲ୍ ୨୦୨୪ ପବ୍ଲିକ ଡିସ୍‌କ୍ଲୋଜର ଲିଷ୍ଟ (ପିଡିଏଲ୍)ରେ ତାଲିକାଭୁକ୍ତ ହୋଇଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇ ନିଯୁକ୍ତି ପରୀକ୍ଷା ପରିଚାଳନା କରାଯିବ ।

ଯୋଗ୍ୟତା ମାନଦଣ୍ଡ :

୧. ଶିକ୍ଷାଗତ ଯୋଗ୍ୟତା : ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନ/ଆଇସିଡବ୍ଲୁଏ/ଆଇସିଏଆଇ ରୁ ଆକାଉଣ୍ଟସ୍/କମର୍ସ/ଅର୍ଥଶାସ୍ତ୍ରରେ ସ୍ୱୀକୃତିପ୍ରାପ୍ତ କିମ୍ବା ଏକ ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ ରୁ ସ୍ନାତକ ଡିଗ୍ରୀ କିମ୍ବା ତତ୍ତୁଲ୍ୟ କିମ୍ବା ସ୍ନାତକ ଡିଗ୍ରୀ ଅଥବା ତତ୍ତୁଲ୍ୟ ।
୨. ବୟସ ସୀମା : ଅନଲାଇନ ଆବେଦନ ପତ୍ର ଦାଖଲର ଖୋଲା ତାରିଖ ସୁଦ୍ଧା ୩୦ ବର୍ଷରୁ ଅଧିକ ହୋଇ ନଥିବ । ଭାରତ ସରକାରଙ୍କ ଗାଇଡ୍ ଲାଇନ ଡବ୍ଲୁଆରଟି ରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସମୟକୁ ସମୟ ଇସ୍ୟୁ ହୋଇଥିବା ଡିଓପିଟି ଓଏମ୍ଏସ୍ ଅନୁଯାୟୀ ବିଭିନ୍ନ କ୍ୟାଟେଗୋରୀ ସକାଶେ ସଂରକ୍ଷଣ ଲାଗୁ ହେବ ।
୩. ପ୍ରବରଣ : ପବ୍ଲିକ ଡିସ୍‌କ୍ଲୋଜର ଲିଷ୍ଟ ରେ ଏସ୍ଏସ୍‌ସି ସିଜିଏଲ ୨୦୨୪ ସ୍କୋର କରିଥିବା ପ୍ରାର୍ଥୀଙ୍କ ମେରିଟ୍ ଲିଷ୍ଟ ପ୍ରସ୍ତୁତ କୁ ଭିତ୍ତି କରି ।
୪. ବେତନ ହାର : ପେ ମାଟ୍ରିକ୍ସ ଲେଭଲ-୦୬ (ସପ୍ତମ ସିପିସି ଅନୁଯାୟୀ)
୫. ଦିବ୍ୟାଙ୍ଗ ସଂରକ୍ଷଣ : ବେଞ୍ଚ ମାର୍କ ଅକ୍ଷମତା (ଦିବ୍ୟାଙ୍ଗ ପାଇଁ ହରିଜୋଣ୍ଟାଲ ସଂରକ୍ଷଣ ଅଧୀନରେ ୦୨ ପଦବୀ ସଂରକ୍ଷଣ ରହିଛି) ।

- ଗୁରୁତ୍ୱପୂର୍ଣ୍ଣ : ଆବେଦନ ପତ୍ର ଦାଖଲ କରିଦେଲେ ଏହାକୁ କେବଳ ଆମନ୍ତ୍ରଣ ବୋଲି ବୁଝାଯିବ ଚୟନ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଖାଲି ପଡିଥିବା ପଦବୀ ଏବଂ ମେରିଟ୍‌କୁ ଭିତ୍ତିକରି ଅଫର ଲେଟର ଇସ୍ୟୁ କରାଯିବ ।
- ସବିଶେଷ ବିବରଣୀ ଓ ଦରଖାସ୍ତ ପାଇଁ : ଦେଖନ୍ତୁ https://sportsauthorityofindia.nic.in
- ଅଧିକ ଜାଣିବା ପାଇଁ ଇମେଲ : recruitment.cell.sai@gov.in
- ସାଇ ୱେବସାଇଟ୍‌ରେ ଶେଷ ତାରିଖ ଓ ବିଜ୍ଞପ୍ତିର ସବିଶେଷ ବିବରଣୀ ପ୍ରକାଶିତ ହୋଇଅଛି ।

cbc47103/12/0004/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଟଙ୍କା ମାଗି ନିଲମ୍ବିତ ହେଲେ ଏଏସଆଇ

# ୨ ଫେରାର, ନାବାଳକ ଗିରଫ

ଭଦ୍ରକ/ଧାମନଗର, (ସବ୍ୟୁ): ଅପହରଣର ୫୫ଦିନ ପରେ ଉଦ୍ଧାର ହେଲେ ନାବାଳିକା ଛାତ୍ରୀ କିନ୍ତୁ ନାବାଳିକା ଉଦ୍ଧାର ପାଇଁ ତଦନ୍ତକାରୀ ଅଧିକାରୀ ଟଙ୍କା ମାଗିବା ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମାଆ ଓ ବାପା । କୋର୍ଟଙ୍କ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ପରେ ଏଏସଆଇ ନିଲମ୍ବିତ । ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକ ନାବାଳିକା ଛାତ୍ରୀକୁ ଧାମନଗର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜନୈକ ଯୁବକ ଜୁନ ୧୭ତାରିଖରେ ତାର ଦୁଇଜଣ ସାଙ୍ଗଙ୍କ ସହଯୋଗରେ ଅପହରଣ କରିଥିବା । ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ । ଉଭୟ ଛାତ୍ରୀ ଓ ଅପହରଣ କରିଥିବା ଯୁବକକୁ ଠାବ କରିପାରିନଥିଲେ ତଦନ୍ତକାରୀ ଅଧିକାରୀ । ଏମିତି କି ଉଦ୍ଧାର ପାଇଁ ଖର୍ଚ୍ଚ ଦାବି କରିଥିଲେ ତଦନ୍ତକାରୀ ଅଧିକାରୀ ।

ତେବେ ଅଭିଯୋଗର ୫୫ଦିନ ପରେ ଧାମନଗର ପୁଲିସ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ କରି ଗତ ୧୧ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲାର ଏକ ଭଡାଘରୁ ନାବାଳିକା ଛାତ୍ରୀକୁ ଉଦ୍ଧାର କରିଥିଲେ । ଏପଟେ ନାବାଳିକାକୁ ଖୋଜିବାରେ ବିଳମ୍ବ ଓ ଟଙ୍କା ଦାବି କରିବା ନେଇ ତାଙ୍କ ପରିବାର ପକ୍ଷରୁ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ । ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଗତ ୧୧ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ଘଟଣାରେ ହାଇକୋର୍ଟ ନିର୍ଦ୍ଦେଶ ପରେ ଏସଡିପିଓଙ୍କ ତଦନ୍ତ ପରେ ତଦନ୍ତକାରୀ ଅଧିକାରି ଏଏସଆଇ ନେପାଳ ସାହାଙ୍କୁ ଭଦ୍ରକ ଏସପି ମନୋଜ ରାଉତ ନିଲମ୍ବିତ କରିଛନ୍ତି । ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ଜଣେ ଅଭିଯୁକ୍ତ ଫେରାର ହୋଇଥିବାବେଳେ ଜଣେ ନାବାଳକ ସହଯୋଗୀ ପୋଲିସ ଦ୍ୱାରା ଗିରଫ ହୋଇଛି । ଗିରଫ ନାବାଳକକୁ ସ୍ୱଧାର୍ ଗୃହରେ ଛଡ଼ା ଯିବା ସହ ଫେରାର ଦୁଇ ଜଣ ଖୁବ୍ ଶୀଘ୍ର ଗିରଫ ହେବେ ବୋଲି କହିଛନ୍ତି ଭଦ୍ରକ ଏସପି ମନୋଜ ରାଉତ ।

## ଲାଞ୍ଚ

## ଭିଜିଲାନ୍ସ ପଞ୍ଝାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିରାଣୀ





ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ ୨୫୦୦୦ ଟଙ୍କା ଲାଞ୍ଚ ନେବାବେଳେ ବ୍ରହ୍ମପୁର ଭିଜିଲାନ୍ସ ବିଭା ହାତରେ ଧରାପଡ଼ିଥିବା ଜଣା ପଡ଼ିଛି। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ନୋଟରୁ ଜଣାପଡ଼ିଛି ଯେ, ଜଣେ ଚୁକ୍ତି ଭିତ୍ତିକ ଯୁବ ଡାକ୍ତର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦ୍ୱାରା ଅନୁମୋଦନ କ୍ରମେ ନିଯୁକ୍ତି ପାଇ ଏଠାକୁ ଆସିଥିଲେ । ତାଙ୍କୁ ନିଯୁକ୍ତି ପତ୍ର ଦେବା ପାଇଁ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ ୨୫୦୦୦ଟଙ୍କା ଲାଞ୍ଚ ମାଗିଥିଲେ ଏବଂ ନିଯୁକ୍ତି ପତ୍ର ଦେଇନଥିଲେ । ଏହାପରେ ସଂପୃକ୍ତ ଚୁକ୍ତି ଭିତ୍ତିକ ଯୁବ ଡାକ୍ତର ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ।

ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଠାରେ ସମ୍ପୃକ୍ତ ଚୁକ୍ତି ଭିତ୍ତିକ ଡାକ୍ତର ୨୫୦୦୦ ଟଙ୍କା ଲାଞ୍ଚ ପ୍ରଦାନ କରିଥିଲେ। ପୂର୍ବରୁ ନିକଟରେ ଛପି ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ଚଢ଼ାଉ କରି କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକଙ୍କ ଠାରୁ ଲାଞ୍ଚ ନେଇଥିବା ୨୫୦୦୦ଟଙ୍କା ଉଦ୍ଧାର କରି କେସନଂ୧୨-୧୨/୮/୨୦୨୫ରେ ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

# ବଆଁରପାଳରେ ହାତୀ ଆତଙ୍କ: ସନ୍ଧ୍ୟା ହେଲେ ଘରେଘରେ ଟାଟି କବାଟ



ବଆଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବଆଁରପାଳ ବ୍ଲକ ତୁଳସୀପାଳ, ଲଙ୍ଗୁଳିଆବେଡା, ଗଡସନ୍ତ୍ରୀ, ଅରହାଟ, ପୁରୁକିଆ, ଗାଡ଼ରଖାଇ, କଙ୍କିନାଳି, କୁଲାଡ ଓ ଆଲୁମିନିୟମ ପାର୍କ ଅଞ୍ଚଳରେ ହାତୀ ପଲ ଆତଙ୍କ ସୃଷ୍ଟି କରୁଛନ୍ତି । ଫଳରେ ସଂଧ୍ୟା ହେଲେ ଘରେ ପଡୁଛି ଟାଟି କବାଟ ହାତୀ ଭୟରେ ଗାଁ ଲୋକେ ଘରୁ ବାହାରୁ ନଥିବାବେଳେ ସହର ଲୋକେ ଗାଁକୁ ଆସୁନାହାନ୍ତି ।

କିଛି ମାସର ବ୍ୟବଧାନ ପରେ ପୁଣି ତିନି ଦିନ ହେଲା ଦଳବଦ୍ଧ ହାତୀଙ୍କର ଉପସ୍ଥିତି ଦେଖିବାକୁ ମିଳିଛି । ଗତ ଧାନକଟା ସମୟରେ ହାତୀ ଦଳ ଏହି ଅଞ୍ଚଳରେ ବ୍ୟାପକ ଧାନ ଫସଲ ଖାଇବା ସହ ଦଳିଚକଟି ଶହଶହ ଏକର ଧାନ ଫସଲ ନଷ୍ଟ କରିଥିଲେ । ଏଥର ଧାନ ରୁଆ ସମୟରୁ ହାତୀଦଳଙ୍କ ଉପସ୍ଥିତି କୁ ନେଇ ଅଞ୍ଚଳବାସୀ ଚିନ୍ତିତ ହେବା ଶହ ଆତଙ୍କିତ ହୋଇ ପଡିଛନ୍ତି । ଗତ ଦୁଇ ଦିନ ତଳୁ ଆସିଥିବା ୪୫ ପଟ ହାତୀଦଳ ନିକଟସ୍ଥ ବିଲରେ ପଶି ଧାନତଳି ଖାଇବା ସହ ମାଡିଚକଟି ନଷ୍ଟ କରୁଛନ୍ତି । ବର୍ତ୍ତମାନ ତାଳ ପାଚିବା ସମୟ ହୋଇଥିବାରୁ ସେଥିପାଇଁ ହାତୀଦଳ ଆସିଥିବା ଅନୁମାନ କରାଯାଉଛି । ଏହି ଅଞ୍ଚଳର ବିଭିନ୍ନ ଗ୍ରାମରୁ ନିକଟସ୍ଥ କଳକାରଖାନାରେ ଡିଉଟି କରୁଥିବା କର୍ମଚାରୀ ମାନେ ଚିନ୍ତାରେ ପଡି ଯାଇଛନ୍ତି । ଚାଷୀ ନିଜ ବିଲକୁ ଯାଉନାହାନ୍ତି ଝ ଶୌଚ ହେବାକୁ ବାହାରକୁ ଯିବାକୁ ଡରୁଛନ୍ତି । ନିକଟ ଅତୀତରେ ଆଖପାଖ ଗ୍ରାମରୁ କିଛି ଲୋକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

ଅନ୍ୟ ପକ୍ଷରେ ବନ ବିଭାଗ କର୍ମଚାରୀ ମାନେ ହାତୀଙ୍କ ଉପରେ ନଜର ରଖିବା, ସଚେତନ କରିବା ବ୍ୟତୀତ ହାତ ଟେକି ବସିଛନ୍ତି । ସୋମବାର ରାତିରେ ଏକ ହାତୀ ଛୁଆ ଜନ୍ମ କରିଥିବା ବନ କର୍ମଚାରୀ ମାନେ ସୂଚନା ଦେଇଛନ୍ତି । ଉକ୍ତ ଛୁଆଟି ଠିକ ଭାବରେ ନଚାଲିବା ପର୍ଯ୍ୟନ୍ତ ହାତୀଦଳ ଅଞ୍ଚଳ ଛାଡି ଯିବାର ସମ୍ଭାବନା ନଥିବାରୁ ସ୍ଥାନୀୟ ଲୋକେ ଚିନ୍ତିତ ଅବସ୍ଥାରେ ଅଛନ୍ତି ।

## ବିଦ୍ୟୁତ୍ କର୍ମଚାରୀଙ୍କ ଯୋଗୁଁ ବଞ୍ଚିଗଲେ ହାତୀପଲ

କରଞ୍ଜିଆ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନ ଖଣ୍ଡରେ ୩୧ ଟିକିଆ ହାତୀ ପଲ ଉତ୍ପାତ ମୋଚାଇ ଥିବା ବେଳେ ଚାଷୀ ହନ୍ତସନ୍ତ ହେଉଛନ୍ତି । ହାତୀ ପଲମାନଙ୍କ ମଧ୍ୟରୁ ଗୋଠ ଛଡ଼ା ଦନ୍ତା ହାତୀ ବୁଲୁଥିବା ବେଳେ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ତେବେ ଗୋଠ ଛଡ଼ା ଦନ୍ତା ଓ ହାତୀ ପୋଲ ଚାଷ ନଷ୍ଟ କରିବା ସହିତ ବିଭିନ୍ନ ସମୟରେ ଘୋର ମଧ ଭାଙ୍ଗୁଛନ୍ତି ଗତ ମଙ୍ଗଳବାର ରାତି ପ୍ରାୟ ଗୋଟାଏରେ ୩୧ଟିକିଆ ହାତୀପଲ କରଞ୍ଜିଆ ବ୍ଲକ ଦରୀ ପଞ୍ଚାୟତ ଦେଉଳି ଗ୍ରାମରେ ଥିବା ଏକ ବିଦ୍ୟୁତ୍ ସବଷ୍ଟେସନ ଭାଙ୍ଗି ଦେବାରୁ ୪ଟି ଖୁଣ୍ଟ ସହ ତାର ଛିଣ୍ଡି ପଡିଥିଲା । ହେଲେ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ହାତୀପଲ ଥିବାର ସୂଚନା ଥିବାରୁ ବିଦ୍ୟୁତ ବିଭାଗ ରାତି ୧୧ଟାରୁ ବିଦ୍ୟୁତ ସରବରହୋ ବନ୍ଦ ଥିଲା ।

ଏ ବାବଦରେ କରଞ୍ଜିଆ ବିଦ୍ୟୁତ ବିଭାଗ ର ଅଧିକାରୀ ବୋପାନ୍ନା ପ୍ରସାଦ ରାଓ ଓ ତାଟୋ ଜୁନିୟର ଇଞ୍ଜିନିୟର ଅଜିତ ସାମଲ ସୂଚନା ଦେଇଥିଲେ । ବିଦ୍ୟୁତ ବିଭାଗର ଏହି ଉଚିତ ପଦକ୍ଷେପ ପାଇଁ ହାତୀପଲଙ୍କ ଜୀବନ ବଞ୍ଚିଯିବାରୁ ବିଦ୍ୟୁତ ବିଭାଗକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ଓ ପ୍ରସୂତି ସଂଘର ଉପସଭାପତି



କଟକ, (ସ୍ୱପ୍ର) : ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ଓ ପ୍ରସୂତି ସଂଘର ପୂର୍ବ ଭାରତ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଡା. ନାୟକ ୨୦୨୭-୨୦୨୮ବର୍ଷ ପାଇଁ ଏହି ଦାୟିତ୍ୱ ଗ୍ରହଣ କରିବେ । ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ପୂର୍ବତନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ଉପସଭାପତି ଡା. ହର ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର, ଡା. ଶରତ ମହାପାତ୍ର, ଭାରତୀୟ ମେଡିକାଲ ସଂଘ ଓଡିଶା ଶାଖା ସଭାପତି ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ଜୟଶ୍ରୀ ପଟ୍ଟନାୟକ ଓ ଡା. ସସ୍ମିତା ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

## ନ୍ୟାୟ ପାଇଁ ସପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

ଭଦ୍ରକ, (ସବ୍ୟୁ): ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଅଧିନସ୍ଥ ପନ୍ଦରବାଟିଆ ଗ୍ରାମରେ ଜମିଜମା ଘଟଣାକୁ ନେଇ ଜଣେ ମହିଳାଙ୍କୁ ଅନ୍ୟଜଣେ ପ୍ରଭାବଶାଳୀ ଶିକ୍ଷକ ବିଭିନ୍ନ ସମୟ ହଇରାଣ ହରକତ କରିବା ସହିତ ମାରଧର କରୁଛନ୍ତି । ତେଣୁ ମହିଳା ଜଣଙ୍କ ଏ ସମ୍ପର୍କରେ ଧୂଷୁରୀ ଥାନାରେ ଗତ ମାସ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କିଛି ବୁଝି ନଥିଲା । ତେଣୁ ମହିଳା ଜଣଙ୍କ ବାଧ ହୋଇ ଏସପିଙ୍କୁ ଜଣାଇବାରୁ ଏସପି ଥାନାକୁ ପଠାଇ ଦେଇଥିଲେ । ସେହି ଅନୁଯାଇ ମାମଲା ରୁଜୁ ହୋଇଥିଲାବେଳେ ପୋଲିସ ସେମାନଙ୍କୁ ଗିରଫ କଲା ନାହିଁ । ତେଣୁ ସେମାନେ କୋର୍ଟରୁ ବେଲରେ ଆସି ସମ୍ପୃକ୍ତ ମହିଳାଙ୍କୁ ହତ୍ୟା ଧମକ ଦେବା ସହିତ ଅଧିକ ହଇରାଣ ହରକତ କରି ମାନସିକ ନିର୍ଯାତନା ଦେଉଛନ୍ତି । ଏପରିକି ମାମଲା ଉଠାଇ ନେବାକୁ ଧମକ ଦେଉଛନ୍ତି । ପୋଲିସକୁ ବାରମ୍ବାର ଯାଇ ଗୁହାରି କଲେ ପୋଲିସ କିଛି ବୁଝୁନାହିଁ । ତେଣୁ ସମ୍ପୃକ୍ତ ମହିଳା ଜଣଙ୍କ ଆଜି ନ୍ୟାୟ ପାଇଁ ନିଜ ପରିବାର ସହିତ ଆସି ଏସପିଙ୍କ ଦ୍ୱାରସ୍ଥ ହୋଇ ଧାରଣାରେ ବସିଛନ୍ତି ।

## ବନ୍ଦର ମେରାଇନ ଥାନାରେ ଥାର୍ଡଡିଗ୍ରୀ



ନାଉଗାଁ, (ସବ୍ୟୁ) : ପୁଣି ଥାନାରେ ଥାର୍ଡଡିଗ୍ରୀ ଅଭିଯୋଗ ଜଗତସିଂହପୁର ଜିଲ୍ଲା ବିରିଡି ଥାନାରେ ଗତ କିଛିଦିନ ତଳେ ଜଣେ ଯୁବକକୁ ଥାର୍ଡଡିଗ୍ରୀ କରାଯାଇଥିବା ଅଭିଯୋଗ ତଦନ୍ତ ଚାଲିଥିବା ବେଳେ ଏହି ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ମେରାଇନ ଥାନାରେ ପୁଣି ଜଣେ ଯୁବକକୁ ଥାର୍ଡଡିଗ୍ରୀ ଦିଆଯାଇଥିବା ଅଭିଯୋଗ ଆସିଛି । ଧନୁହରବେଲାରୀ ଗ୍ରାମର ବିଭୁରାମ ଦଳାଇ ଏକ ଗଣ୍ଡଗୋଳ ସଙ୍କ୍ରାନ୍ତୀୟ ଅଭିଯୋଗ ନେଇ ଥାନାକୁ ଯାଇଥିବା ବେଳେ ସେଠାରେ ଥିବା ପୋଲିସ ବାବୁ ଅଭିଯୋଗ ପଢି ତାଙ୍କ ମୁହଁକୁ ଫୋପାଡିବା ଓ ତାଙ୍କୁ ଅନ୍ୟ ପୋଲିସ ଅଧିକାରୀମାନେ ମାଡ ମାରି ଜୋର ଜବରଦସ୍ତ ହାଜତ ଭିତରେ ପୁରାଇବା ନେଇ ସେ ଜିଲ୍ଲା ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାରେ ଏଭଳି ଘଟଣା ବୃଦ୍ଧି ପାଉଥିବା ଓ ପୋଲିସ ନ୍ୟାୟ ବଦଳରେ ଅଭିଯୋଗକାରୀଙ୍କୁ ମାଡ ମାରିବା ଏବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଅଭିଯୋଗକୁ ଆଧାର କରି ଆଜି ଜଗତସିଂହପୁର ଜିଲ୍ଲା ଅତିରିକ୍ତ ଏସ୍ପି ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସିସିଟିଭି ଜାଞ୍ଚ କରାଯାଇଥିବା ବେଳେ କେଉଁ ପରିସ୍ଥିତିରେ ପୋଲିସ ଏଭଳି କଲା ତାହାର ତଦନ୍ତ ଆରମ୍ଭ ହୋଇଛି ।

## ପିପୁଲ୍ସ କଲେଜ ପକ୍ଷରୁ ହର ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ଲେଫ୍ଟନାଣ୍ଟ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ହର ଘର୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଉକ୍ତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଏଥିରେ ଏନସିସି, ୱାଇଆରସି, ଏନଏସଏସ, ସ୍କାଉଟର ଶତାଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ବୁଗୁଡା ସହର ପରିକ୍ରମା କରିଥିଲେ । ଦେଶମାତୃକାର ଜୟଗାନ, ଦେଶ ପାଇଁ ବଳିଦାନ ଦେଇଥିବା ଓ ଦେଶକୁ ସୁରକ୍ଷା ପ୍ରଦାନ କରୁଥିବା ଯବାନଙ୍କୁ ସମ୍ମାନ ଜଣାଇ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇଥିଲେ । ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ସୃଷ୍ଟି କରିବା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର କ୍ରୀଡା ଶିକ୍ଷକ ଏମ୍.ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ ।

# ରସନା ବିଏସ୍ଏଫ୍ ସହ ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବ



ଭୁବନେଶ୍ୱର, (ସବ୍ୟୁ) : ତୁରନ୍ତ ପାନୀୟ ଉତ୍ପାଦନ କରୁଥିବା ବିଶ୍ୱର ସର୍ବବୃହତ ଉତ୍ପାଦନକାରୀ ରସନା ପ୍ରାଇଭେଟ ଲିମିଟେଡ ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବି ଇଣ୍ଡିଆନ୍, ବାଇ ଇଣ୍ଡିଆନ୍' ଅଭିଯାନ ଜରିଆରେ ସ୍ୱଦେଶୀ ଭାବନାକୁ ପୁନର୍ଜୀବିତ କରିବାର ଆହ୍ୱାନକୁ ପ୍ରତିଫଳିତ କରୁଛି ।

ଏହାର ଶୁଭାରମ୍ଭ ସହିତ ରସ୍ନା ଆନୁଷ୍ଠାନିକ ଭାବେ ଆରଟିଡି ସେଗମେଣ୍ଟରେ ପ୍ରବେଶ କରି ଆତ୍ମନିର୍ଭରଶୀଳ, ସ୍ଥାନୀୟ ଉତ୍ପାଦ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିଛି । ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ରସ୍ନା ପ୍ରାଇଭେଟ୍ ଲିମିଟେଡ୍ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)କୁ କୃତଜ୍ଞତା ଜ୍ଞାପନ କରି ଦେଶର ସୁରକ୍ଷା ବାହିନୀକୁ ସମ୍ମାନିତ କରିବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଛି ।

ଏହି ଅଭିଯାନର ଏକ ଅଂଶ ଭାବରେ, ରସନା ଜର୍ମିନ୍ ବିଏସଏଫ ଯବାନ ଏବଂ ସେମାନଙ୍କ ପରିବାରକୁ ବଣ୍ଟନ କରାଯାଇଥିଲା, ଯେଉଁଥିରେ ଦେଶ ପ୍ରତି ସେମାନଙ୍କର ଅତୁଟ ସମର୍ପଣ ଏବଂ ସେବାକୁ ପାଳନ କରାଯାଇଥିଲା ।

## କେନାଲରେ ଭାସିଯାଇ ହାତୀ ନିଖୋଜ

ବାଲିପାଟଣା, (ସବ୍ୟୁ) : କେନାଲରେ ଭାସିଯାଇ ହାତୀ ନିଖୋଜ ।ସୂଚନା ଅନୁସାରେ ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୂର୍ ଗ୍ରାମର କୈଳାଶ ହାତୀ(୮୦) ଆଜି ଅପରାହ୍ନ ଚାରିଟା ସମୟରେ କୌଣସି କାରଣରୁ ନିକଟସ୍ତ କେନାଲକୁ ଯାଇଥିବା ସମୟରେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ ।ଗ୍ରାମ ଲୋକ ବହୁ ଖୋଜା ଖୋଜି କରି ତାଙ୍କୁ ନପାଇବାରୁ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ ।ଶେଷ ସୂଚନା ଅନୁସାରେ ଏପର୍ଯ୍ୟନ୍ତ ତାଙ୍କୁ ଉଦ୍ଧାର କରା ଯାଇପାରିନି । ଅଗ୍ନିଶ୍ରମ ବିଭାଗ ଉଦ୍ଧାର ପକ୍ରୀୟା ଜାରି ରଖିଛି ।

## ଚେନ୍ ଛିଣ୍ଡାଇ ନେଲେ ଦୁର୍ବୃତ୍ତ

ବାଲିପାଟଣା, (ସବ୍ୟୁ) : ବାଲିପାଟଣା ଥାନା ଅନ୍ତର୍ଗତ ରାଜସ ପଂଚାୟତର ରଡ ଦେଉଳି ଛକ ନିକଟରେ ତିନି ଜଣ ସାଙ୍ଗ ବସି କଥା ହେଉଥିବାବେଳେ ହଠାତ୍ ଦୁଇଜଣ ଦୁର୍ବୃତ୍ତ ଏକ ବଜାଜ ପଲସର୍ ୨୨୦ ଗାଡ଼ିରେ ଆସି ପ୍ରଦୀପ ସ୍ୱାଇଁ ପିନ୍ଧିଥିବା ଏକ ଚେନ ଛିଣ୍ଡାଇ ଚଂପଟ ମାରିଥିଲେ । ଏ ସମ୍ପର୍କରେ ପ୍ରଦୀପ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଛାନଭିନ କରୁଛି । ସୂଚନାନୁଯାୟୀ, ବଦଳା ପଡା ଗ୍ରାମର ପ୍ରଦୀପ ସ୍ୱାଇଁ ସାଙ୍ଗ ମାନଙ୍କ ସହିତ ରଡ ଦେଉଳି ତ୍ରିନାଥ ଛକ ନିକଟରେ ବସି କଥା ହେଉଥିଲେ । ରାଜସ ଗ୍ରାମର ରାହୁଲ ସ୍ୱାଇଁ ଓ ଦୁଃଶାସନ ସ୍ୱାଇଁ ଏକ ବଜାଜ ପଲସର୍‌ରେ ଆସି ପ୍ରଦୀପଙ୍କ ବେକରୁ ସୁନା ଚେନଟି ଛିଣ୍ଡାଇ ନେବା ବେଳେ ଅଧା ଚେନ ପ୍ରଦୀପ ହାତ ମୁଠାରେ ରହିଯାଇଥିଲା । ପ୍ରଦୀପଙ୍କୁ ମାଡ଼ ମାରିବା ସହ ସୋଦାବକା କରି ଚାଲି ଯାଇଥିଲେ ବୋଲି ଅଭିଯୋଗକାରୀ କହିଛନ୍ତି । ଖବର ପାଇ ପୋଲିସ ଘଟଣାର ତଦନ୍ତ ଚାଲୁ ରଖିଛି ।

## ନାବାଳିକା ଅପହରଣ ମାମଲା

# ବାପ-ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ବୁଧବାର ଏକ ନାବାଳିକା ଅପହରଣ ମାମଲାର ବିଚାର କରି ବାପ ଓ ପୁଅଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି। ।ଦୈତାରୀ ଥାନା ଅନ୍ତର୍ଗତ ସାନସିଆଡିମାଳ ଗ୍ରାମର ଚିତ୍ତରଞ୍ଜନ ମହାନ୍ତକୁ ଦଫା ୩୬୩ ଓ ୩୬୬ ଆଇପିସିରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲା ବେଳେ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତଙ୍କୁ ଅପହରଣ ପରେ ନାବାଳିକାକୁ ଧମକ ଦେଇଥିବାରୁ ଦଫା ୫୦୬ ଆଇପିସିରେ ୧ ବର୍ଷ ଜେଲ ଦଣ୍ଡାଦେଶ ସହ ଏକ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ।

ଘଟଣାରୁ ପ୍ରକାଶ ଯେ, ତା ୧୦।୧୨।୨୦୧୬ ରିଖ ଶନିବାର ଦିନ ନାବାଳିକା ପୀଡିତା ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇଅପରାହ୍ନ ୩ଟା ବେଳେ ଘରକୁ ଫେରୁଥିଲା ବେଳେ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତ ନାବାଳିକାକୁ ବାଇକରେ ଅପହରଣ କରି ଅନ୍ୟ ଏକ ଯୁବକଙ୍କ ପାଖକୁ ନେଇ ବାହା ହେବାକୁ ବାଧ କରିଥିଲେ ଓ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତ ପରେ ନାବାଳିକାକୁ ମଧ୍ୟ ବାହା ହେବାକୁ ଧମକ ଦେଇଥିଲା । ଏକଥା ଜାଣି ନାବାଳିକଙ୍କ ବାପା ୧୫।୧୨।୨୦୧୬ ତାରିଖରେ ବାପା ହରିଚନ୍ଦନପୁର ଥାନାରେ ଏକ ଲିଖିତ ରିପୋର୍ଟ କରିବା ପରେ ପୋଲିସ ନାବାଳିକାକୁ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରିବା ସହ ତା'ର ବୟାନ ନେଇ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ କେଶ ଦାଖଲ କରିଥିଲା । ବୁଧବାର କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଚିତ୍ତରଞ୍ଜନ କୁ ୩୬୩ ଓ ୩୬୬ ଆଇପିସି ଏବଂ ଗଙ୍ଗାଧର କୁ ୫୦୬ ଆଇପିସି ରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାକୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରକୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ ।

# ଦୁଇ ବ୍ରାଉନସୁଗର ବେପାରୀ ଗିରଫ



ବଆଁରପାଳ, (ସବ୍ୟୁ) : ବିଶେଷ ସୂତ୍ରରୁ ଖବର ପାଇ ଏସପି, ଅନୁଗୋଳଙ୍କ ନିର୍ଦ୍ଦେଶରେ ,ଏଡିପିଓ ଅନୁଗୋଳ ଙ୍କ ତତ୍ତ୍ୱାବଧାନରେ ବଆଁରପାଳ ଥାନା ଅଧିକାରୀ ଏକ ଟିମ ପ୍ରସ୍ତୁତ କରି ବ୍ରାଉନ ସୁଗାର ବିକ୍ରି ଉପରେ ଚଢାଉ କରିବା ପାଇଁ ଏସ୍ ଆଇ ଅର୍ଚନା ନାୟକଙ୍କ ନେତୃତ୍ୱରେ ଆଲୁମିନିୟମ ପାର୍କ ଅଞ୍ଚଳରେ ଚଢାଉ କରିଥିଲେ । ଏସ ଆଇ ଅର୍ଚନା ନାୟକଙ୍କ ନେତୃତ୍ୱରେ ସଫଳ ପୂର୍ବକ ଚଢାଉ କରି ଏନ୍ଏଚ୍-୫୫ ଉପରେ ଆଲୁମିନିୟମ ପାର୍କ ବସ ଷ୍ଟାଣ୍ଡ ପାଖରୁ ଦୁଇ ଜଣ ଯୁବକଙ୍କୁ କାବୁ କରି ସେମାନଙ୍କ ପାଖରୁ ୧୫.୨୪୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ବାଲେଶ୍ୱର ଷ୍ଟେସନ ର ଦୁଇଟି ପ୍ଲାଟଫର୍ମ ଟିକେଟ ଓ ଏକ ହଳଦିଆ ରଙ୍ଗର ଲାଇଟର ଓ ଏକ ଓପୋ ମୋବାଇଲ ଫୋନ ଜବତ କରିବାରେ ସକ୍ଷମ ହେଲେ ।

ତଦନ୍ତ ସମୟରେ ସେମାନଙ୍କ ଘର ହେମସରପଡା, ଅନଗୁଳ ଅଞ୍ଚଳ ର ବୋଲି ଜଣା ପଡ଼ିଛି ଏବଂ ସେମାନେ ସମ୍ପର୍କ ରେ ଦଦା ପୁତୁରା ଅଟନ୍ତି । କିଛି ମାସ ହେବ ସେମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବଆଁରପାଳ ଓ ଅନୁଗୁଳ ଅଞ୍ଚଳରେ ଛୋଟ ଛୋଟ ଚିଟ କରି ଚଢା ମୂଲ୍ୟ ରେ ବିକ୍ରି କରୁଥିଲେ । ଗତ ତା ୧୨.୦୮.୨୦୨୫ ରିଖ ସକାଳେ ଦୁହେଁ ଆଲୁମିନିୟମ ପାର୍କ ଆଡକୁ ଯିବାକୁ ଥିବା ରାସ୍ତା ରେ ବସ ରୁ ଓହ୍ଲାଇ ସେଇ ଆଖ ପାଖ ଅଞ୍ଚଳ ରେ କିଛି ଚିଟ ବିକ୍ରି କରି ବଡ ଗ୍ରାହକକୁ ଅପେକ୍ଷା କରିଥିବା ସମୟରେ ପୁଲିସ ହାତରେ ଧରାପଡିଥିଲେ । ଗତକାଲି ସନ୍ଧ୍ୟାରେ ସେମାନଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ରାଜା ବେହେରା (୩୦) ପିତା ବିଷ୍ଣୁ ବେହେରା , ମଣ୍ଟୁ ଗୋଚ୍ଛାୟତ (୧୯) ପିତା ଗର୍ତିଆ ଗୋଚ୍ଛାୟତ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଣ୍ଟି-ରାଗିଂ ସପ୍ତାହ



କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଆଣ୍ଟିଂ-ରାଗିଂ ସପ୍ତାହ ଆରମ୍ଭ ହୋଇଛି । ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ବିଭିନ୍ନ ବିଭାଗର ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଂଶଗ୍ରହଣ କରିବା ସହ ବହୁ ବିଶିଷ୍ଟ ଅତିଥି ଏବଂ ଫାକଲ୍ଟି ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟ୍, ଏନଏସଏସ ୟୁନିଟ୍ ଏବଂ ଏନସିସି ୟୁନିଟ୍ ପକ୍ଷରୁ ମିଳିତ ଭାବରେ ଏହାକୁ ଆୟୋଜନ କରାଯାଇଛି ।

ରାଗିଂକୁ ନେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଶୂନ୍ୟ ସହନଶୀଳତା ନୀତି କିଭଳି ଆଜି ମଧ୍ୟ କଡ଼ାକଡ଼ି ଭାବରେ ପାଳନ କରାଯାଉଛି, ତାହା ପୁରାତନ ଓ ନୂତନ ବିଦ୍ୟାର୍ଥୀମାନଙ୍କୁ ସ୍ମରଣ କରାଇ ଦିଆଯାଇଥିଲା । ଛାତ୍ର କଲ୍ୟାଣ ଡିନ୍ ପ୍ରଧାପକ ଜୟପ୍ରକାଶ ଭଞ୍ଜ ନିଜ ସ୍ୱାଗତ ଅଭିଭାଷଣରେ କହିଥିଲେ, ପୂରା ସପ୍ତାହଟି ବିଶ୍ୱବିଦ୍ୟାଳୟର ଗରିମା ଏବଂ ପାରସ୍ପରିକ ସମ୍ମାନ ପ୍ରଦାନର ସଂସ୍କୃତି ଉଦ୍ଦେଶ୍ୟରେ ସମର୍ପିତ ରହିଛି। ଆଣ୍ଟିଂ-ରାଗିଂ କମିଟିର ପ୍ରତିନିଧି ସୁଶ୍ରୀ ରୁପାଲି ନାୟକ କ୍ୟାମ୍ପସରୁ ରାଗିଂ ହ୍ରାସ କରିବାର ଉପାୟ ଏବଂ ଏହାକୁ ସୁରକ୍ଷିତ ବାତାବରଣରେ ପରିଣତ କରିବା ପାଇଁ ସମସ୍ତଙ୍କର ଦାୟିତ୍ୱ ଥିବା କହିଥିଲେ। ଏନଏସଏସ ସଦସ୍ୟ ରିତେଶ ନାୟକ ସଚେତନତା ସମ୍ପର୍କରେ ସୂଚନା ଦେଇଥିଲେ। ରୋଭର ଓ ରେଞ୍ଜର ୟୁନିଟ୍ ସଦସ୍ୟା ପ୍ରିୟଙ୍କା ପରିଜାଙ୍କ ନେତୃତ୍ୱରେ ସମସ୍ତେ ସମ୍ମାନଜନକ କ୍ୟାମ୍ପସ ସଂସ୍କୃତି ନେଇ ଶପଥପାଠ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସୌହାର୍ଦ୍ଦ୍ୟ ବାତାବରଣ ବଜାୟ ରଖିବାକୁ ସଂକଳ୍ପ କରିଥିଲେ । ଏନସିସି ୟୁନିଟର ଏଏନ୍ଓ ଡ. ନେହା ଏବଂ ଏନଏସଏସ ୟୁନିଟର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମ୍ବିକା ପ୍ରସାଦ ମିଶ୍ର ମଧ୍ୟ ଏହି ଉଦ୍ୟମ ପ୍ରତି ନିଜ ସମର୍ଥନ ଜଣାଇଥିଲେ । ସହାୟକ ପ୍ରାଧ୍ୟାପକ ଏବଂ ରୋଭର ସ୍କାଉଟ ଲିଡର ଡ. ସନ୍ଦୀପ ରାଉତ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଦେବଗଡ଼ରୁ ଯୁବକଙ୍କ ପଦଯାତ୍ରା

ବାରଙ୍ଗ ,(ସବ୍ୟୁ) ଦେବଗଡ଼ ମାଟିର ବିକାଶ ପାଇଁ ଦେବଗଡ଼ ଜିଲ୍ଲାର ଜଣେ ଯୁବକ ସଂଘର୍ଷ ଆରମ୍ଭ କରିଛନ୍ତି । ନିଜ ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ପର୍ଯ୍ୟାୟକ୍ରମେ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିନଥିଲା । ଏହାର ପ୍ରତିକାର ପାଇଁ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ବହୁ ଆଶା ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ ବାହାରିଛନ୍ତି ଦେବଗଡ଼ ମାଟିର ଅର୍ଣ୍ଣବ ପଣ୍ଡା ନାମକ ୪୨ବର୍ଷୀୟ ଯୁବକ । ସେ ପୁଣି କୌଣସି କାର କି ମଟର ସାଇକେଲ ନୁହେଁ ବରଂ ପାଦରେ ଚାଲିଚାଲି ବାହାରିଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ । ଗତ ୬ ତାରିଖରୁ ସେ ଦେବଗଡ଼ରୁ ବାହାରି ବୁଧବାର ଦିନ ବାରଙ୍ଗରେ ପହଂଚିଛନ୍ତି । ଏହା ଭିତରେ ସେ ପାଖାପାଖି ୨୭୦ କିଲୋମିଟର ବାଟ ଅତିକ୍ରମ କରିସାରିଲେଣି। ଯେଉଁଠି ରାତି ଅଧିକ ହେଉଛି ସେଠାରେ ସୁବିଧା ଦେଖି ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା ଆରମ୍ଭ କରୁଛନ୍ତି। ଏବେ ଚାଲିଚାଲି ପାଦରେ ବଡ଼ବଡ଼ ଫୋଟୋକା ହୋଇଗଲାଣି । ଏହାସହ ଗୋଡ଼ ଫୁଲିଗଲାଣି। ତଥାପି ତାଙ୍କର ଯାତ୍ରା ଜାରି ରଖିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ତାଙ୍କର ମୁଖ୍ୟ ଦାବି ବୋଲି ଅର୍ଣ୍ଣବ କହିଛନ୍ତି ।



# ରୁଷ କବଜାରେ ୟୁକ୍ରେନର ୧୯% ଅଞ୍ଚଳ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଆଲାସ୍କାରେ ହେବାକୁ ଥିବା ବୈଠକ ଉପରେ ସାରା ଦୁନିଆର ନଜର ରହିଛି । ତେବେ ଏହି ବୈଠକରୁ କିଛି ନିଷ୍କର୍ଷ ବାହାରିବ ବୋଲି ଆଶା କରାଯାଉନାହିଁ । କାରଣ ବୈଠକରେ ଶାନ୍ତି ସ୍ଥାପନ ଆଶା ସେତେବେଳ ସମ୍ଭବ ହୋଇପାରିବ, ଯେତେବେଳେ ପୁଟିନଙ୍କ ସର୍ତକୁ ସ୍ୱୀକାର କରାଯିବ । ପୁଟିନଙ୍କ ସର୍ତ ଯେ କବଜାରେ ଥିବା ୟୁକ୍ରେନ ଅଞ୍ଚଳରୁ ରୁଷରେ ସାମିଲ କରିବେ । ଟ୍ରମ୍ପ ଏହା ଉପରେ ଏକପ୍ରକାର ରାଜି ଅଛନ୍ତି । ଖୋଲାଖୋଲି ଭାବରେ କହିଥିଲେ ଯେ ୟୁକ୍ରେନ ଓ ରୁଷ ଭୂମି ଛାଡ଼ିବା ଦରକାର, କିନ୍ତୁ ଏହା କିପରି ହେବ ତାର ଜବାବ କାହା ପାଖରେ ନାହିଁ । କାରଣ ଜେଲେନସ୍କିଙ୍କ ପାଖରେ ରୁଷର କୌଣସି ଭୂମି ନାହିଁ । ଏପରି ସ୍ଥଳରେ ଯଦି ଯଥାସ୍ଥିତି ଉପରେ ସହମତି ହୁଏ ତେବେ ୟୁକ୍ରେନ ନିଜର ଏକ ବଡ଼ ଅଞ୍ଚଳ ହରାଇ ବସିବ ଏବଂ ବଦଳରେ କିଛି ପାଇବ ନାହିଁ ।

ରୁଷ-ୟୁକ୍ରେନ ଯୁଦ୍ଧର ସଦ୍ୟ ମ୍ୟାପ୍ ଅନୁସାରେ ରୁଷ କବଜାରେ ୟୁକ୍ରେନର ପ୍ରାୟ ୧ ଲକ୍ଷ ୧୪ ହଜାର ୫୦୦ ବର୍ଗ କିଲୋମିଟର ଅଞ୍ଚଳ ରହିଛି । ୟୁକ୍ରେନ କ୍ଷେତ୍ରଫଳ ଆଧାରରେ ଏହା ପ୍ରାୟ ୧୯ ପ୍ରତିଶତ ଅଞ୍ଚଳ । ଏଥିରେ କ୍ରିମିଆ ମଧ୍ୟ ସାମିଲ ଅଛି । ଅନ୍ୟପଟେ ୟୁକ୍ରେନ ପାଖରେ ରୁଷର କୌଣସି ଅଞ୍ଚଳ ନାହିଁ । ମସ୍କୋ ଦାବି କରୁଛି ଯେ ଯୁଦ୍ଧର ଯଥାସ୍ଥିତିକୁ ବଜାଏ ରଖି ଶାନ୍ତି ଆଲୋଚନା ହେବା ଦରକାର ।



୨୦୧୪ରେ ରୁଷ ସେନା କ୍ରିମିଆକୁ ନିୟନ୍ତ୍ରଣ କରିଥିଲା, ଯାହା ଦକ୍ଷିଣ ୟୁକ୍ରେନର କୃଷ୍ଣ ସାଗର ଯାଏ ବ୍ୟାପ୍ତ । ୟୁକ୍ରେନ ଆଜି ବି ଏହାକୁ ନିଜର ବୋଲି ଦାବି କରୁଛି, ଅନ୍ୟପଟେ ରୁଷ ଏହି ଅଞ୍ଚଳକୁ ସୋଭିଏତ୍ ସଂଘ ସମୟରୁ ନିଜର ବୋଲି ଦାବି କରୁଛି । ଏହି ଅଞ୍ଚଳ ୨୭ ହଜାର ବର୍ଗ କିଲୋମିଟର ଯାଏ ବ୍ୟାପ୍ତ । ୟୁକ୍ରେନୀୟ ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ ୧୮ଶହ ଶତାବ୍ଦୀରେ କ୍ୟାଥରିନ୍ ଦି ଗ୍ରେଟ୍ ଜୋରଜବରଦସ୍ତି କ୍ରିମିଆକୁ ରୁଷ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ଏବଂ ସେଭାସ୍ତୋପୋଲରେ ଏକ ନୌସେନା ଜାହାଜ ସ୍ଥାପନ କରିଥିଲେ । ୧୯୨୧ ମସିହାରେ ଏହା ସୋଭିଏତ୍ ୟୁନିଅନର ଅଂଶ ହୋଇଗଲା ।

ପୂର୍ବ ୟୁକ୍ରେନର ଡୋନବାସର ପ୍ରାୟ ୮୮% ଅଞ୍ଚଳ ରୁଷ ନିୟନ୍ତ୍ରଣରେ ରହିଛି । ଏଥିରେ ଲୁହାନସ୍କ ଅଞ୍ଚଳ ଏବଂ ଡୋନେଟେସ୍କ ଅଞ୍ଚଳର ୭୫ ପ୍ରତିଶତ ସାମିଲ । ଏବେ ୟୁକ୍ରେନର ମାତ୍ର ୬ ହଜାର ବର୍ଗ କିଲୋମିଟର ଅଞ୍ଚଳ ବାକି ଅଛି । ସେପଟେ ରୁଷ ଏବେ ଡୋନେଟେସ୍କର ସମ୍ମୁଖ ଭାଗରେ ନିଜରର ଶକ୍ତି ଲଗାଇ ଦେଇଛି ଏବଂ ବାକି ପ୍ରମୁଖ ସହରଗୁଡ଼ିକ ଆଡକୁ ଗତି କରୁଛି । ଡୋନେଟେସ୍କ ଏବଂ ଲୁହାନସ୍କ ଅଞ୍ଚଳରେ ବହୁ ସଂଖ୍ୟକ ରୁଷ-ସମର୍ଥିତ ବିଚ୍ଛିନ୍ନତାବାଦୀ ୟୁକ୍ରେନୀୟ ସରକାରଠାରୁ ଅଲଗା ହୋଇ ନିଜକୁ ସ୍ୱାଧୀନ ଘୋଷଣା କରିସାରିଛନ୍ତି । ୨୦୨୨ ମସିହାରେ ଯୁଦ୍ଧ ପୂର୍ବରୁ, ପୁଟିନ ଏହି ଦୁଇଟି ରାଜ୍ୟକୁ ସ୍ୱାଧୀନ ଭାବରେ ମାନ୍ୟତା ଦେଇଥିଲେ ।

ରୁଷ ସେନା ଦକ୍ଷିଣ-ପୂର୍ବ ୟୁକ୍ରେନର ଜାପୋରିଜିଆ ଓ ଖେରସାନର ୭୪ ପ୍ରତିଶତ ଅଞ୍ଚଳ ଉପରେ ରୁଷର କବଜା ରହିଛି । ୟୁକ୍ରେନ ପାଖରେ ଏହି ଦୁଇ ଅଞ୍ଚଳର ମାତ୍ର ୧୪୫୦୦୦ ବର୍ଗ କିଲୋମିଟର ରହିଛି । ପୁଟିନ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ଯଦି ୟୁକ୍ରେନ ରୁଷର ସହରଗୁଡ଼ିକକୁ ପ୍ରତ୍ୟାହାର କରେ ଏବଂ ନାଟୋରେ ଯୋଗଦାନ ପାଇଁ ଜିଦ୍ ଛାଡିଦିଏ, ତେବେ ସେ ଶାନ୍ତି ପାଇଁ ରାଜି ହେବେ । ୟୁକ୍ରେନର ଖାରକିଭ, ସୁମି, ମାଇକୋଲାଇଭ, ଡ୍ରିପୋପେଟ୍ରୋଭସ୍କ ଏବଂ ସେଭାସ୍ତୋପୋଲ ମଧ୍ୟ ରୁଷ କବଜା କରିଛି । ରୁଷ ସେନା ଏହି ଅଞ୍ଚଳଗୁଡ଼ିକ ମଧ୍ୟରୁ କିଛିରେ ୪୦୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ଦଖଲ କରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ପୁଟିନ ୟୁକ୍ରେନରେ ଟ୍ରମ୍ପଙ୍କ ସହ ଯୁଦ୍ଧବିରତି ଚୁକ୍ତି ପାଇଁ ପ୍ରସ୍ତୁତ, କିନ୍ତୁ ସେ କୌଣସି ପ୍ରମୁଖ ଅଞ୍ଚଳକୁ ଛାଡ଼ିବାକୁ ରାଜି ନୁହନ୍ତି ।

ରୁଷ କହିଛି ଯେ ସେ ଏହାର କୁର୍ସ୍କ ଅଞ୍ଚଳକୁ ୟୁକ୍ରେନ ଆକ୍ରମଣରୁ ରକ୍ଷା କରିବା ପାଇଁ ସୁମିରେ ଏକ ବଫର ଜୋନ୍ କରୁଛି । ରୁଷ ଏହା ମଧ୍ୟ କହି ଆସୁଛି ଯେ କ୍ରିମିଆ, ସେଭାସ୍ତୋପୋଲ୍, ଲୁହାନସ୍କ, ଡୋନେଟସ୍କ, ଜାପୋରିଜ୍ଜିଆ ଏବଂ ଖେରସନ ଅଞ୍ଚଳଗୁଡ଼ିକ ରୁଷ ଫେଡେରେସନର ଅଂଶ । ତେବେ ୟୁକ୍ରେନ କିମ୍ବା ଅନ୍ୟ ଦେଶମାନେ ରୁଷର ଏହି ଦାବିକୁ ଖଣ୍ଡନ କରିଛନ୍ତି । ଜାତିସଂଘ ସାଧାରଣ ମହାସଭା ୨୦୧୪ରେ ଏହି ମିଶ୍ରଣକୁ ଅବୈଧ ଘୋଷଣା କରିଥିଲା ଏବଂ କ୍ରିମିଆ ୟୁକ୍ରେନର ବୋଲି କହିଥିଲା ।

## ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅଛନ୍ତି ଚନ୍ଦ୍ରବାବୁ: ଜଗନ



ଅମରାବତୀ:ନିର୍ବାଚନରେ ଭୋଟ ଚୋରି ପ୍ରସଙ୍ଗ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ପୁଣି ଥରେ ଏପରି ଏକ ମନ୍ତବ୍ୟ ଦେଇଛନ୍ତି ଯାହା ରାଜ୍ୟର ରାଜନୀତିକୁ ଉଷ୍ମ କରିଦେଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆରସିପି ମୁଖ୍ୟ ଜଗନ ମୋହନ ରେଡ୍ଡୀ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗରେ ଅଛନ୍ତି । ସେ ପ୍ରଶ୍ନ ଉଠାଇଛନ୍ତି, ଭୋଟ ଚୋରି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ସାରା ଦେଶରେ ସ୍ୱର ଉତ୍ତୋଳନ କରୁଛନ୍ତି, କିନ୍ତୁ ଆନ୍ଧ୍ରପ୍ରଦେଶର ନିର୍ବାଚନ ଅନିୟମିତତା ଉପରେ ସେ କାହିଁକି ଚୁପ୍ ଅଛନ୍ତି? ଜଗନ ମୋହନ ରେଡ୍ଡୀଙ୍କ ଏଭଳି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ରାହୁଲ ଗାନ୍ଧୀ ନିର୍ବାଚନ କମିସନଙ୍କର ସମସ୍ତ ତ୍ରୁଟିକୁ ପ୍ରକାଶ କରି କମିସନଙ୍କର ଭୁଲ୍କୁ ଜନସାଧାରଣଙ୍କ ସାମ୍ନାରେ ରଖିଛନ୍ତି । ଜଗନ ତାଙ୍କ ରାଜ୍ୟରେ ନିର୍ବାଚନ ଅନିୟମିତତା ବିଷୟରେ ଉଲ୍ଲେଖ କରି ଦାବି କରିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ଘୋଷିତ ଫଳାଫଳ ଏବଂ ଗଣତି ଦିନର ଫଳାଫଳ ମଧ୍ୟରେ ୧୨.୫ ପ୍ରତିଶତ ଭୋଟ୍ ପାର୍ଥକ୍ୟ ଥିଲା । ଏହା ଏକ ଗମ୍ଭୀର ବିଷୟ ଯାହା ଉପରେ ରାହୁଲ ଗାନ୍ଧୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଛି । ଜଗନଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆନ୍ଧ୍ର ପ୍ରଦେଶ ପୁଲିସ ୩୫୦୦ କୋଟି ଟଙ୍କାର ମଦ ଦୁର୍ନୀତିରେ ଏକ ଚାର୍ଜସିଟ୍ ଦାଖଲ କରିଛି । ଯେଉଁଥିରେ ଜଗନଙ୍କ ନାମ ମଧ୍ୟ ସାମିଲ ଅଛି । ଏହି କାରଣରୁ ବିରୋଧୀ ଦଳଗୁଡ଼ିକ ତାଙ୍କ ଅଭିଯୋଗକୁ ଏକ ରାଜନୈତିକ ଅସ୍ତ୍ର ବୋଲି କହିଛନ୍ତି । ଏପରି ସ୍ଥଳେ ୱାଇଏସଆରସିପି ସମର୍ଥକମାନେ କହିଛନ୍ତି ଯେ, ଜଗନ କେବଳ ରାଜ୍ୟରେ ନୁହେଁ ବରଂ ଜାତୀୟ ସ୍ତରରେ ବିରୋଧୀ ରାଜନୀତିର ଦିଗ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଚାହୁଁଛନ୍ତି । ଅନ୍ୟପକ୍ଷରେ, ରାଜ୍ୟର ରାଜନୈତିକ ସମୀକ୍ଷକଙ୍କ ଅନୁସାରେ ଏହି ମନ୍ତବ୍ୟ ଆଗାମୀ ମାସଗୁଡ଼ିକରେ ଆନ୍ଧ୍ର ଏବଂ ତେଲେଙ୍ଗାନାର ରାଜନୀତିକୁ ଆହୁରି ଜଟିଳ କରିପାରେ । ରାଜନୈତିକ ସମୀକ୍ଷକଙ୍କ ନଜର କଂଗ୍ରେସ ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି) ମଧ୍ୟରେ ହେବାକୁଥିବା ସମ୍ଭାବ୍ୟ ସମୀକରଣ ଉପରେ ମଧ୍ୟ ରହିଛି । ଜଗନ ମୋହନ ରେଡ୍ଡୀଙ୍କ ଏହି ଦାବି ବିଜେପି ଶିବିରରେ ଆଲୋଚନାକୁ ତୀବ୍ର କରିଥିବା ବେଳେ, କଂଗ୍ରେସ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହିଁ ।

## ମିଳିବନି କରୋନା କାଳର ୧୮ ମାସର ଡିଏ, ଡିଆର୍



ନୂଆଦିଲ୍ଲୀ: କୋଭିଡ-୧୯ ମହାମାରୀ କାଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରୋକା ଯାଇଥିବା କର୍ମଚାରୀଙ୍କ ୧୮ ମାସର ମହଙ୍ଗା ଭତ୍ତା (ଡିଏ) ଓ ପେନସନରଙ୍କ ବକେୟା ଡିଆର ରାଶି ମିଳିବ ନାହିଁ । ସଂସଦର ମୌସୁମୀ ଅଧିବେଶନରେ ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଏହା ସ୍ପଷ୍ଟ କରିଦେଇଛନ୍ତି । ସେ କହିଛନ୍ତି ଯେ ଆର୍ଥିକ କାରଣ ଯୋଗୁ ଏହି ସମୟର ଏରିୟର ଜାରି କରିବା ସରକାରଙ୍କ ନିମନ୍ତେ ସମ୍ଭବ ନୁହେଁ । ଅର୍ଥ ରାଜ୍ୟମନ୍ତ୍ରୀଙ୍କ ଏହି ସୂଚନା ଦେଶର ଲକ୍ଷଲକ୍ଷ ସରକାରୀ କର୍ମଚାରୀ ଓ ପେନସନରଙ୍କୁ ନିରାଶ କରିଛି ।

ଜାନୁୟାରୀ ୨୦୨୦ରୁ ଜୁନ ୨୦୨୧ ପର୍ଯ୍ୟନ୍ତ କେନ୍ଦ୍ର ସରକାର କର୍ମଚାରୀଙ୍କ ୩ଟି ଡିଏ ଓ ଡିଆରକୁ ଫ୍ରିଜ କରିଦେଇଥିଲେ । କରୋନା କାଳର କଠିନ ଆର୍ଥିକ ପରିସ୍ଥିତିକୁ ଧ୍ୟାନରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିଲେ । ଏହି କାଳରେ ସରକର ମୋଟ ୩୪,୪୦୨ କୋଟି ଟଙ୍କା ସଞ୍ଚୟ କରିଥିଲେ । ହେଲେ ଏହି ରାଶି ଏବେବି କର୍ମଚାରୀ ଓ ପେନସନରଙ୍କୁ ମିଳି ନାହିଁ । ଏଣୁ ବିଭିନ୍ନ କର୍ମଚାରୀ ସଙ୍ଗଠନ, ଫେଡେରେସନ ଓ ପେନସନର ଆସୋସିଏସନ ଲଗାତାର ସରକାରଙ୍କ ନିକଟରେ ଏହି ବକେୟା ରାଶି ଜାରି କରିବାକୁ ଦାବି କରୁଛନ୍ତି ।

ଏ ନେଇ ଜେସିଏମ ଷ୍ଟାଫ ସାଇଡ, ନ୍ୟାସନାଲ ଜଏଣ୍ଟ କାଉନସିଲ ଅଫ ଆକ୍ସନ (ଏନଜେସିଏ) ଓ ଅଖିଳ ଭାରତୀୟ ରକ୍ଷା କର୍ମଚାରୀ ମହାସଂଘଙ୍କ ଭଳି ପ୍ରମୁଖ ସଂସ୍ଥାମାନେ ଅର୍ଥମନ୍ତ୍ରାଳୟ ଓ କ୍ୟାବିନେଟ୍ ସଚିବଙ୍କୁ ବାରମ୍ବାର ଜ୍ଞାପନ ମଧ୍ୟ ଦେଲେଣି । କର୍ମଚାରୀ ସଙ୍ଗଠନମାନେ ତର୍କ ଦେଉଛନ୍ତି ଯେ ଏହା କେବଳ ସେମାନଙ୍କର ଭତ୍ତା ନୁହେଁ ବରଂ କର୍ମଚାରୀଙ୍କ ବୈଧ ଆୟର ସ୍ରୋତ । ଏହାକୁ ରୋକି ସେମାନଙ୍କ ସହିତ ଅନ୍ୟାୟ କରାଯାଉଛି । ଏ ନେଇ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତିର ଉଦାହରଣ ଦେଇ ଏପରି ମାମଲାରେ ସରକାର କର୍ମଚାରୀଙ୍କୁ ବିଳମ୍ବ ଲାଗି ସୁଧ ସହିତ ପୈଠ କରିବାକୁ ପଡିଥାଏ ବୋଲି ମଧ୍ୟ କହୁଛନ୍ତି ।

ତେବେ ସରକାର କହିଛନ୍ତି ଯେ କୋଭିଡ ସମୟରେ ଯେଉଁ ଆର୍ଥିକ ଚାପ ପଡିଥିଲା ସେଥି ପାଇଁ କର୍ମଚାରୀଙ୍କ ଡିଏ ଓ ଡିଆର ଫ୍ରିଜ କରିବା ଆବଶ୍ୟକଥିଲା । ଏଣୁ ଅର୍ଥମନ୍ତ୍ରୀ ଓ ଅର୍ଥ ରାଜ୍ୟମନ୍ତ୍ରୀ ବାରମ୍ବାର ଦୋହରାଉଛନ୍ତି ଯେ ବକେୟା ପୈଠର ପ୍ରଶ୍ନ ହିଁ ଉଠୁ ନାହିଁ । ସେମାନଙ୍କ ତର୍କ ହେଉଛି ବର୍ତ୍ତମାନ ମଧ୍ୟ ଦେଶର ରାଜକୋଷ ସ୍ଥିତି ଏଫଆରବିଏମ ଅଧିନିୟମର ଅନୁମାନ ସ୍ତରରୁ ଉପରେ ରହିଛି, ଏଣୁ ଏପରି ବ୍ୟୟ ବ୍ୟବହାରିକ ନୁହେଁ ।

ତେବେ ଏହି ପ୍ରସଙ୍ଗ ଏବେ ଆର୍ଥିକ ହୋଇ ରହି ନାହିଁ, ବରଂ ରାଜନୈତିକ ଓ ନୈତିକ ଦାୟିତ୍ୱ ସହିତ ଯୋଡି ହୋଇଯାଇଛି । ସାଂସଦ ଆନନ୍ଦ ଭଦୌରିୟାଙ୍କ ଭଳି ନେତାମାନେ ସଂସଦରେ ବାରମ୍ବାର 'ସରକାରୀ ଆର୍ଥିକ ବାଧବାଧକତା ନାମରେ କର୍ମଚାରୀଙ୍କ ହକ କୁ ଅଣଦେଖା କରୁଛନ୍ତି କି?' ବୋଲି ପ୍ରଶ୍ନ ଉଠାଇଛନ୍ତି । ଏଥିରେ ବିରୋଧୀ ଦଳ ଓ ସରକାରୀ କର୍ମଚାରୀଙ୍କ ସଙ୍ଗଠନ କହୁଛନ୍ତି ଯେତେବେଳେ ସରକାର ଅର୍ଥ ବ୍ୟବସ୍ଥା ସୁଧୁରିଥିବାର କଥା କହୁଛନ୍ତି ନୂଆ ଯୋଜନା ଓ ପ୍ରକଳ୍ପ ବାବଦେ ଖର୍ଚ୍ଚ କରୁଛନ୍ତି ଏଥିରେ କର୍ମଚାରୀଙ୍କୁ ବେକାୟ କାହିଁକି ଦେଉ ନାହାନ୍ତି? ବୋଲି ପ୍ରଶ୍ନ କରୁଛନ୍ତି ।

## ଐତିହାସିକ ଉପଲବ୍ଧି : ପୂର୍ବତଟ ରେଳପଥର ରେକର୍ଡ ସମୟରେ ୧୦୦ ଏମ୍‌ଟି ମାଲ ପରିବହନ

ଭୁବନେଶ୍ୱର, ୧୩ ଅଗଷ୍ଟ, ୨୦୨୫: ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ଭାବରେ ଇତିହାସରେ ନିଜର ନାମ ଲିପିବଦ୍ଧ କରିଛି, ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (MT) ମାଲ ପରିବହନ ରେକର୍ଡ ହାସଲ କରିଛି, ଯାହା ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ବର୍ଷ ତୁଳନାରେ ୧୦.୭% ବୃଦ୍ଧି ଅଟେ । ଏହି ମାଇଲଖୁଣ୍ଟ ୨୦୨୪-୨୫ ରେ ହାସଲ ହୋଇଥିବା ୧୪୮ ଦିନର ପୂର୍ବ ରେକର୍ଡ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ପୂର୍ବତଟ ରେଳପଥ ୧୨ ଅଗଷ୍ଟ ୨୦୨୫ରେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି ଯାହା ଏହାର ନିରନ୍ତର ଅଭିବୃଦ୍ଧି ପଥ ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତାକୁ ପ୍ରତିଫଳିତ କରୁଛି । ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ଅବଦାନକାରୀ । ପୂର୍ବତଟ ରେଳପଥ ଚଳିତ ବର୍ଷ 57.734 ନିୟୁତ ଟନ୍ କୋଇଲା ଲୋଡ୍ କରିଛି ଯାହାକି ଗତ ବର୍ଷର ସମାନ ସମୟରେ 55.17 ନିୟୁତ ଟନ୍ ତୁଳନାରେ 4.6% ଅଧିକ ଅଟେ । ସେହିପରି, ଏହା 25.984 ନିୟୁତ ଟନ୍ ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ 21.758 ନିୟୁତ ଟନ୍ ଥିଲା ଯାହା 19.4% ବୃଦ୍ଧିକୁ ପ୍ରତିଫଳିତ କରୁଛି । ସେହିପରି, 0.409 ନିୟୁତ ଟନ୍ ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ 0.308 ନିୟୁତ ଟନ୍ ତୁଳନାରେ 32.8% ପ୍ରଶଂସନୀୟ ବୃଦ୍ଧି ଅଟେ । ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ୍ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ୍ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ୍ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ।



ଏହି ମାଇଲଖୁଣ୍ଟ ପୂର୍ବତଟ ରେଳପଥର ରଣନୈତିକ ଯୋଜନା, ମାଲ ପରିବହନ କାର୍ଯ୍ୟର ଦକ୍ଷ କାର୍ଯ୍ୟାନ୍ୱୟନ ଏବଂ ଗ୍ରାହକମାନଙ୍କ ସହିତ ପ୍ରଭାବଶାଳୀ ସମନ୍ୱୟର ଏକ ପ୍ରମାଣ । କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି ଉଚ୍ଚ-ଚାହିଦା କ୍ଷେତ୍ର ଉପରେ ଲକ୍ଷ୍ୟ ଭିତ୍ତିଭୂମି ଏବଂ ସମ୍ବଳର ସର୍ବୋତ୍ତମ ବ୍ୟବହାର ଏହି ସଫଳତାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି । ଏହି ସଫଳତା ସହିତ, ପୂର୍ବ ତଟ ରେଳପଥ ଭାରତର 17ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, ଦେଶର ଲଜିଷ୍ଟିକ୍ସ ନେଟୱାର୍କକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

## ବିଶ୍ୱର ସବୁଠୁ ଲମ୍ବା ଟ୍ରେନ : ଲାଗିଛି ୮ ଇଞ୍ଜିନ୍, ୬୮୨ ବଗି

ନୂଆଦିଲ୍ଲୀ: ଭାରତୀୟଙ୍କ ପାଇଁ ଟ୍ରେନ୍ ହେଉଛି ଲାଇଫ୍ ଲାଇନ୍ । ଟ୍ରେନ ମାଧ୍ୟମରେ କମ୍ ଖର୍ଚ୍ଚରେ ଅତି ସହଜରେ ଯିବା ଆସିବା କରନ୍ତି ଲୋକେ । ସମସ୍ତେ ପ୍ରାୟ ଅନେକ ପ୍ରକାର ଟ୍ରେନ୍ ଦେଖିଥିବେ । କିନ୍ତୁ ଜାଣନ୍ତି କି ଦୁନିଆର ସବୁଠୁ ବଡ଼ ଟ୍ରେନ୍ କେଉଁଠି ଏବଂ ଏହା କେଉଁଠି ଚାଲିଥାଏ ?

ଭାରତୀୟ ରେଳବାଇ ଦେଶର ସବୁଠାରୁ ଲମ୍ବା ଟ୍ରେନର ନାଁ 'ରୁଦ୍ରସ୍ତ୍ର' । ଏହି ମାଲବାହୀ ଟ୍ରେନର ମୋଟ ଲମ୍ବ ୪.୫ କିଲୋମିଟର ଏବଂ ଏଥିରେ ୩୫୪ଟି ୱାଗନ ଅଛି । ଏହାକୁ ୭ଟି ଇଞ୍ଜିନ ଏକତ୍ର ଟାଣିଥାଏ । 'ରୁଦ୍ରସ୍ତ୍ର' ଗଞ୍ଜଖ୍ୱାଜା ଷ୍ଟେସନରୁ ଆରମ୍ଭ ହୋଇ ପ୍ରାୟ ୨୦୦ କିଲୋମିଟର ଦୂର ଗଡ଼ୱା ରୋଡରେ ପହଞ୍ଚିଥିଲା ଏବଂ ୫ ଘଣ୍ଟାରେ ଏହି ଯାତ୍ରା ଅତିକ୍ରମ କରିଥିଲା ।

ତେବେ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ହେଉଛି ଅଷ୍ଟ୍ରେଲିଆରେ ଚାଲୁଥିବା ଅଷ୍ଟ୍ରେଲିୟାନ BHP ଲୁହା ପଥର । ଏହା ମଧ୍ୟ ଏକ ମାଲବାହୀ ଟ୍ରେନ । ଏହି ଟ୍ରେନର ଲମ୍ବ ୭.୩ କିଲୋମିଟର । ଏଥିରେ ୬୮୨ଟି କୋଚ୍ ଅଛି । ତଥ୍ୟ ଅନୁଯାୟୀ ଏଥିରେ ୨୨ଟି ଆଇଫିଲ୍ ଟାୱାର ଫିଟ୍ ହୋଇପାରିବ । ଏତେ ଲମ୍ବା ଟ୍ରେନକୁ ଟାଣିବା ପାଇଁ ଏଥିରେ ଲାଗିଛି ୮ଟି ଇଞ୍ଜିନ । ଯାହା ଟ୍ରେନକୁ ଏକତ୍ର ଟାଣିଥାଏ । ସମ୍ପୂର୍ଣ୍ଣ ଟ୍ରେନଟିରେ ୫,୬୪୮ ଚକ ଅଛି । ଏହାର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି ।

ଅଷ୍ଟ୍ରେଲିୟ BHP ଲୁହା ପଥର କେବଳ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ଓଜନଦାର ଟ୍ରେନ ଏବଂ ଏହାର ଓଜନ ଏକ ଲକ୍ଷ ଟନ୍ ରୁ ଅଧିକ । ଅଷ୍ଟ୍ରେଲିୟ BHP ଲୁହା ପଥର ଟ୍ରେନ ଲୁହା ପଥର ପରିବହନ ପାଇଁ ବ୍ୟବହୃତ ହୁଏ । ସେଥିପାଇଁ ଏହାକୁ BHP ଲୁହା ପଥର ଟ୍ରେନ କୁହାଯାଏ ।

ଏହି ମାଲବାହୀ ଟ୍ରେନ ମୋଟ ୯୯, ୭୪୩ ଟନ୍ ଲୁହା ପଥର ବହନ କରେ । BHP ଏହି ଟ୍ରେନକୁ ୨୧ ଜୁନ୍ ୨୦୦୧ ରେ ଆରମ୍ଭ କରିଥିଲା । ୟାଣ୍ଡି ଖଣିରୁ ଅଷ୍ଟ୍ରେଲିଆର ପୋର୍ଟ ହେଡଲ୍ୟାଣ୍ଡ ପର୍ଯ୍ୟନ୍ତ ଚାଲୁଥିବା ଏହି ଟ୍ରେନ ୨୭୫ କିଲୋମିଟର ଦୂରତା ଅତିକ୍ରମ କରେ, ଯାହା ୧୦ ଘଣ୍ଟା ସମୟ ନିଏ । ଏଥିରେ ସଂଲଗ୍ନ ଇଞ୍ଜିନରେ ବସିଥିବା ଲୋକୋ ପାଇଲଟ୍ ଅନ୍ୟ ୭ଟି ଇଞ୍ଜିନକୁ ଏକକାଳୀନ ନିୟନ୍ତ୍ରଣ କରିପାରିବ, ତେବେ ଏହି ଇଞ୍ଜିନଗୁଡ଼ିକ ଟ୍ରେନର ଲମ୍ବରେ ପ୍ରାୟ ଏକ କିଲୋମିଟର ବ୍ୟବଧାନରେ ସ୍ଥାପିତ ହୋଇଥାଏ ।

## ଆମେରିକା ସହ ଟାରିଫ ଯୁଦ୍ଧ: ରୁଷ ଯିବେ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ: ଆମେରିକା ସହ ଟାରିଫ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରୁଷ ଗସ୍ତ କରିବେ । ଆସନ୍ତା ଅଗଷ୍ଟ ୨୦-୨୧ ଦୁଇ ଦିନ ଧରି ସେ ରୁଷ ଗସ୍ତରେ ଯିବେ । ଏହି ସମୟରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସେରଗେୟ ଲାଭରୋଭଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ରୁଷ ଠାରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଟାରିଫ ଲଗାଇଛି ଆମେରିକା । ଏହାକୁ ନେଇ ବିବାଦ ତୀବ୍ର ହେଉଥିବା ବେଳେ ଜୟଶଙ୍କର ରୁଷ ଗସ୍ତ କରୁଛନ୍ତି । ଏହାପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ ଯୋଗେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ କଥା ହୋଇଥିଲେ । ଉଭୟ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ କଥା ହୋଇଥିଲେ । ସେହିପରି ଗତ ସପ୍ତାହରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ ଗସ୍ତ କରି ପୁଟିନଙ୍କ ସହ ରୁଦ୍ଧ ଦ୍ୱାର ବୈଠକ କରିଥିଲେ । ବୈଠକ ପରେ ପୁଟିନ ଖୁବଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ସେ ସୂଚନା ଦେଇଥିଲେ । ଏବେ ଜୟଶଙ୍କର ରୁଷ ଯାଇ ବୈଦେଶିକ ମନ୍ତ୍ରୀ ଲାଭରୋଭଙ୍କ ସହ ବୈଠକ କରିବେ ।



ଏହି ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଠାରୁ ଆରମ୍ଭ କରି ଆମେରିକାର ଟାରିଫକୁ କେମିତି କାଉଣ୍ଟର କରାଯିବ, ସେବିଷୟରେ ମଧ୍ୟ ଦୁଇ ନେତା କଥା ହେବେ ବୋଲି ଜଣାପଡ଼ିଛି ।

## ଟ୍ରମ୍ପଙ୍କ ଜାହାଜକୁ ଘଉଡ଼ାଇଲେ ଜିନପିଙ୍ଗ ସେନା

ବେଜିଂ/ୱାଶିଂଟନ:ଦକ୍ଷିଣ ଚୀନ୍ ସାଗରର ସ୍କାରବୋରୋ ଶୋଲ୍ ନିକଟରେ ଚୀନ୍ ଏବଂ ଆମେରିକୀୟ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଖବର ଆସିଛି । ଚୀନ୍ କହିଛି ଯେ, ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଏକ ଆମେରିକୀୟ ବିଧ୍ୱଂସକ ଯାତ୍ରା କରୁଥିଲା, ଯାହାକୁ ଆମେ ଗୁଳି କରି ଘଉଡ଼ାଇ ଦେଇଛୁ । ଆମେରିକା ସ୍କାରବୋରୋ ଶୋଲ୍ରେ ଅନୁପ୍ରବେଶ କରିଥିବା ଚୀନ୍ ଅଭିଯୋଗ କରିଛି । ଫିଲିପାଇନ୍ସର ସ୍କାରବୋରୋ ନିକଟରେ ଦୁଇଟି ଚୀନ୍ ଜାହାଜ ଧକ୍କା ଦେବା ଘଟଣାର ଗୋଟିଏ ଦିନ ପରେ ସ୍କାରବୋରୋ ଶୋଲ୍ରେ ଆମେରିକା ଏବଂ ଚୀନ୍ ମଧ୍ୟରେ ସଂଘର୍ଷ ଘଟିଛି । ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଚୀନ୍ ସେନା କହିଛି ଯେ, ଆମେରିକା ଯେଉଁଭଳି ଭାବରେ ସ୍କାରବୋରୋ ଶୋଲ୍ରେ ଅନୁପ୍ରବେଶ କରୁଛି ତାହା ଅନ୍ତର୍ଜାତୀୟ ଆଇନ ବିରୁଦ୍ଧ । ଆମେରିକା ସ୍କାରବୋରୋ ମାଧ୍ୟମରେ ଚୀନ୍ର ସାର୍ବଭୌମତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ କରିଛି । ଆମେରିକା କହିଛି, ସ୍କାରବୋରୋରେ ପ୍ରବେଶ କରିବା ସମୟରେ ଆମେ ଅନ୍ତର୍ଜାତୀୟ ଆଇନ ପାଳନ କରିଥିଲୁ । ଆମେରିକାର ସପ୍ତମ ନୌବାହିନୀ କହିଛି, ଏହି ଅଭିଯାନ ନୌଚାଳନା ସ୍ୱାଧୀନତା ଏବଂ ସମୁଦ୍ରର ବୈଧ ବ୍ୟବହାର ବଜାୟ ରଖିବା ପାଇଁ ଆମେରିକାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ସୂଚନାଯୋଗ୍ୟ, ସ୍କାରବୋରୋ ହେଉଛି ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପରୁ ପ୍ରାୟ ୨୨୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଏକ ଅଗଭୀର ଦ୍ୱୀପ । ଏହି ଦ୍ୱୀପକୁ ଦକ୍ଷିଣ ଚୀନ୍ ସାଗରର ସବୁଠାରୁ ବ୍ୟସ୍ତ ବହୁଳ ଦ୍ୱୀପ ବୋଲି କୁହାଯାଏ । ଫିଲିପାଇନ୍ସ, ଚୀନ୍ ଏବଂ ତାଇୱାନ ଏହି ଦ୍ୱୀପକୁ ନିଜର ବୋଲି ଦାବି କରିଥାନ୍ତି । ୨୦୧୨ ମସିହାରେ ଚୀନ୍ ଏଠାରେ ନିଜର ସୈନ୍ୟ ମୁତୟନ କରି ଫିଲିପାଇନ୍ସର ପ୍ରବେଶକୁ ପ୍ରତିବନ୍ଧିତ କରିଥିଲା । ଦକ୍ଷିଣ ଚୀନ୍ ସାଗରରେ ନିଜର ସହଯୋଗୀମାନଙ୍କୁ ସୁରକ୍ଷା ଦେବା ପାଇଁ ଆମେରିକା ନିରନ୍ତର ସକ୍ରିୟ ରହିଛି । ଚୀନ୍ ନିୟନ୍ତ୍ରଣକୁ ଚ୍ୟାଲେଞ୍ଜ କରିବା ପାଇଁ ଆମେରିକା ସମୟ ସମୟରେ ସେଠାକୁ ଜାହାଜ ପଠାଇଥାଏ । ଏପରି ଏକ ଅପରେସନ ସମୟରେ ବୁଧବାରନ ସ୍କାରବୋରୋ ଶୋଲ୍ ନିକଟରେ ଉଭୟ ଦେଶର ସେନା ମୁହାଁମୁହିଁ ହୋଇଥିଲେ । ଏପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ କୌଣସି କ୍ଷତି ହୋଇଥିବା ଖବର ନାହିଁ ।

## ହର ଘର ତିରଙ୍ଗା: ଜନସାଧାରଣଙ୍କ ଏକ ଉତ୍ସବ

ନୂଆଦିଲ୍ଲୀ: ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଆରମ୍ଭ ହୋଇଥିବା ହର ଘର ତିରଙ୍ଗା ଅଭିଯାନକୁ ଭାରତର ଜାତୀୟ ପତାକା ସହିତ ସମ୍ପର୍କକୁ ଗଭୀର କରିବାର ଏକ ଉପାୟ ଭାବରେ କଳ୍ପନା କରାଯାଇଥିଲା । ଏହି ଧାରଣା ସରଳ କିନ୍ତୁ ଗଭୀର ଥିଲା - ପ୍ରତ୍ୟେକ ନାଗରିକଙ୍କୁ ତିରଙ୍ଗା ଘରକୁ ଆଣିବା, ଏହାକୁ ଗର୍ବର ସହିତ ଉତ୍ତୋଳନ କରିବା ଏବଂ ଭାରତର ସ୍ୱାଧୀନତାକୁ ଏକ ସହଭାଗୀ ଏବଂ ହୃଦୟସ୍ପର୍ଶୀ ଅଭିଜ୍ଞତା ଭାବରେ ପାଳନ କରିବାକୁ ଉତ୍ସାହିତ କରିବା । ସଂସ୍କୃତି ମନ୍ତ୍ରଣାଳୟ ଏହି ଦେଶବ୍ୟାପୀ ପଦକ୍ଷେପକୁ ପରିଚାଳନା କରିବା କ୍ଷେତ୍ରରେ ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରେ ।


ଏହାର ଆରମ୍ଭରୁ, ହର ଘର ତିରଙ୍ଗା ଏକ ବାର୍ଷିକ କାର୍ଯ୍ୟକ୍ରମରୁ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ବର୍ଷ ବର୍ଷ ଧରି, ଏହା ଦେଶର ପ୍ରତ୍ୟେକ କୋଣରୁ - ବ୍ୟସ୍ତବହୁଳ ସହରରୁ ଦୂରବର୍ତ୍ତୀ ଗ୍ରାମ, କର୍ପୋରେଟ୍ କାର୍ଯ୍ୟାଳୟରୁ ବିଦ୍ୟାଳୟ, ପ୍ରତିରକ୍ଷା ବାହିନୀରୁ ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟନ୍ତ - ଅଭୂତପୂର୍ବ ଅଂଶଗ୍ରହଣ ଆଣିଛି । ଏହି ଅଭିଯାନକୁ ଇ-କମର୍ସ ପ୍ଲାଟଫର୍ମ, ରେଳବାଇ, ବେସାମରିକ ବିମାନ ଚଳାଚଳ, ସଶସ୍ତ୍ର ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ଠାରୁ ସମର୍ଥନ ମିଳିଛି, ଯାହା ନିଶ୍ଚିତ କରୁଛି ଯେ ଦେଶପ୍ରେମର ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚିବ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବୃହତ ପରିମାଣର ପତାକା ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ଯାହା ନିଶ୍ଚିତ କରେ ଯେ ତିରଙ୍ଗା ସମସ୍ତଙ୍କ ପାଇଁ ସହଜରେ ଓ ସୁଲଭରେ ଉପଲବ୍ଧ ହୋଇପାରିବ ।




ତିରଙ୍ଗା କେବଳ ଏକ ପତାକା ନୁହେଁ - ଏହା ଭାରତର ଏକତା, ବିବିଧତା ଏବଂ ସ୍ଥିରତାର ଏକ ଜୀବନ୍ତ ପ୍ରତୀକ । ହର ଘର ତିରଙ୍ଗା 2025 ଅଭିଯାନ ପୂର୍ବ ବର୍ଷଗୁଡ଼ିକର ଚମତ୍କାର ସଫଳତା ଉପରେ ଆଧାରିତ । ଏହା ନୂତନ ଶକ୍ତି, ସୃଜନଶୀଳତା ଏବଂ ନାଗରିକମାନଙ୍କୁ ଗଭୀର ବ୍ୟକ୍ତିଗତ ଏବଂ ଗୋଷ୍ଠୀ-ଚାଳିତ ଉପାୟରେ ଜାତୀୟ ପତାକା ସହିତ ଯୋଡ଼ି ହେବାର ସୁଯୋଗ ପ୍ରଦାନ କରୁଛି ।

ହର ଘର ତିରଙ୍ଗା ଭାରତର ପତାକା ସଂହିତା ସହିତ ପାଳନ କରାଯାଏ, ଯାହା ନାଗରିକମାନଙ୍କୁ ଜାତୀୟ ପତାକାର ମର୍ଯ୍ୟାଦା, ସମ୍ମାନ ଏବଂ ପ୍ରତୀକକୁ ବୁଝିବା ଏବଂ ବଜାୟ ରଖିବା ପାଇଁ ଉତ୍ସାହିତ କରେ । ପ୍ରତିବର୍ଷ, ଏହି ଦେଶବ୍ୟାପୀ ପଦକ୍ଷେପ ତ୍ରିରଙ୍ଗା ଉତ୍ତୋଳନର ସରଳ କାର୍ଯ୍ୟକୁ ଏକତା ଏବଂ ଦେଶପ୍ରେମର ଏକ ସାମୂହିକ ଉତ୍ସବରେ ପରିଣତ କରେ, କାରଣ ସମଗ୍ର ଭାରତରେ ଘର, ସ୍କୁଲ, ଅଫିସ ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକ ସ୍ପନ୍ଦନଶୀଳ କମଳା, ଧଳା ଏବଂ ସବୁଜ ରଙ୍ଗରେ ସଜ୍ଜିତ ହୋଇଥାଏ ।

# ସୁଶୀଲଙ୍କ ଜାମିନ ରଦ୍ଦ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ବିରୋଧରେ ସାଗର ଧନକରଙ୍କୁ ହତ୍ୟା କରିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଯାହାକୁ ନେଇ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ୍ ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟ ସୁଶୀଲ କୁମାରଙ୍କ ଜାମିନକୁ ଖାରଜ କରିବା ସହ ଏକ ସପ୍ତାହ ମଧ୍ୟରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କୁ ଓକିଲ କହିଛନ୍ତି ପୀଡିତାଙ୍କ ବାପା ଅଶୋକ ଧନକରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୁଶୀଲଙ୍କ ଜାମିନ୍ ଆଦେଶକୁ ଖାରଜ କରିଛନ୍ତି । ସୁଶୀଲ କୁମାର ସମସ୍ତ ସରକାରୀ ସାକ୍ଷୀମାନଙ୍କ ସହ ହେରଫେର କରିଥିଲେ। ଯେଉଁଥି ପାଇଁ ସେମାନେ ସମସ୍ତେ ନିମ୍ନ ଅଦାଲତରେ ନିଜର ବୟାନ୍ ପ୍ରତ୍ୟାହାର କରିଥିଲେ। ଏଥି ସହିତ ତାଙ୍କୁ ଯେଉଁ ଜାମିନ୍ ମିଳିଥିଲା ତାହା ମଧ୍ୟବର୍ତ୍ତୀକାଳୀନ ଜାମିନ୍ ଥିଲା। ଯାହାକି ଆଇନଗତ ନଥିଲା। ସୁଶୀଲ କୁମାର ୨୦୦୪ ମେ ୪ ତାରିଖରେ ଏକ ବିବାଦରେ ଦିଲ୍ଲୀର ଛତ୍ରଶାଳ ଷ୍ଟାଡିୟମ୍‌ରେ ପାର୍କିଂ ସ୍ଥାନରେ ଜୁନିୟର ମଲ୍ଲ ଯୋଦ୍ଧା ସାଗର ଧନକର ଏବଂ ତାଙ୍କ ବନ୍ଧୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ଆହତ ସାଗରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ମଲ୍ଲ ଯୋଦ୍ଧା ମଧ୍ୟ ଆହତ ହୋଇଥିଲେ। ପରେ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରି ପୋଲିସ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା। ଚାର୍ଜସିଟ୍‌ରେ ୧୩ ଜଣଙ୍କ ନାମ ଦିଆଯାଇଥିଲା। ଏହି ମାମଲାରେ ଜଡିତ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଥିରେ ସୁଶୀଲ ଓ ତାଙ୍କ ବନ୍ଧୁ ମାଡ ମାରୁଥିବା ଦେଖାଯାଇଥିଲା।

# ସୁରେଶ ରାଇନାଙ୍କୁ ଇଡି ସମନ୍

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି) : ବେଟିଂ ଆପ୍ ମାମଲାରେ ପୂର୍ବତନ କ୍ରିକେଟ୍‌ର ସୁରେଶ ରାଇନାଙ୍କୁ ସମନ ହୋଇଛି । ଦିଲ୍ଲୀର ଇଡି ଅଫିସରରେ ହାଜର ହେବା ପାଇଁ ତାଙ୍କୁ ସମନ ହୋଇଛି । ୱାନ୍ ଏକ୍ସ ବେଡ୍ ବେଟିଂ ଆପ୍ ମାମଲାର ଖୋଳତାଡ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ତଦନ୍ତ ଦିଲ୍ଲୀର ଇଡି ମୁଖ୍ୟାଳୟ ହେବ। ସୁରେଶ ରାଇନା ହାଜର ହେବାକୁ ନୋଟିସ୍ ହୋଇଛି । ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ।ବେଟିଂ ଆପ୍ ମାମଲାର ଇଡି ମନି ଲଣ୍ଡରିଂର ତଦନ୍ତ କରୁଛି । ସୁରେଶ ରାଇନାର ବ୍ୟତୀତ ଅନେକ କ୍ରିକେଟର ଏବଂ ବଲିଉଡ୍ ସେଲିବ୍ରେଟି ଇଡିର ନଜରରେ ଅଛନ୍ତି। ହାଇଦ୍ରାବାଦର ମିୟାପୁର ପୋଲିସ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବେଟିଂ ଆପ୍ ପ୍ରଚାର କରିବା ପାଇଁ ୨୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଅଭିନେତାଙ୍କ ମଧ୍ୟରେ ରାଣା, ପ୍ରକାଶ ରାଜ, ମଞ୍ଜୁ ଲକ୍ଷ୍ମୀ ଏବଂ ନିଧି ଅଗ୍ରୱାଲଙ୍କ ନାମ ଅନ୍ତର୍ଭୁକ୍ତ । ପୂର୍ବରୁ ମାର୍ଚ୍ଚ ୧୭ରେ ହାଇଦ୍ରାବାଦର ପଶ୍ଚିମ ଜୋନ୍ ପୋଲିସ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବେଟିଂ ଆପ୍ ପ୍ରଚାର କରିବା



ପାଇଁ ୩ ଜଣ ମହିଳାଙ୍କ ସମେତ ମୋଟ ୧୧ ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିଥିଲା । ଏହି ଆପଗୁଡିକ ଜୁଆ ଆଇନ୍ ଓ ନିୟମାବଳୀଙ୍କୁ ସିଧାସଳଖ ଉଲ୍ଲଙ୍ଘନ କରୁଛି ।

# ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ଦ୍ୱିତୀୟ ସ୍ଥାନରେ ରୋହିତ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟର ତାଲିକାର ଦ୍ୱିତୀୟ ସ୍ଥାନକୁ ଉଦ୍ଧିତ ହୋଇଛନ୍ତି। ସେ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକାଇଛନ୍ତି। ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲ୍ ଦିନିକିଆରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପ୍ରଥମେ ୫ ଜଣ ବ୍ୟାଟ୍ସ ମ୍ୟାନଙ୍କ ମଧ୍ୟରେ ତୃତୀୟ ଭାରତୀୟ ଭାବେ କୋହଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ରୋହିତଙ୍କ ରେଟିଂଗ ପଏଣ୍ଟ ୭୫୬ ଓ କୋହଲିଙ୍କ ରେଟିଂଗ ପଏଣ୍ଟ ୭୩୬ । ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ପାକିସ୍ତାନର ବାବର ଭଲ ପ୍ରଦର୍ଶନ ନକରିବା ଯୋଗୁଁ ରୋହିତ ଫାଇଦାରେ ରହିଛନ୍ତି। ଆଗାମୀ ଅକ୍ଟୋବରରେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଉଭୟ ଦେଶ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ପ୍ରଥମ ୧୫ ଜଣଙ୍କ ମଧ୍ୟରେ ଶ୍ରେୟାଶ ଆୟର ଓ ଲୋକେଶ ରାହୁଲ ରହିଛନ୍ତି। ଶ୍ରେୟାସ ଅଷ୍ଟମ ସ୍ଥାନ ଓ ରାହୁଲ ୧୫ ତମ ସ୍ଥାନରେ ରହିଛନ୍ତି।

# ଏସିଆ କପ୍ | ବୈଭବଙ୍କୁ ଡାକରା




ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଆଉ କିଛି ଦିନର ଅପେକ୍ଷା ପରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏହି ବଡ ପ୍ରତିଯୋଗିତା ପୂର୍ବରୁ ଏକ ଭଲ ଖବର ଆସିଛି। ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇନାହିଁ। କିନ୍ତୁ ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏସିଆ କପ୍ ଲାଗି ଯୁବ ଖେଳାଳିଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଛି। ଏଥର ଦମ୍ ଦେଖାଇବେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ । ବିସିସିଆଇର ଡାକରା ପରେ ବୈଭବ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ତାଙ୍କୁ ଭାରତୀୟ ଦଳରେ ପ୍ରବେଶ କରିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। ଆଇପିଏଲ୍‌ରେ ବୈଭବ ନିଜର ସୁପରସୋ ଦେଖାଇଥିଲେ। ଚୌକା ଛକାର ବର୍ଷା କରି ଚର୍ଚ୍ଚାକୁ ଆସିଥିଲେ। ଡେବ୍ୟୁ ମ୍ୟାଚରେ ଏତେ ଭଲ କରିନଥିଲେ ବି ଛକାରୁ କ୍ୟାରିୟର ଆରମ୍ଭ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଦ୍ରୁତତମ ଶତକ ହାସଲ କରି ଏକାଧିକ ରେକର୍ଡ ଭାଙ୍ଗିଥିଲେ। ରାତାରାତି ଜିରୋରୁ ସେ ହିରୋ ବନିଥିଲେ। ତେଣୁ ତାଙ୍କ ଭବିଷ୍ୟତ ଆଇପିଏଲରୁ ଚମକି ଥିଲା। ବିସିସିଆଇ ମଧ୍ୟ ଏହି କୁନି ପ୍ରତିଭାଙ୍କ ଉପରେ ନଜର ରଖିଥିଲା। ଗତ ଇଂଲଣ୍ଡ ଗସ୍ତରେ ବୈଭବଙ୍କ ଚମକପ୍ରଦ ଇନିଂସ ତାଙ୍କୁ ଭାରତୀୟ ଦଳରେ ଏଣ୍ଟ୍ରି କରିବାର ବାଟ ପରିଷ୍କାର କରିଛି। ତେଣୁ ଏସିଆ କପ୍ ପୂର୍ବରୁ ବୈଭବଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି।

# ପାକିସ୍ତାନକୁ ଧୂଳି ଚଟାଇଲା ଇଣ୍ଡିଜ୍

କରାଚ, ୧୩।୮ (ଏଜେନ୍ସି) : ପାକିସ୍ତାନ ମାଟି କାମୁଡିଛି । ଅତ୍ୟନ୍ତ ଲଜ୍ଜାଜନକ ପରାଜର ସାମ୍ନା କରିଛି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚରେ ପାକିସ୍ତାନ ଧରାସାୟୀ ହୋଇଛି । ପାକିସ୍ତାନକୁ ୨୦୧ ରନ୍ ବ୍ୟବଧାନରେ ଇଣ୍ଡିଜ ପରାଜିତ କରି ଐତିହାସିକ ଶୃଙ୍ଖଳା ଜିତିଛି । ଦ୍ରୁତ ବୋଲର ଜୟଦିନ ସେଲ୍ସଙ୍କ ଘାତକ ବୋଲିଂ ଯୋଗୁଁ ତ୍ରିନିଦାଦଜ ଇଣ୍ଡିଜ୍ ଟିମ୍ ବିଜୟ ସ୍ୱାଦ ଚାଖିଛି । ସେଲ୍ସ ଏକାକି ୬ ୱିକେଟ୍ ନେବାରୁ ୨୯୫ ରନର ପିଛା କରୁଥିବା ପାକିସ୍ତାନ ମାତ୍ର ୯୨ ରନରେ ଅଲ୍ ଆଉଟ୍ ହୋଇଥିଲା । ଇଣ୍ଡିଜ୍ ଅଧିନାୟକ ସାଇ ହୋପ୍ ଅପରାଜିତ ଶତକ (୧୨୦ ରନ୍) ବଳରେ ୬ ୱିକେଟ୍ ହରାଇ ୨୯୪ ରନ କରିଥିଲା । ପାକିସ୍ତାନ କେବଳ ୯୨ ରନ କରିପାରିଥିଲା । ତେଣୁ ଇଣ୍ଡିଜ୍ ୨-୧ ବ୍ୟବଧାନରେ ଦିନିକିଆ ଶୃଙ୍ଖଳା କବ୍‌ଜା କରିନେଇଛି । ୧୯୯୧ ପରେ ପାକିସ୍ତାନ ବିପକ୍ଷରେ ଇଣ୍ଡିଜ୍ ଦିନିକିଆ ଶୃଙ୍ଖଳା ଜିତିବାର ସୌଭାଗ୍ୟ ଅର୍ଜନ କରିଛି । ପୂର୍ବରୁ ଟି-୨୦ ଶୃଙ୍ଖଳାରେ ପାକିସ୍ତାନ ଠାରୁ ହାରିଥିଲା ଇଣ୍ଡିଜ୍ । ସେହିପରି ଅଷ୍ଟ୍ରେଲିଆ ଠାରୁ ୩-୦ରେ ଟେଷ୍ଟ ଓ ୫-୦ରେ ଟି-୨୦ ଶୃଙ୍ଖଳା ପରାଜିତ ହୋଇଥିଲା ଇଣ୍ଡିଜ୍ । ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ପାକିସ୍ତାନ ବିପକ୍ଷରେ ଇଣ୍ଡିଜ୍ ଶୃଙ୍ଖଳା ଜିତିବାରୁ ଘରୋଇ ଦଳର ଶିବିରରେ ନୂଆ ଉତ୍ସାହ ଭରିଯାଇଛି । ଏ କଥା ମ୍ୟାଚ ପରେ ସାଇ ହୋପ୍ କହିଛନ୍ତି ।



# ଫ୍ରାନ୍ସରେ ବାନ୍ଧବୀଙ୍କ ସହ ଯଶସ୍ୱୀ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପରେ ଭାରତୀୟ ଦଳର ଅଧିକାଂଶ ସଦସ୍ୟ ଫେରିଆସିଛନ୍ତି। କିନ୍ତୁ ଓପନର ଯଶସ୍ୱୀ ଜୟସ୍ୱାଲ ଭାରତ ନଫେରି ଫ୍ରାନ୍ସରେ ବୁଲୁଛନ୍ତି। ରିପୋର୍ଟ ମୁତାବକ ମ୍ୟାଡି ହେମିଲଟନ୍‌ଙ୍କ ସହ ଯଶସ୍ୱୀ ଫ୍ରାନ୍ସ ଯାଇଛନ୍ତି। ଯଶସ୍ୱୀ ତାଙ୍କ ସୋସିଆଲ ମିଡିଆରେ ଆକାଉଣ୍ଟରେ ଫ୍ରାନ୍ସ ଭ୍ରମଣର ଫଟୋ ସେୟାର କରିଛନ୍ତି । ଅବଶ୍ୟ ଏହି ଫଟୋରେ ମ୍ୟାଡିଙ୍କୁ ଦେଖିବାକୁ ମିଳିନାହିଁ। ମ୍ୟାଡି ଓ ଯଶସ୍ୱୀ ଦୀର୍ଘ ଦିନ ହେବ ପରସ୍ପରକୁ ଡେଟ୍ କରୁଛନ୍ତି। ୩ ବର୍ଷ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଛି। ଇଂଲଣ୍ଡର ବାସିନ୍ଦା ମ୍ୟାଡି ନ୍ୟୁଟ୍ରିସନ୍ ଏକ୍ସପର୍ଟ ଭାବେ କାର୍ଯ୍ୟ କରନ୍ତି । ମ୍ୟାଡିଙ୍କ ଭାଇ ହେନେରି ଓ ଯଶସ୍ୱୀ ଭଲ ବନ୍ଧୁ । ୨୦୧୮ ରେ ହେନେରି ପ୍ରଥମ ଥର ଯଶସ୍ୱୀଙ୍କ ସହ ଫଟୋ ସେୟାର କରିଥିଲେ। ସେବେଠାରୁ ଉଭୟଙ୍କ ବନ୍ଧୁତା ରହିଛି । ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଯଶସ୍ୱୀ ୧୦ ଟି ଇନିଂସରେ ୪୧୧ ରନ୍ କରିଥିଲେ ।ଏଥିରେ ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ଟେଷ୍ଟ କ୍ରିକେଟ୍‌ରେ ଯଶସ୍ୱୀ ୬ ଟି ଶତକ ମାରିଛନ୍ତି।

# ସାତକୋଶିଆ ଫୁଟବଲ ଆସୋସିଏସନ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ସାପ୍ତାହିକ ହାଟ ପାଖ ମିନି ଷ୍ଟାଡିୟମରେ ସାତକୋଶିଆ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତା ପ୍ରକାଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ୧୩ ତାରିଖ ଆରମ୍ଭ ହୋଇ ସ୍ୱାଧୀନତା ଦିବସ ଅବସରରେ ୧୫ ତାରିଖ ଦିନ ଉଦଯାପିତ ହେବ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢେଇ, ସମିତି ସଭ୍ୟା ପିନିମଣି କୁଲୁଆ, ମହୁଲଡିହା ଲ୍ୟାମ୍ପ୍ସ ର ସଭାପତି ଦିଲ୍ଲିପ କୁମାର ନାୟକ, ସାତକୋଶିଆ ବନପାଳ ବିଜୟ କୁମାର ମହାନ୍ତ, ବନରକ୍ଷୀ ସନତ କୁମାର ମହାନ୍ତ, ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ସମାଜସେବୀ ଅଭିରାମ ନାଏକ ପ୍ରମୁଖ ଯୋଗଦେଇଥିଲେ ।ପ୍ରଥମ ଦିନରେ ୮ ଟି ଦଳ ଭାଗ ନେଇଥିବା ବେଳେ ତିନି ଦିନ ବ୍ୟାପୀ ହେବାକୁଥିବା ମାରାଥନ ଫୁଟବଲ ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଖେଳିବେ । ପ୍ରଥମ ଦିନର ପ୍ରଥମ ଖେଳ କାଶୀବାହାଲି ଏକାଦଶ ବନାମ ଢ଼ାବା ସାହି (ଚିଆବେଡା) ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି ଖେଳକୁ କପ୍ତିପଦାର ରେଫରୀ ରାଜେନ୍ଦ୍ର ଦେହୁରୀ ପରିଚାଳନା କରିଥିବା ବେଳେ ବାରିପଦାର ମହିଳା ଭାସ୍ୟକାର ସୁଭଦ୍ରା ହେମ୍ବ୍ରମ ଧାରା ବିବରଣୀ ପ୍ରଦାନ କରିଥିଲେ । ସାତକୋଶିଆ ଫୁଟବଲ ଆସୋସିଏସନର ସଭାପତି କାଳିଆ ନାୟକ, ସମ୍ପାଦକ ହରିହର ନାୟକ ଓ ଶିବପ୍ରସାଦ ନାୟକ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ସ୍କୁଲ କ୍ରିକେଟ ପାଇଁ ଶ୍ରେୟାଂଶୁ ମନୋନୀତ

ଭଦ୍ରକ,(ସବ୍ୟୁ): :ନିକଟରେ ଅନୁଷ୍ଠିତ ହୋଇଯାଇଥିବା ମଣ୍ଡଳସ୍ତରୀୟ ସିବିଏସ୍‌ଇ କ୍ରିକେଟ୍ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ତଥା ଏସବିଡ଼ି. ଇଣ୍ଟରନ୍ୟାସନାଲ୍ ସ୍କୁଲର ଯୁକ୍ତ ୨ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଶ୍ରେୟାଂଶୁ ଶେଖର ପାତ୍ର ଜାତୀୟସ୍ତରୀୟ ସ୍କୁଲ କ୍ରିକେଟ୍ ପାଇଁ ମନୋନୀତ ହୋଇଛନ୍ତି । ସେ ଆସନ୍ତା ସେପ୍ଟେମ୍ବର ମାସରେ ଦିଲ୍ଲୀଠାରେ ହେବାକୁ ଥିବା ପ୍ରତିଯୋଗିତରେ ଭାଗ ନେବେ । ପୂର୍ବରୁ ସେ ଗତ ୬ଅଗଷ୍ଟରୁ ଆରମ୍ଭ ହୋଇ ୧୦ଅଗଷ୍ଟରେ କେଟି ଗ୍ଲୋବାଲ ସ୍କୁଲ,ଖୋର୍ଦ୍ଧାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶାରିରୀକ କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁଙ୍କ ତ%ାବଧାନରେ ୧୭ବର୍ଷରୁ କମ୍ ବିଭାଗରେ ଅଂଶ ଗ୍ରହଣ କରିଥିଲେ । ଏହି ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ୪ଟି ରାଜ୍ୟର ବିଭିନ୍ନ ସିବିଏସ୍‌ଇ ସ୍କୁଲରୁ ମୋଟ ୫୬ଗୋଟି ସ୍କୁଲ ଅଂଶ ଗ୍ରହଣ କରିଥିଲେ । ପଶ୍ଚିମବଙ୍ଗ,ଆସାମ,ଛତିଶଗଡ଼ ଏବଂ ଓଡ଼ିଶାର ୮୦୦ରୁ ଉର୍ଦ୍ଧ୍ୱର୍ ଖେଳାଳୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାଟି ସିବିଏସ୍‌ଇ ପ୍ରଥମଥର ଏସ୍‌ଜିଏଫଆଇ ସହିତ ଅନୁବନ୍ଧିତ କରି ଆରମ୍ଭ କରିଅଛି । ଏହି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରର୍ଦଶନ କରିଥିବା ୧୮ ଜଣ ଖେଳାଳୀଙ୍କୁ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯିବା ସହିତ ଜାତୀୟସ୍ତରକୁ ଚୟନ କରାଯାଇଛି । ଏହି ଜାତୀୟସ୍ତରର ପ୍ରତିଯୋଗିତା ସେପ୍ଟେମ୍ବର ମାସ ଦିଲ୍ଲୀ ସ୍ଥିତ ନୋଏଡ଼ାରେ ଅନୁଷ୍ଠିତ ହେବ । ଶ୍ରେୟାଂଶୁଙ୍କ ଘର ଜଗନ୍ନାଥପୁର,ଭଦ୍ରକ । ତାଙ୍କ ମାତାଙ୍କ ନାମ ସୁମିତ୍ରା ନାଥ ଏବଂ ପିତାଙ୍କ ନାମ ହିମାଂଶୁ ଶେଖର ପାତ୍ର । ସେ ବର୍ତ୍ତମାନ ଭଦ୍ରକ ଇଲେକଟ୍ରି ବିଭାଗରେ (ଟିପିଏନଓଡ଼ିଏଲ) ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ । ଏହି ସଫଳତା ହାସଲ କଲାପରେ ବିଦ୍ୟାଳୟର



ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା,ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ,ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ,ଟ୍ରଷ୍ଟିର ସମସ୍ତ ସଦସ୍ୟ,ବିଦ୍ୟାଳୟର ସମସ୍ତ ଶିକ୍ଷକଗଣ ଏବଂ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି ।

# ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା !

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି) : ଭାରତକୁ ପୁଣି ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ଅଧିକାର ମିଳିପାରେ। ପାଖାପାଖି ୨୦ ବର୍ଷ ପରେ ଭାରତ ଆଉ ଥରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହୋଇଥିଲା। ଭାରତୀୟ ଅଲିମ୍ପିକ୍ସ ସଂଘ ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛି। ୨୦୨୩ରେ ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବା ପାଇଁ ପ୍ରସ୍ତାବ ପଠାଯାଇଥିଲା। ବର୍ତ୍ତମାନ ଭାରତକୁ ଅଗଷ୍ଟ ୩୧ ସୁଦ୍ଧା ଚୂଡାନ୍ତ ବିଡ୍ ଦାଖଲ ପାଇଁ କୁହାଯାଇଛି ।ଭାରତୀୟ ଅଲିମ୍ପିକ୍ସ ସଂଘ ଯୁଗ୍ମ ସମ୍ପାଦକ କଲ୍ୟାଣ ଚୌବେ ସ୍ୱତନ୍ତ୍ର ସାଧାରଣ ବୈଠକରେ କହିଛନ୍ତି ଯେ, ଭାରତର ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ସର୍ବସମ୍ମତି କ୍ରମେ ଅନୁମୋଦନ ପାଇଛି। ଏବେ ଭାରତ ଏଥିପାଇଁ ପ୍ରସ୍ତୁତି କରିବ। ୨୦୩୦ରେ ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଗୁଜରାଟର ରାଜଧାନୀ ଅହମ୍ମଦା ବାଦରେ ଆୟୋଜିତ ହୋଇପାରେ । ଭାରତ ସହିତ କାନାଡା ମଧ୍ୟ ରାଜ୍ୟଗୋଷ୍ଠୀ




କ୍ରୀଡା ଆୟୋଜନ କରିବାକୁ ଆବେଦନ କରିଥିଲା। କିନ୍ତୁ ଏହି ଦେଶକୁ ବାଦ୍ ଦିଆଯିବା ପରେ ଭାରତ ନାଁରେ ମୋହର ଲାଗିଛି। କାର୍ଯ୍ୟନିର୍ବାହୀ ପରିସର ସଦସ୍ୟ ରୋହିତ ରାଜପାଲ କହିଛନ୍ତି ଯେ, ଯେଉଁଥିରେ ଭାରତୀୟ ଖେଳାଳିଙ୍କ ପଦକ ଜିତିବାରେ ଅଧିକ ସମ୍ଭାବନା ଥିବ ସେ ସବୁ କ୍ରୀଡାକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯିବ। ରୋହିତ ରାଜପାଲ ଆହୁରି କହିଛନ୍ତି ୨୦୨୬ରେ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହେବ ଯେଉଁଥିରେ ହକି, କୁସ୍ତି, ବ୍ୟାଡମିଣ୍ଟନ ଓ ସୁଟିଂରେ ସାମିଲ କରାଯାଇନାହିଁ। ଆଉ ଏହା ପଛରେ କାରଣ ଦର୍ଶାଯାଇଛି ଯେ, ଏଗୁଡିକର ଲୋକପ୍ରିୟତା କମ୍, ଦାମ୍ ଅଧିକ। ଟୁର୍ଣ୍ଣାମେଣ୍ଟରେ ଖେଳଗୁଡିକୁ ତିନୋଟି ଗ୍ରୁପରେ ରଖାଯାଇଛି। ପ୍ରଥମତଃ ଯେଉଁ ଖେଳଗୁଡିକ ସର୍ବଦା ଅନୁଷ୍ଠିତ ହୋଇଆସୁଛି। ଦ୍ୱିତୀୟତଃ ଆୟୋଜକ ଦେଶ ବାଛିପାରିବ। ତୃତୀୟତଃ ଅତିରିକ୍ତ ଖେଳ, ଯେଉଁଥିରେ ପାରମ୍ପରିକ ସ୍ୱଦେଶୀ ଖେଳ ଅନ୍ତର୍ଭୁକ୍ତ ହୋଇପାରିବ। ୨୦୧୦ରେ ମଧ୍ୟରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିନ କରିଥିଲା। ନୂଆଦିଲ୍ଲୀରେ ଆୟୋଜନ ହୋଇଥିଲା। ୨୦ ବର୍ଷ ପରେ ପୁଣି ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବାକୁ ଯାଉଛି।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି